ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଜାନୁୟାରୀ ୨୬/୨୦୨୨ (୮+୮=୧୬ ପୃଷ୍ଠା) | Balasore, Wednesday, January 26/2022 | ★★★★

୪୮ଶ ଭାଗ ୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ନାଡାଲ ସେମିଫାଇନାଲରେ**

ସ୍ପେନ୍ ଟେନିସ ସୁପରଷ୍ଟାର ରାଫାଲ ନାଡାଲ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୦୮

୦୭

**‘ବଧାଇ ଦୋ’ର ଟ୍ରେଲର ରିଲିଜ**

ରାଜ କୁମାର ରାଓ ଏବଂ ଭୂମି ପେଡନେକରଙ୍କ ମୁଭି ‘ବଧାଇ ଦୋ’ର ଟ୍ରେଲର ରିଲିଜ୍ ହୋଇଯାଇଛି। ଏଥିରେ ରାଜକୁମାର ପୋଲିସ ଅଫିସର ଭୂମିକାରେ ନଜର ଆସିଛନ୍ତି।



# ଓଡ଼ିଶାର ୭ ଜଣଙ୍କୁ ପଦ୍ମ

## ପ୍ରତିଭା ରାୟଙ୍କୁ ପଦ୍ମଭୂଷଣ, ଗୁରୁପ୍ରସାଦ ମହାପାତ୍ରଙ୍କୁ ମରଣୋତ୍ତର ପଦ୍ମଶ୍ରୀ

**ଦେଶରେ ୧୨୮ ପାଇବେ ପଦ୍ମ ସମ୍ମାନ**

**ନୂଆଦିଲ୍ଲୀ, ୨୫।୧**

ସାଧାରଣତନ୍ତ୍ର ଦିବସ ପୂର୍ବରୁ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପଦ୍ମ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଚଳିତ ବର୍ଷ ପଦ୍ମବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ସମ୍ମାନ ପାଇଁ ୧୨୮ ଜଣଙ୍କୁ ମନୋନୀତ କରାଯାଇଛି। ୪ ଜଣଙ୍କୁ ପଦ୍ମ ବିଭୂଷଣ, ୧୭ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୦୭ ଜଣ ପଦ୍ମଶ୍ରୀ ପୁରସ୍କାର ବିଜେତା ହୋଇଛନ୍ତି। ଗତ ମାସରେ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ବିପିନ ରାୱତଙ୍କୁ ମରଣୋତ୍ତର ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ। ପଦ୍ମ ପୁରସ୍କାର ପାଇଁ ଓଡ଼ିଶାରୁ ୭ ଜଣଙ୍କ ନାମ ଘୋଷଣା କରାଯାଇଛି। ସାହିତ୍ୟ କ୍ଷେତ୍ରରେ ଓଡ଼ିଶାର ପ୍ରତିଭା ରାୟ ପଦ୍ମଭୂଷଣ ବିଜେତା ହୋଇଛନ୍ତି। ସେହିପରି ପାରାଆଥଲେଟ୍ ପ୍ରମୋଦ ଭଗତ, କଳା କ୍ଷେତ୍ରରେ ଶ୍ୟାମାମଣି ଦେବୀ, ସାହିତ୍ୟ ଓ ଶିକ୍ଷାରେ ନରସିଂହ ପ୍ରସାଦ ଗୁରୁ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପାଇଁ ଆଦିତ୍ୟ ପ୍ରସାଦ ଦାସ ଏବଂ ସାମାଜିକ ସେବା କ୍ଷେତ୍ରରେ ଶ୍ରୀମଦ୍ ବାବା ବଳିଆଙ୍କ ନାମ ପଦ୍ମଶ୍ରୀ ପୁରସ୍କାର ପାଇଁ ଘୋଷଣା କରାଯାଇଛି। ସିଭିଲ ସର୍ଭିସ ପାଇଁ ଗୁରୁପ୍ରସାଦ ମହାପାତ୍ରଙ୍କୁ ମରଣୋତ୍ତର ପଦ୍ମଶ୍ରୀ ଦିଆଯିବ। ଆସନ୍ତା ମାର୍ଚ୍ଚ-ଏପ୍ରିଲରେ ରାଷ୍ଟ୍ରପତିଭବନରେ ଆୟୋଜିତ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ।



ପ୍ରତିଭା ରାୟ



ସ୍ୱର୍ଗତ ଗୁରୁପ୍ରସାଦ ମହାପାତ୍ର

କଳାକ୍ଷେତ୍ରରେ ମହାରାଷ୍ଟ୍ରର ପ୍ରତିଭା ଆଟ୍ରେ, ସାହିତ୍ୟ ଏବଂ ଶିକ୍ଷାରେ ଉତ୍ତରପ୍ରଦେଶର ରାଧେଶ୍ୟାମ ଖେମ୍‌କା (ମରଣୋତ୍ତର), ଉତ୍ତରପ୍ରଦେଶର ପୂର୍ବତନ ☞ପୃଷ୍ଠା-୪

## ପ୍ରଶାସନିକ ସେବା ନିୟମ ସଂଶୋଧନକୁ ଓଡ଼ିଶାର ବିରୋଧ

**ଭୁବନେଶ୍ୱର, ୨୫।୧ (ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଭାରତୀୟ ପ୍ରଶାସନିକ ସେବା ନିୟମ ସଂଶୋଧନକୁ ନେଇ ରାଜ୍ୟ ସରକାର ଆପତ୍ତି ଉଠାଇଛନ୍ତି। ଏ ନେଇ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ବିଭିନ୍ନ ରାଜ୍ୟ ଏହାକୁ ବିରୋଧ କରିବା ପରେ ଓଡ଼ିଶା ସରକାର ମଧ୍ୟ କେନ୍ଦ୍ରର ଏହି ପ୍ରସ୍ତାବରେ ସହମତ ହୋଇନାହାନ୍ତି। ପୂର୍ବ ପ୍ରଚଳିତ ନିୟମ ଲାଗୁ କରିବା ଓ ଖାଲି ଥିବା ପ୍ରଶାସନିକ ସେବା ପଦ ପୂରଣ କରିବା ପାଇଁ ରାଜ୍ୟ ସରକାର ଦାବି କରିଛନ୍ତି।

କେନ୍ଦ୍ର ଦ୍ୱାରା ଅଣାଯାଇଥିବା ସଂଶୋଧିତ ପ୍ରସ୍ତାବ ଅନୁସାରେ ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ନେବା ଲାଗି ଆଉ ରାଜ୍ୟର ଅନୁମତି ଆବଶ୍ୟକ ପଡ଼ିବ ନାହିଁ। ବର୍ତ୍ତମାନର ନିୟମ ଅନୁସାରେ କେଉଁ ଅଫିସର କେନ୍ଦ୍ରୀୟ ଡେପୁଟେଶନରେ ଯିବେ, ରାଜ୍ୟ ସରକାର ତା’ର ଏକ ତାଲିକା ପ୍ରଦାନ କରନ୍ତି। ଜାନୁୟାରୀ ୨୫ ସୁଦ୍ଧା ପକ୍ଷ ରଖିବା ଲାଗି କେନ୍ଦ୍ର ପକ୍ଷରୁ ☞ପୃଷ୍ଠା-୪


**ଧରିତ୍ରୀର ଛୁଟି**


ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ।


**ଆଜିର ମନ୍ତବ୍ୟ**


“ପରବର୍ତ୍ତୀ ସାଧାରଣ ନିର୍ବାଚନ ବେଳେ ଦେଶରେ ଯେପରି ୭୫ ପ୍ରତିଶତ ମତଦାନ ହେବ ତାହା ନିର୍ବାଚନ କମିଶନ ଓ ନାଗରିକମାନେ ସୁନିଶ୍ଚିତ କରନ୍ତୁ।

– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ସଂକ୍ଷେପରେ

### ଭାଜପା ପ୍ରାର୍ଥୀ ରୀନା କବାସି ଫେରିଲେ

**ମାଲକାନଗିରି,୨୫(ଡି.ଏନ.ଏ):** ମାଲକାନଗିରି ଜିଲା କାଲିମେଳା ଜିଲା ପରିଷଦ ଜୋନ-୨ର ଭାଜପା ପ୍ରାର୍ଥୀ ରୀନା କବାସି ସୋମବାରଠାରୁ ନିଖୋଜ ଥିବା ନେଇ ଆଲୋଚନା ଜୋର ଧରିଥିଲା। ଦଳୀୟ ନେତାମାନେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ତାଙ୍କ ପରିବାର ଲୋକେ କିଛି କହିପାରୁ ନ ଥିଲେ। ଶେଷରେ ଏନେଇ କାଲିମେଳା ଥାନାରେ ଭାଜପା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ୮ଟାରେ ପୋଲିସ ରୀନାଙ୍କ ସନ୍ଧାନ ପାଇଥିଲା। ରୀନା ସ୍ୱଇଚ୍ଛାରେ ଯାଇଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ। ଏହି ମାମଲାରେ ସେ କାହାକୁ ଦାୟୀ କରି ନ ଥିବା ବେଳେ ଏଥିରେ କାହାର ହାତ ନ ଥିବା ସେ ପ୍ରକାଶ କରିଥିବା ମାଲକାନଗିରି ଏସ୍‌ପି ନିତେଶ ୱାଧୱାନି ସୂଚନା ଦେଇଛନ୍ତି।

### ୨ ସରପଞ୍ଚ, ୩ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଦେଓଗାଁ,୨୫।୧(ଡି.ଏନ୍.ଏ.):** ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ମଙ୍ଗଳବାର ଶେଷ ହୋଇଛି। ଏହି ଦିନ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ ଦୁଇଟି ପଞ୍ଚାୟତର ସରପଞ୍ଚ ଓ ତିନୋଟି ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଗୁଡଖାପଲା ପଞ୍ଚାୟତର ଜୀବନୀ ଦାସ, ଧଣ୍ଡାମାଲ ପଞ୍ଚାୟତରେ ସଞ୍ଜୁ ଶିକା ମଇଦାନରେ ସରପଞ୍ଚ ଭାବେ ଏକମାତ୍ର ପ୍ରାର୍ଥୀ ରହିଛନ୍ତି। ସେହିପରି ଦେଓଗାଁ ପଞ୍ଚାୟତର ମୀନା କୁମାରୀ ସା, ରାମଚନ୍ଦ୍ରପୁର ପଞ୍ଚାୟତର ଶମ୍ଭୁ ଭୁଏ ଓ ମୁକୁନ୍ଦପୁର ପଞ୍ଚାୟତର ଅଭିମନ୍ୟୁ ମାଝି ସମିତି ସଭ୍ୟ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକପ୍ରକାର ପକ୍କା ହୋଇଛି। ମୋଟ୍ ୨୬ ପଞ୍ଚାୟତରେ ୧୧୪ ସରପଞ୍ଚ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବାବେଳେ ସେଥିରୁ ୧୪ ଜଣ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ସେହିପରି ୯୮ ସମିତି ସଭ୍ୟ ମଧ୍ୟରୁ ୧୩ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ୪୫୧ ୱାର୍ଡସଭ୍ୟଙ୍କ ମଧ୍ୟରୁ ୩୮ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ୧୮ ୱାର୍ଡରେ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବା ଗ୍ରାମ ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକ ସୂଚନା ଦେଇଛନ୍ତି।

### ଦଳ ଛାଡ଼ିଲେ ପୂର୍ବତନ ଜିଲା ଭାଜପା ସଭାପତି

**ବରଗଡ଼ ଅଫିସ୍,୨୫।୧:** ବରଗଡ଼ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ଭୋଟକୁ ନେଇ ରାଜନୈତିକ ଉଷ୍ମତା ବଢ଼ି ଚାଲିଛି। ଏହି ସମୟରେ ଭାଜପାର ପୂର୍ବତନ ଜିଲା ସଭାପତି ସୁକାନ୍ତ ଦାଶ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେବା ଭାଜପାକୁ ଶକ୍ତ ଝଟ୍‌କା ଭଳି ହୋଇଛି। ଦାଶ ପୂର୍ବରୁ ଦୁଇଥର ଭାଜପାର ଜିଲା ସଭାପତି ରହିଥିଲେ। ଏହାସହିତ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାନୀୟ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଭାବେ କାର୍ଯ୍ୟ ନିର୍ବାହ କରିସାରିଛନ୍ତି। ଜିଲାରେ ଦଳର ସାମ୍ପ୍ରତିକ ବ୍ୟବହାରିକ ରାଜନୀତିରେ ଅତିଷ୍ଠ ହୋଇ ସେ ଇସ୍ତଫା ଦେଇଥିବା ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସେ ଇସ୍ତଫାପତ୍ରକୁ ଦଳର ରାଜ୍ୟ ସଭାପତିଙ୍କ ପାଖକୁ ପଠାଇଛନ୍ତି।

### ୩ ସନ୍ତାନ ଥିବା ସରପଞ୍ଚ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ଦାବି

**ସାକ୍ଷୀଗୋପାଳ,୨୫।୧(ଡି.ଏନ୍.ଏ.):** ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ବଳରାମପୁର ଗଡ଼ ପଞ୍ଚାୟତର ୩ ସନ୍ତାନର ଜନନୀ ଥିବା ପୁଷ୍ପା ମାନସିଂ ବେଆଇନ ଭାବେ ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି। ଏ ନେଇ ପୁରୀ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ତାଙ୍କର ଜଣେ ପ୍ରତିଦ୍ୱନ୍ଦ୍ୱୀ ବିଷ୍ଣୁପ୍ରିୟା ସ୍ୱାଇଁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁଷ୍ପାଙ୍କ ନାମାଙ୍କନ ପତ୍ର ନାକଚ କରିବାକୁ ସେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚଳିତବର୍ଷ ପ୍ରକାଶିତ ଭୋଟର ତାଲିକା ସରକାରୀ ତଥ୍ୟ ଅନୁଯାୟୀ ପୁଷ୍ପାଙ୍କର ଦୁଇଟି ପୁତ୍ର ଓ ଗୋଟିଏ କନ୍ୟା ଥିବାବେଳେ ଦୁଇଟି ସନ୍ତାନ ନିୟମକୁ ଉଲ୍ଲଂଘନ କରିବା ଏବଂ ସତ୍ୟପାଠରେ ତଥ୍ୟ ଗୋପନ ରଖିବା ନିର୍ବାଚନ ଆଇନର ଦଣ୍ଡନୀୟ ଅପରାଧ ବୋଲି ବିଷ୍ଣୁପ୍ରିୟା ଅଭିଯୋଗରେ ଦର୍ଶାଇଛନ୍ତି।

# ୟୁପିରେ କଂଗ୍ରେସକୁ ଝଟକା

**ନୂଆଦିଲ୍ଲୀ,୨୫।୧**

## ପଦ୍ମ ଧରିଲେ ଆର୍‌ପିଏନ୍ ସିଂ



ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆର୍‌ପିଏନ୍ ସିଂ ମଙ୍ଗଳବାର କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଜିତିନ ପ୍ରସାଦ ହାତ ଛାଡ଼ି ପଦ୍ମ ଧରିବା ପରେ କଂଗ୍ରେସ ପାଇଁ ଏହା ହେଉଛି ଦ୍ୱିତୀୟ ବଡ଼ ଝଟ୍‌କା। ଜିତିନ ଗତବର୍ଷ ଭାଜପାରେ ଯୋଗଦେବା ପରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ କ୍ୟାବିନେଟରେ ତାଙ୍କୁ ମନ୍ତ୍ରୀପଦ ମିଳିଛି।

କଂଗ୍ରେସର ଝାଡ଼ଖଣ୍ଡ ପ୍ରଭାରୀ ଆର୍‌ପିଏନ୍ ସିଂ ଦଳୀୟ ସଦସ୍ୟତା ତ୍ୟାଗ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ଆର୍‌ପିଏନ୍ ପଠାଇଥିବା ନିଜ ଇସ୍ତଫାପତ୍ରରେ ଲେଖିଛନ୍ତି, ଦେଶ, ଜନତା ଓ ଦଳ ପାଇଁ କାର୍ଯ୍ୟ କରିବାର ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଏହା ପୂର୍ବରୁ ଆର୍‌ପିଏନ୍ ଉତ୍ତର ପ୍ରଦେଶର ପଦ୍‌ରଉନା ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରୁଥିଲେ। ସେ ୨୦୧୯ ଲୋକ ସଭା ନିର୍ବାଚନରେ କୁଶୀନଗର ଆସନରେ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କୁ ପରାଜିତ କରିଥିଲେ। କଂଗ୍ରେସ ପକ୍ଷରୁ ସୋମବାର ଜାରି କରାଯାଇଥିବା ୩୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକାରେ ଆର୍‌ପିଏନ୍ ସ୍ଥାନ ପାଇଥିଲେ। ଭାଜପାରେ ମିଶିବା ପରେ ସେ ଟୁଇଟ୍ କରିଛନ୍ତି, ଏହା ଏକ ନୂଆ ଆରମ୍ଭ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ସେ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି ଆର୍‌ପିଏନ୍ କହିଛନ୍ତି। ତେବେ ଏହାକୁ ନେଇ କଂଗ୍ରେସ ତାଚ୍ଛଲ୍ୟ କରିଛି।

## ଭୀରୁମାନେ ଏହି ଯୁଦ୍ଧ ଲଢ଼ିପାରିବେନି: ପ୍ରିୟଙ୍କା

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ୟୁପି ଯୁଦ୍ଧ ଲଢ଼ିବା ପାଇଁ ଯେଉଁ ସାହସ ଓ ଧୈର୍ଯ୍ୟ ଦରକାର ତାହା ଆର୍‌ପିଏନ୍ ସିଂଙ୍କ ଭଳି ଭୀରୁଙ୍କ ପାଖରେ ନାହିଁ। ପ୍ରକାଶ ଯେ, ୪୦୩ ଆସନ ବିଶିଷ୍ଟ ୟୁପି ବିଧାନସଭା ନିର୍ବାଚନ ୭ ପର୍ଯ୍ୟାୟରେ ହେବ। ଫେବୃୟାରୀ ୧୦,୧୪,୨୦,୨୩,୨୭ ଏବଂ ମାର୍ଚ୍ଚ ୩, ୭ରେ ମତଦାନ ହେବାକୁ ଥିବାବେଳେ ମାର୍ଚ୍ଚ ୧୦ରେ ଭୋଟ ଗଣତି କରାଯିବ।



ପଟିଆଲାସ୍ଥିତ କାଳୀମାତା ମନ୍ଦିର ଦର୍ଶନ କରିବାକୁ ଯାଉଛନ୍ତି ପଞ୍ଜାବର ଏଏପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭଗୱନ୍ତ ମାନ୍।

## ଭୋଟ୍ ବର୍ଜନ କରିବେ ଗ୍ରାମବାସୀ

### ନେଟୱର୍କ ପାଇଁ ପାଠପଢ଼ାରେ ବାଧା

**ପଦ୍ମପୁର,୨୫।୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜମରତଲା ଗ୍ରାମରେ ନେଟୱର୍କ ଆସୁ ନ ଥିବାରୁ ଗ୍ରାମବାସୀ ହଇରାଣ ହେଉଛନ୍ତି। କୌଣସି ଆକସ୍ମିକ ଦୁର୍ଘଟଣା ହେଲେ ପ୍ରଶାସନ, ସମ୍ପର୍କୀୟଙ୍କୁ ଖବର ଦେବାରେ ବହୁ ଅସୁବିଧା ହେଉଛି। ବର୍ତ୍ତମାନ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଛାତ୍ରୀଛାତ୍ରମାନେ ମୋବାଇଲ ମାଧ୍ୟମରେ ପାଠ ପଢୁଛନ୍ତି। ନେଟୱର୍କ ନ ଥିବାରୁ ପାଠ ପଢିବା ବନ୍ଦ ହୋଇଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନେକ ଥର ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ନେଟୱର୍କ ନାହିଁ ତ ଭୋଟ ନାହିଁ ବୋଲି ଗ୍ରାମର ପ୍ରଦୀପ ପଣ୍ଡା, ଅଶ୍ୱିନୀ ସାହୁ, କୈଳାସ କୁମ୍ଭାର, ନରେନ ସାହୁ, ଦଶରଥ ବରିହା, ଟେଙ୍ଗନୁ ସାହୁ, ଅକ୍ଷୟ ସାହୁ ପ୍ରମୁଖ ଉପଜିଲାପାଳଙ୍କୁ ଜଣାଇଛନ୍ତି।

# ଇଞ୍ଜିନିୟର ଚାଷୀ ସମିତିସଭ୍ୟ ପ୍ରାର୍ଥୀ

**ବିଷମକଟକ,୨୫।୧(ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନରେ ଲଢ଼ି ଅଞ୍ଚଳବାସୀଙ୍କ ସେବା କରିବା ଲକ୍ଷ୍ୟ। ଗାଁରେ ରହି ଅଞ୍ଚଳର ବିକାଶ ପାଇଁ କାମ କରିବାକୁ ପୂର୍ବରୁ ରେଲୱେ ଚାକିରି ସୁଯୋଗକୁ ମଧ୍ୟ ଛାଡ଼ି ଦେଇଛନ୍ତି। ସେ ହେଲେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ କାଙ୍ଗୁବାଡ଼ି ପଞ୍ଚାୟତ ଡେଗାଲ ବୁଡୁଣି ଗ୍ରାମର ଆଦିବାସୀ ଯୁବକ ଅକ୍ଷୟ କୁମାର ହିକ୍‌କା।

୨୦୧୧ରେ ଯୁକ୍ତ୨ ପାଠପଢ଼ା ସରିବା ପରେ ଅକ୍ଷୟ ଭୁବନେଶ୍ୱରରେ ରହି ବି. ଟେକ୍ ପଢ଼ିଥିଲେ। ୨୦୧୬ରେ ଗାଁକୁ ଫେରି ଚାଷ କରୁଥିଲେ। ସରକାରୀ ଏବଂ ବେସରକାରୀ ଚାକିରି ବଦଳରେ ଅଞ୍ଚଳର ଉନ୍ନତି ଚିନ୍ତା କରିଥିଲେ। ଚଳିତ ପଞ୍ଚାୟତ ନିର୍ବାଚନକୁ ଏକ ସୁଯୋଗ ଭାବି ବିଷମକଟକ ବ୍ଲକ କାଙ୍ଗୁବାଡ଼ି ପଞ୍ଚାୟତରୁ ସ୍ୱାଧୀନ ଭାବେ ସମିତି ସଭ୍ୟ ଆସନ ପାଇଁ ସେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ପ୍ରାର୍ଥିପତ୍ର କାଏମ ରହିଥିବାବେଳେ ଏବେ ସେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଥିବା କହିଛନ୍ତି।

କାଙ୍ଗୁବାଡ଼ି ପଞ୍ଚାୟତରେ ବିଗତ ୧୦ ବର୍ଷ ମଧ୍ୟରେ ନିର୍ବାଚନ ଲଢ଼ି ଆସନ ହାତେଇଥିବା ପ୍ରତିନିଧିମାନେ ଅଞ୍ଚଳର ବିକାଶ ପାଇଁ କୌଣସି କାମ କରିନାହାନ୍ତି। କେବଳ ପ୍ରତିଶ୍ରୁତିରେ ପଛୁଆ ଅଞ୍ଚଳର ବିକାଶ ଅଟକିଯାଇଛି। ଅନେକ ଗ୍ରାମରେ ଆବାସ ଗୃହ ଯୋଜନା, ସାମାଜିକ ମଙ୍ଗଳ ଯୋଜନା, ବିଜୁଳି, ଷ୍ଟ୍ରିଟ୍ ଲାଇଟ୍, ପାନୀୟ ଜଳ ପରି ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଆଦିବାସୀ ପିଲାଙ୍କ ଶିକ୍ଷା ପାଇଁ ରହିଥିବା ସରକାରୀ ସୁବିଧା ବିଷୟରେ ଅଞ୍ଚଳବାସୀ ଅବଗତ ନୁହନ୍ତି। ଅଞ୍ଚଳର ଛାତ୍ରୀଛାତ୍ରଙ୍କ ନିକଟରେ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବା ଲକ୍ଷ୍ୟ ନେଇ କୌଣସି ଦଳର ସହଯୋଗ ନ ନେଇ ସ୍ୱାଧୀନ ଭାବେ ଲଢ଼ିବାକୁ ଆଗକୁ ଆସିଥିବା ଅକ୍ଷୟ କହିଛନ୍ତି।



ଅକ୍ଷୟ।

# ୮୧ ବର୍ଷୀୟା ସରପଞ୍ଚ ପ୍ରାର୍ଥିନୀ

**ବରୀ,୨୫।୧(ଡି.ଏନ.ଏ.)**



ଜାନକୀ ସାମଲ

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ଭାବେ ଏଥର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ୮୧ ବର୍ଷୀୟା ମହିଳା ଜାନକୀ ସାମଲ। ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ସେ ମନ ବଳାଇଛନ୍ତି। ସେ କହିଛନ୍ତି, ମୁଁ ମାଟିର, କେଉଁ ଦଳର ନୁହେଁ। ପରିଣତ ବୟସରେ ମୋ ମା'ମାଟିର ସେବା ପାଇଁ ନିର୍ବାଚନ ମଇଦାନକୁ ଆସିଛି। ବିଗତ ଦିନରେ ଉକ୍ତ ପଞ୍ଚାୟତ ଏକ ଲୋକପ୍ରିୟ ପଞ୍ଚାୟତ ଥିଲା। କିନ୍ତୁ ଦାୟିତ୍ୱରେ ରହୁଥିବା ଲୋକପ୍ରତିନିଧିମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହି ପଞ୍ଚାୟତରେ ଅଦ୍ୟାବଧି ଉନ୍ନୟନମୂଳକ କାର୍ଯ୍ୟ ସମ୍ପନ୍ନ ହୋଇପାରି ନାହିଁ। ଏବେବି ପଞ୍ଚାୟତର ଲୋକେ ପାନୀୟ ଜଳ, ଗମନାଗମନ ଓ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଉନ୍ନତିମୂଳକ ଯୋଜନାର ସୁବିଧା ପାଇପାରୁନାହାନ୍ତି। ଯଦି ଲୋକେ ଜନପ୍ରତିନିଧି ଭାବେ ତାଙ୍କୁ ନିର୍ବାଚିତ କରନ୍ତି, ତାହେଲେ ସରକାରୀ ଅନୁଦାନର ସୁବିନିଯୋଗ ଓ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବେ ବୋଲି ସେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

# ବିରୋଧୀଙ୍କ ପ୍ରତି ରକ୍ତମୁଖା ସାଜିଛି ବିଜେଡି: ଭାଜପା

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନ ଆରମ୍ଭ ହେବା ଆଗରୁ ବିଜେଡି ରକ୍ତମୁଖା ସାଜି ବିରୋଧୀଙ୍କ ପ୍ରତି ହିଂସାତ୍ମକ ଆକ୍ରମଣ ଆରମ୍ଭ କରିଦେଇଛି । ଗଣତାନ୍ତ୍ରିକ ପଦ୍ଧତିରେ ଭାଜପା ପ୍ରାର୍ଥୀମାନେ ଲୋକଙ୍କ ପାଖକୁ ଯାଇ ନିର୍ବାଚନ ଲଢୁଥିବାବେଳେ ବିଜେଡି ସରକାରୀ କଳ ଓ ବଳକୁ ଅପବ୍ୟବହାର କରି ରାଜ୍ୟରେ ଏକ ଅଗଣତାନ୍ତ୍ରିକ ବାତାବରଣ ସୃଷ୍ଟି କରୁଛି। ଭାଜପା ପ୍ରାର୍ଥୀଙ୍କୁ ବିଜେଡିର ଗୁଣ୍ଡାମାନେ ଧମକ, ଭୟଭୀତ ଓ ମରଣାନ୍ତକ ଆକ୍ରମଣ କରି ନିର୍ବାଚନରୁ ଓହରିଯିବା ପାଇଁ ବାଧ୍ୟ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ମଙ୍ଗଳବାର ଭାଜପାର ଏକ ଟିମ୍ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଅଭିଯୋଗ କରିଛି ଯେ, ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ପ୍ରାରମ୍ଭରୁ ଗଞ୍ଜାମ ଜିଲାର ଚିକିଟିଠାରେ ବିଜେଡିର ଗୁଣ୍ଡାମାନେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ମରଣାତ୍ମକ ଆକ୍ରମଣ କରିଥିଲେ। ସେହିପରି ସମାନ ଢଙ୍ଗରେ ଝାରସୁଗୁଡ଼ା ଜିଲା ଲଇକେରା ଜୋନ୍ ନଂ.୧ ଭାଜପା ପ୍ରାର୍ଥୀ ସବ୍ୟସିନୀ ପ୍ରଧାନ ଏବଂ ମଣ୍ଡଳ ସଭାପତି ପ୍ରଦୀପ ପ୍ରଧାନଙ୍କ ପାକେଲଖୋଲସ୍ଥିତ ତାଙ୍କ ଘରେ ପଶି ବିଜେଡିର ଗୁଣ୍ଡାମାନେ ନାମାଙ୍କନ ପ୍ରତ୍ୟାହାର କରିବାକୁ କହିଥିଲେ। ଏହି ଘଟଣାରେ ଗତ ୨୩ରୁ ଏତଲା ଦିଆଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ରାଜ୍ୟ ନିର୍ବାଚନ କମିଶନ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ଭାଜପା ଦାବି କରିଛି।

# କୋଟିଆରେ ହେବ ନିର୍ବାଚନ

**କୋରାପୁଟ,୨୫।୧(ସ୍ୱ.ପ୍ର.)**

## ଫେଲ୍ ମାରିଲା ସର୍ବଦଳୀୟ ରଣନୀତି

### ପଟ୍ଟାଙ୍ଗୀ ୧ ନଂ. ଜୋନ୍ ଜିଲା ପରିଷଦରେ ୨ ସ୍ୱାଧୀନ ପ୍ରାର୍ଥୀ

କୋରାପୁଟ ଜିଲାର କୋଟିଆକୁ ନେଇ ଫେଲ୍ ମାରିଛି ସର୍ବଦଳୀୟ ରଣନୀତି। ବର୍ତ୍ତମାନ କୋଟିଆରେ ତ୍ରିସ୍ତରୀୟ ନିର୍ବାଚନ ହେବ। ପଟ୍ଟାଙ୍ଗୀ ଜିଲା ପରିଷଦ ଜୋନ୍-୧ ପାଇଁ ପୂର୍ବରୁ ସବିନା ବୁଡିଆ, ଟିକାଇ ଗେମେଲ ଓ ସର୍ବଦଳୀୟ ପ୍ରାର୍ଥୀ ମମତା ଜାନି ସ୍ୱାଧୀନ ପ୍ରାର୍ଥୀ ରହିଥିଲେ। ମଙ୍ଗଳବାର ସବିନା ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ଟିକାଇ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ ବୋଲି ମଙ୍ଗଳବାର ଅପରାହ୍ନ ଯାଏ କଳ୍ପନାଜଳ୍ପନା ଜାରି ରହିଥିଲା। ତେବେ ଶେଷ ମୁହୂର୍ତ୍ତରେ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ ନାହିଁ ବୋଲି ଘୋଷଣା କରିଥିଲେ। ତାଙ୍କୁ ଉପଜିଲାପାଳ ଲଳିତ କୁମାର କହଁର ବୋତଲ ଚିହ୍ନ ପ୍ରଦାନ କରିଥିଲେ। ସେହିପରି ମମତା ଜାନିଙ୍କୁ ଯୋଡ଼ି ନାଗରା ଚିହ୍ନ ମିଳିଛି। କୋଟିଆ ଅଞ୍ଚଳର ବିକାଶ ପାଇଁ କାମ କରିବେ। ତାଙ୍କ ପ୍ରତି ଦୋରା ଓ କମାର ସମାଜର ସମର୍ଥନ ରହିଛି ବୋଲି ଟିକାଇ କହିଛନ୍ତି। ଅନ୍ୟପକ୍ଷରେ ମମତା ମାଟି ମାଆର ସୁରକ୍ଷା ସହିତ କୋଟିଆ ଅଞ୍ଚଳର ସାମଗ୍ରିକ ବିକାଶ କରିବା ଲାଗି ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଛନ୍ତି। ସର୍ବଦଳୀୟ ନିଷ୍ପତ୍ତି ମୁତାବକ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। କୋଟିଆରେ ଜିଲା ପରିଷଦ ଜୋନ୍ ନିମନ୍ତେ କେବଳ ସର୍ବଦଳୀୟ ପ୍ରାର୍ଥୀ ଦେବା ପାଇଁ ଆମେ ୩ ପ୍ରମୁଖ ଦଳ ପକ୍ଷରୁ ନିଷ୍ପତ୍ତି ନେଇଥିଲୁ। ମାତ୍ର ଟିକାଇ ନିର୍ବାଚନ ଲଢ଼ିବେ ବୋଲି ଜିଦ୍ ଧରିବା ପରେ ଏବେ ପଟ୍ଟାଙ୍ଗୀ ଜୋନ୍-୧ରେ ଦୁଇ ସ୍ୱାଧୀନ ପ୍ରାର୍ଥିନୀଙ୍କ ମଧ୍ୟରେ ନିର୍ବାଚନ ହେବ ବୋଲି ଜିଲା ବିଜେଡି ସଭାପତି ତଥା ସର୍ବଦଳୀୟ କମିଟି ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ କହିଛନ୍ତି।



ମମତା ଜାନୀ

# ମଇଦାନରେ ରହିଲେ ୨୬୦ ପ୍ରତିଦ୍ୱନ୍ଦ୍ୱୀ

**ରାଜଗାଙ୍ଗପୁର,୨୫।୧(ଡି.ଏନ.ଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜଗାଙ୍ଗପୁର ବ୍ଲକରେ ମଙ୍ଗଳବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଥିଲା। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ବିଭିନ୍ନ ପଦବୀ ପାଇଁ ୨୬୦ ଜଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜଣାପଡିଛି। ସେଥିମଧ୍ୟରେ ସରପଞ୍ଚ ୧୦୬, ସମିତି ସଭ୍ୟ ୮୧ ଓ ୱାର୍ଡମେମ୍ବର ପାଇଁ ୭୩ ଜଣ ରହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅବସରପ୍ରାପ୍ତ ଅଫିସରଙ୍କ କ୍ଲବ୍ ପାଲଟିଛି: କଂଗ୍ରେସ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ନବୀନ ପଟ୍ଟନାୟକ ଦେଶରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ କିନ୍ତୁ ଓଡ଼ିଶା ଗରିବୀରେ ପ୍ରଥମ। ମୁଖ୍ୟମନ୍ତ୍ରୀ ଲୋକପ୍ରିୟ କିନ୍ତୁ ତାଙ୍କର ନିଜ ଜିଲା ଦାଦନ ଖଟିଯିବାରେ ଆଗରେ ରହିଛି। ବହୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅବସର ନେବାପରେ ଏବେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ଅବସ୍ଥାପିତ ହୋଇଛନ୍ତି। କରୋନା ଆଳ ଦେଖାଇ ମୁଖ୍ୟମନ୍ତ୍ରୀ ନବୀନ ନିବାସ ଭିତରେ ୨ ବର୍ଷ ଧରି ଲୁଚି ରହିଛନ୍ତି। ନିର୍ବାଚନୀ କାର୍ଯ୍ୟ ଓ କଳିଙ୍ଗ ଷ୍ଟାଡିୟମ ଗଲେ କରୋନା ହେଉନାହିଁ। ନିଜ ସରକାରର ମନ୍ତ୍ରୀ ଓ ନିଜ ଦଳର ବିଧାୟକଙ୍କ ଭିତରେ ବିଧାନସଭାରେ ତାଙ୍କୁ କରୋନା ହେବାର ଭୟ ହେଉଛି। ଯାହା ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବେ କେତେଜଣ ଅବସରପ୍ରାପ୍ତ ଅଫିସରଙ୍କର କ୍ଲବ ହାଉସ ଓ କଫି ସେଣ୍ଟରରେ ପରିଣତ ହୋଇଛି। ଏହି ଅବସରପ୍ରାପ୍ତ ବିବାଦୀୟ ଅଫିସରଙ୍କ ମଉଜମଜଲିସ୍ ପାଇଁ ସରକାରୀ ତହବିଲ୍‌ରୁ ବ୍ୟାପକ ଅର୍ଥ ବ୍ୟୟ କରାଯାଉଛି। ଏମାନଙ୍କ ମାଧ୍ୟମରେ ବିଭିନ୍ନ କଣ୍ଟ୍ରାକ୍ଟର, କମ୍ପାନୀ ମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଉଛି। ଯଦି ସରକାରଙ୍କ ଶିଳ୍ପ ନୀତି କିଛି କାର୍ଯ୍ୟକ୍ରମ ନେବାର ଥିଲା ତେବେ ଶିଳ୍ପ ସଚିବ ମାଧ୍ୟମରେ କରାଇପାରିଥାନ୍ତେ। ଗୋଟେପଟେ ରାଜ୍ୟର ଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ରାଜ୍ୟ ସରକାର ଅବସରପ୍ରାପ୍ତ ମାନଙ୍କୁ ପୁନଃନିଯୁକ୍ତି ଦେଇ ପ୍ରଶାସନିକ ବ୍ୟବସ୍ଥାକୁ ମାରି ଦେବାର ବିଧିବଦ୍ଧ ଷଡ଼ଯନ୍ତ୍ର ଚାଲିଛି କି ବୋଲି ମନୋଜ କହିଛନ୍ତି।



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

# ଜିଲା ପରିଷଦ ପ୍ରାର୍ଥିନୀଙ୍କ ଶାଶୁଙ୍କୁ କାନ୍ଧ ଦେବାକୁ ଆସିଲେନି

**ଦେଓଗାଁ,୨୫।୧(ଡି.ଏନ୍.ଏ.)**

## ସଂଘ ନିଷ୍ପତ୍ତି ମାନି ନାମାଙ୍କନ ପ୍ରତ୍ୟାହାର କଲେନି ବୋଲି

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୨ନଂ. ଜିଲା ପରିଷଦ ଜୋନ୍ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ଜୋନ୍ ପାଇଁ ହାତୀସରା ପଞ୍ଚାୟତର ମମତା କୁମୁରାଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଚଳିତ ତ୍ରିସ୍ତରୀୟ ନିର୍ବାଚନରେ ଅନୁସୂଚିତ ଜନଜାତିଙ୍କୁ ସରକାର ଅଣଦେଖା କରିଥିବା ଅଭିଯୋଗ କରି ଆଦିବାସୀ ସଂଘ ପକ୍ଷରୁ ତାଙ୍କୁ ନାମାଙ୍କନ ପ୍ରତ୍ୟାହାର କରିବାକୁ କୁହାଯାଇଥିଲା। ହେଲେ ସେ ନାମାଙ୍କନ ପ୍ରତ୍ୟାହାର କରି ନ ଥିଲେ। ଏହି କ୍ରମରେ କୁମୁରାଙ୍କ ଶାଶୁଙ୍କର ମଙ୍ଗଳବାର ବଲାଙ୍ଗୀରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତଦେହ ଅପରାହ୍ନ ୨ଟାରେ ଡାକ୍ତରଖାନାରୁ ହାତୀସରାସ୍ଥିତ ନିଜ ଘରକୁ ଅଣାଯାଇଥିଲା। ହେଲେ ସତ୍କାର ଆଦି କାର୍ଯ୍ୟ ପାଇଁ ଗୋଣ୍ଡ ଆଦିବାସୀ ସମାଜ ପକ୍ଷରୁ ତାଙ୍କ ଘରକୁ କେହି ଯାଇ ନ ଥିଲେ। ଫଳରେ ମୃତଦେହ ୪ ଘଣ୍ଟା ଧରି ପଡି ରହିଥିଲା। ଶେଷରେ ପରିବାର ଲୋକେ ନିଜେ ନେଇ ସତ୍କାର କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋଣ୍ଡ ସମାଜର ବ୍ଲକ ସଭାପତି ସୁରଥ ଧରୁଆଙ୍କୁ ପଚାରିବାରୁ ସଂଘ ନିଷ୍ପତ୍ତି ଅନୁସାରେ ମମତା ପ୍ରାର୍ଥିପତ୍ର ପ୍ରତ୍ୟାହାର ନ କରିବାରୁ ସମାଜ ତଥା ଆଦିବାସୀ ସଂଘ ସତ୍କାର କାର୍ଯ୍ୟରେ ସହଯୋଗ କରି ନ ଥିଲା ବୋଲି କହିଛନ୍ତି।

# ନାକଟିଦେଉଳ ବ୍ଲକ: ୬୧ ପ୍ରାର୍ଥିପତ୍ର ପ୍ରତ୍ୟାହୃତ

**ନାକଟିଦେଉଳ,୨୫।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକରେ ମଙ୍ଗଳବାର ଅନ୍ତିମ ଦିବସରେ ୬୧ଜଣ ସେମାନଙ୍କର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ବ୍ଲକର ୧୭୫ ୱାର୍ଡ଼ ସଭ୍ୟ ପାଇଁ ୩୬୧ ପ୍ରାର୍ଥିପତ୍ର ଦାଖଲ ହୋଇଥିବା ବେଳେ ୩୫୩ଟି କାଏମ ରହିଥିଲା। ଏଥିରୁ ୫୦ଜଣ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ସେହିପରି ୧୪ ସରପଞ୍ଚ ପଦ ପାଇଁ ୫୭ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ୫୬ଟି କାଏମ ରହିଥିଲା। ସେଥିରୁ ୩ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେବା ପରେ ଆଉ ୫୩ଜଣ ମଇଦାନକୁ ଓହ୍ଲାଇଛନ୍ତି। ୧୪ ସମିତିସଭ୍ୟ ପଦ ପାଇଁ ୬୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସମସ୍ତଙ୍କର କାଏମ ରହିଥିଲା। ତେବେ ୮ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେବା ପରେ ୫୮ଜଣ ନିର୍ବାଚନକୁ ସାମ୍ନା କରିବେ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୫,୬୭,୩୬,୯୫୮ | ୫୬,୨୬,୦୨୫ | ୨୮,୨୮,୯୬,୬୮୪ |
| ଭାରତ | ୩,୯୭,୯୯,୨୦୨ | ୪,୯୦,୪୬୨ | ୩,୭୦,୭୧,୮୯୮ |
| ଓଡ଼ିଶା | ୧୨,୧୭,୮୪୨ | ୮୫୩୨(+୫୩) | ୧୧,୪୨,୧୬୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବାରିପଦାରେ କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଅଧିକାରୀ

**୨ ଅଫିସରଙ୍କୁ କେନ୍ଦ୍ରମନ୍ତ୍ରୀ ମାଡ଼ ମାରିବା ଘଟଣା**

**ବାରିପଦା ଅଫିସ, ୨୫।୧:** କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ନିଜ କାର୍ଯ୍ୟାଳୟକୁ ଡକାଇ ୨ ଅଧିକାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏବେ ଏହି ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି। ମଙ୍ଗଳବାର ଭୁବନେଶ୍ୱରରୁ କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାର ୩ ଅଧିକାରୀ ବାରିପଦାକୁ ତଥ୍ୟ ସଂଗ୍ରହ ପାଇଁ ଆସିଥିଲେ। ସେମାନେ କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କ ବାରିପଦାସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ରିପୋର୍ଟ ସଂଗ୍ରହ କରି ଫେରିଥିବା ସୂଚନା ମିଳିଛି।

### ୯ରେ ଓଏସ୍‌ଏସ୍‌ଟିଇଟି

**୩୩୮ କେନ୍ଦ୍ରରେ ପରୀକ୍ଷା ଦେବେ ୭୨,୨୮୨ ପରୀକ୍ଷାର୍ଥୀ**

**କଟକ ଅଫିସ,୨୫।୧:** ଆସନ୍ତା ଫେବୃୟାରୀ ୯ ତାରିଖରେ ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍‌ଏସ୍‌ଟିଇଟି)ର ଦ୍ୱିତୀୟ ପରୀକ୍ଷା ହେବ। ଏନେଇ ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ପାଇଁ ୭୨,୨୮୨ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଛନ୍ତି। ରାଜ୍ୟର ୩୩୮ କେନ୍ଦ୍ରରେ ଦୁଇଟି ସିଟିଂରେ ଏହି ପରୀକ୍ଷା ହେବ। ପୂର୍ବାହ୍ନ ୯ଟାରୁ ୧୧.୩୦ ପ୍ରଥମ ପେପର ଓ ଅପରାହ୍ନ ୧ରୁ ୩.୩୦ ପର୍ଯ୍ୟନ୍ତ ଦ୍ୱିତୀୟ ପେପର ପରୀକ୍ଷା ହେବ। ପରୀକ୍ଷାର୍ଥୀମାନେ ନିଜର ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟରୁ ଡାଉନ୍‌ଲୋଡ୍ କରିପାରିବେ। ପରୀକ୍ଷାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଯଦି ଲେଖିବା କିମ୍ବା ପଢ଼ିବା ପାଇଁ ଅକ୍ଷମ ଥିବେ, ତା'ହେଲେ ସେମାନେ ଆସନ୍ତା ୪ ତାରିଖ ପୂର୍ବରୁ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଯୋଗାଯୋଗ କରିପାରିବେ। ଏହାଦ୍ୱାରା ସେମାନଙ୍କ ପାଇଁ କେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରିବ।

### କିରାଣିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବଲାଙ୍ଗୀର ଅଫିସ,୨୫।୧:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଟିମ୍ ମଙ୍ଗଳବାର ଆଗଲପୁର ବ୍ଲକ ମୁଖ୍ୟ କିରାଣି ପ୍ରଫୁଲ୍ଲ କୁମାର ସାଙ୍କ ବଲାଙ୍ଗୀର ସହର ଗାନ୍ଧୀନଗରପଡ଼ା ଏବଂ ହାଟପଦାପଡ଼ା ଘରେ ଚଢ଼ାଉ କରିଛି। ଏଥିସହିତ ଆଗଲପୁର ବ୍ଲକ ଅଫିସରେ ମଧ ସମାନ୍ତରାଳ ଭାବେ ଚଢ଼ାଉ କରାଯାଇଛି। ହାଟପଦାପଡ଼ାରେ ଏକ ଦ୍ୱିତଳ କୋଠାଘର, ଗାନ୍ଧୀନଗରପଡା ଠାରେ ଥିବା ଦ୍ୱିତଳ କୋଠାଘରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ପରେ ସମୁଦାୟ ସମ୍ପତ୍ତି ୧ କୋଟି ୨୮ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେଥିରୁ ୮୮ ଲକ୍ଷ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୋନପୁର ଭିଜିଲାନ୍ସ ଡିଏସ୍‌ପି ତୁଷାର ମହାପାତ୍ରଙ୍କ ନେତୃତ୍ୱରେ ସମ୍ବଲପୁର, ସୋନପୁର ଓ ବଲାଙ୍ଗୀର ଭିଜିଲାନ୍ସ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ। ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ୱାରେଣ୍ଟ ବଳରେ ମୁଖ୍ୟ କିରାଣି ସାଙ୍କ ଘର ଓ ଅଫିସ୍‌ରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା।

### ୬୫ ପାନବରଜ ଉଚ୍ଛେଦ



**କୁଜଙ୍ଗ,୨୫।୧(ଡି.ଏନ୍.ଏ.):** ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ପାନବରଜ ଭଙ୍ଗା, ଜମି ଅଧିଗ୍ରହଣ ଓ ଫଳନ୍ତି ଗଛ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସହମତି ଭିତ୍ତିରେ ୬୫ ପାନବରଜ ଉଚ୍ଛେଦ କରାଯାଇଛି। ଡିସେମ୍ବର ୨୨ ତାରିଖରୁ ପାନବରଜ ଭାଙ୍ଗି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ୪୮.୪୫ ଏକର ଜମି ଅଧିଗ୍ରହଣ କରାଯିବା ସହ ୮ହଜାରରୁ ଊର୍ଦ୍ଧ୍ୱ ଗଛ ଚିହ୍ନଟ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅଦ୍ୟାବଧି ୫୯୫ଜଣ ହିତାଧିକାରୀଙ୍କ ୬୨୪ ପାନବରଜ ମାପଚୁପ କରାଯାଇଥିବାବେଳେ ସେଥିରୁ ୫୬୮ ଭଙ୍ଗାଯାଇଛି। ଏଥିସହ ୪୨୨ ହିତାଧିକାରୀଙ୍କୁ କ୍ଷତିପୂରଣ ରାଶି ବାବଦରେ ୧୦ କୋଟି ୨୯ ଲକ୍ଷ ୫୯ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ କହିଛନ୍ତି।




# ପୁଣି ଜଣେ ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ

**ପୁରୀ ଅଫିସ, ୨୫।୧**

ପୁରୀ ଟାଉନଥାନା ଅଞ୍ଚଳରେ ଗତ ରବିବାର ଜଣେ ୫ ବର୍ଷର ଶିଶୁ କନ୍ୟାକୁ ବଳାତ୍କାର କରାଯିବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ମଙ୍ଗଳବାର ଆଉ ଏକ ଅଭିଯୋଗ ସାମ୍ନାକୁ ଆସିଛି। ବଳିଆପଣ୍ଡା ଥାନା ଅଞ୍ଚଳରେ ଆଉ ଜଣେ ୫ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ

**୩ ଦିନ ମଧ୍ୟରେ ୩ ଘଟଣା**

ହୋଇଛି। ରବିବାର ବଳାତ୍କାରର ଶିକାର ହୋଇଥିବା ଶିଶୁକନ୍ୟା କଟକ ଏସ୍‌ସିବିରୁ ଡିସ୍‌ଚାର୍ଜ ହୋଇଥିବାବେଳେ ଉକ୍ତ ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ସୋମବାର ସମୁଦ୍ରକୂଳ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ମାଡ଼ମାରିବା ସହ ଶିଶୁକନ୍ୟାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିବାବେଳେ ଏବେ ଆଉ ଏକ ବଳାତ୍କାର ଅଭିଯୋଗ ଆସିବା ସହରର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୀଡ଼ିତା ଶିଶୁକନ୍ୟାଙ୍କୁ ଜଣେ ପଡ଼ୋଶୀ ଯୁବକ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ପରିବାର ପକ୍ଷରୁ ମଙ୍ଗଳବାର ବଳିଆପଣ୍ଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏନେଇ ଏକ ମାମଲା(ନଂ. ୯/୨୦୨୨) ରୁଜୁ କରି ଉକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଗତ ତିନିଦିନ ମଧ୍ୟରେ ପୁରୀରେ ୩ଟି ଘଟଣା ଘଟିଥିବାରୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଶିଶୁ ସୁରକ୍ଷା ନେଇ ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଅନେକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ଆଗକୁ ମଧ ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣମାନଙ୍କୁ ସଚେତନ କରେଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ପଣ୍ଡା କହିଛନ୍ତି। ଅପରପକ୍ଷେ ଏହି ସମସ୍ତ ଘଟଣାକୁ ଏସ୍‌ପି କେ. ବିଶାଲ. ସିଂହ ଗୁରୁତ୍ୱର ସହ ନେଇଛନ୍ତି। ୨୦ ଦିନ ମଧ୍ୟରେ ସମସ୍ତ ମାମଲାର ଚାର୍ଜଶିଟ୍ କରାଯାଇ ଯଥାଶୀଘ୍ର ମାମଲା ବିଚାର ପାଇଁ କୋର୍ଟଙ୍କ ନିକଟରେ ଆବେଦନ କରାଯିବ ବୋଲି ସିଂହ କହିଛନ୍ତି।

## ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ପୀଡ଼ିତା

**ସନ୍ଦେହଜନକ ଭାବେ ଡିସ୍‌ଚାର୍ଜ କରାଯାଇଛି: ଭାଜପା**

**କଟକ ଅଫିସ, ୨୫।୧**

ବଳାତ୍କାରର ଶିକାର ହୋଇ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଗାଇନିକ ୱାର୍ଡରେ ଚିକିତ୍ସିତ ହେଉଥିବା ପୁରୀର ୫ବର୍ଷୀୟା ଶିଶୁକନ୍ୟାକୁ ମଙ୍ଗଳବାର ଡିସ୍‌ଚାର୍ଜ କରାଯାଇଛି। ପୀଡ଼ିତା ଜଣକ ସୁସ୍ଥ ହେବା ପରେ ସକାଳେ ପରିବାର ଲୋକଙ୍କ ସହ ଘରକୁ ପଠାଇ ଦିଆଯାଇଛି ବୋଲି ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ କହିଛନ୍ତି।

ତେବେ ପୀଡିତାକୁ ସନ୍ଦେହଜନକ ଭାବେ ଡିସ୍‌ଚାର୍ଜ କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ପୂର୍ବାହ୍ନରେ ପୀଡିତାକୁ ଭେଟିବାକୁ ଏସ୍‌ସିବି ମେଡିକାଲ ଯାଇଥିଲେ। ହେଲେ ସେଠାରେ ତାକୁ ପାଇ ନ ଥିଲେ। ତାକୁ ସନ୍ଦେହଜନକ ଭାବେ ଡିସ୍‌ଚାର୍ଜ କରାଯାଇଥିବା ଲେଖାଶ୍ରୀ କହିଛନ୍ତି। ଏହାପରେ ଭାଜପା ପ୍ରତିନିଧି ଦଳ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଭେଟି ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପୀଡିତାଙ୍କ ଚିକିତ୍ସାରେ ଯଦି ଅବହେଳା ହୁଏ, ତାହାକୁ ଭାଜପା ନିଶ୍ଚିତ ଚ୍ୟାଲେଞ୍ଜ କରିବ ବୋଲି ଲେଖାଶ୍ରୀ କହିଛନ୍ତି। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି।

### ଶିଶୁକନ୍ୟାଙ୍କୁ ଅସଦାଚରଣ କରି ବାପା ଗିରଫ

**ପୁରୀ ଅଫିସ,୨୫।୧**

ସ୍ତ୍ରୀକୁ ମାଡ଼ ମାରିବା ଓ ୨ବର୍ଷର ଝିଅକୁ ଅସଦାଚରଣ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ମଙ୍ଗଳବାର ଅଭିଯୁକ୍ତ ବାପାଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା(ନଂ.୧୭/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ଅଭିଯୁକ୍ତ ଅଧିକାଂଶ ସମୟରେ ପାରିବାରିକ କଳହ ଯୋଗୁ ସ୍ତ୍ରୀଙ୍କୁ ମାଡ଼ ମାରୁଥିଲେ। ତେବେ ସୋମବାର ରାତିରେ କୌଣସି କଥାକୁ ନେଇ ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଏହାଦେଖି ପାଖରେ ଥିବା ଝିଅ କାନ୍ଦିବାରୁ ସେ ତାକୁ ମଧ ମାଡ଼ ମାରି ଅସଦାଚରଣ କରିଥିଲେ। ଫଳରେ ଏ ସମ୍ପର୍କରେ ସ୍ତ୍ରୀ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ଆଣିବା ସହ ପଚରାଉଚରା କରି ଗିରଫ କରିଥିଲା। ଏହାପୂର୍ବରୁ ମଧ ଅଭିଯୁକ୍ତ ନିଶା ଖାଇ ସ୍ତ୍ରୀ, ଝିଅଙ୍କୁ ମାଡ଼ ମାରିବା ଅଭିଯୋଗରେ ଗିରଫ ହୋଇ ୪ ମାସ ଜେଲରେ ରହିଥିବା ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି।

# ଆତ୍ମଘୋଷିତ ବାବା ଗିରଫ

**ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର**

- ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି
- ଜରିମାନା ଆଦାୟ କରି ଚାପି ଦେଇଥିଲା ଗାଁ କମିଟି

**ବାରିପଦା ଅଫିସ,୨୫।୧**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଜଣୈକା ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଆତ୍ମଘୋଷିତ ଜଣେ ବାବା ଜଠାରାମ ମୁର୍ମୁଙ୍କୁ ଗିରଫ କରିଛି। ଘଟଣାକୁ ଚପାଇ ଦେବା ପାଇଁ ଗ୍ରାମରେ ବୈଠକ ବସି ଅଭିଯୁକ୍ତଙ୍କଠାରୁ ଜରିମାନା ବାବଦରେ ୯୦ହଜାର ଟଙ୍କା ଆଦାୟ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ପୀଡ଼ିତା ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛନ୍ତି। ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ.୨୬/୨୨) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୨ତାରିଖରେ ଅଭିଯୁକ୍ତ ବାବା ଜଠାରାମ ପୀଡ଼ିତାଙ୍କୁ ବଳପୂର୍ବକ ଉଠାଇ ନେଇ ବଳାତ୍କାର କରିଥିଲେ। ପରିବାର ଲୋକେ ଜାଣିବା ପରେ ସମାଧାନ ପାଇଁ ଗ୍ରାମରେ ଏକ ବୈଠକ ବସିଥିଲା। ଯୁବତୀଙ୍କ ଚିକିତ୍ସା ଲାଗି ଅଭିଯୁକ୍ତ ୯୦ହଜାର ଟଙ୍କା ଦେବେ ବୋଲି ନିଷ୍ପତ୍ତି ହୋଇଥିଲା। ଅଭିଯୁକ୍ତ ଅଗ୍ରିମ ୫ହଜାର ଟଙ୍କା ମଧ ଦେଇଥିଲେ। ଅବଶିଷ୍ଟ ଟଙ୍କା ଫେବୃୟାରୀ ୧୨ତାରିଖ ସୁଦ୍ଧା ଦେବାକୁ ସିଦ୍ଧାନ୍ତ ହୋଇଥିଲା। ଏଥିରେ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ। ତେବେ ପୀଡ଼ିତା ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତଦନ୍ତ ଜାରି ରଖିଛି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ନାବାଳିକା ବଳାତ୍କାର, ହତ୍ୟା ଉଦ୍ୟମ ମାମଲା**

**ପୀଡ଼ିତାଙ୍କୁ ୫ଲକ୍ଷ ସହାୟତା ପାଇଁ ଡିଏଲ୍‌ଏସ୍‌ଏର ନିର୍ଦ୍ଦେଶ**

**ବ୍ରହ୍ମପୁର ଅଫିସ,୨୫।୧**

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ଜଜ୍ ଗୁରୁ ପ୍ରସାଦ ସାହୁ ଏକ ନାବାଳିକା ଅପହରଣ ଓ ବଳାତ୍କାର ପରେ ହତ୍ୟା ଉଦ୍ୟମ ମାମଲାର ଶୁଣାଣି ମଙ୍ଗଳବାର କରିଥିଲେ। ଅଭିଯୁକ୍ତ ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରିର ମୁନା ବାଡତ୍ୟା(୩୬)ଙ୍କୁ କୋର୍ଟ ୨୦ ବର୍ଷ ଜେଲଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ମୁନା ଅଧିକ ୧୫ ମାସ ଜେଲଦଣ୍ଡରେ ଦଣ୍ଡିତ ହେବେ ବୋଲି ମଧ ଜଜ୍ ତାଙ୍କ ରାୟରେ ଦର୍ଶାଇଛନ୍ତି। ଅନ୍ୟପଟେ ପୀଡ଼ିତାଙ୍କୁ ୫ଲକ୍ଷର ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ (ଡିଏଲ୍‌ଏସ୍‌ଏ)ଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଯେ, ୨୦୧୯ ମେ' ୭ ବିଳମ୍ବିତ ରାତିରେ ଏକ ଭୋଜିକୁ ନାବାଳିକା ଜଣକ ଯାଇଥିଲେ। ସେଠାରୁ ତାଙ୍କୁ ଅପହରଣ କରାଯାଇଥିଲା। ପରଦିନ ସକାଳେ ଝିଅକୁ ଭୋଜି ସ୍ଥାନର କିଛି ଦୂରରେ ଥିବା ଜଙ୍ଗଲିଆ ଜାଗାରୁ ଅଚେତ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରିଥିଲେ। ପରେ ପାଟପୁର ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ। ଜଣେ ଯୁବକ ତାଙ୍କୁ ଉକ୍ତ ଭୋଜି ପାଖରେ କିଛି ଖାଇବାକୁ ଦେଇ ଅପହରଣ କରି ନିକଟସ୍ଥ ଜଙ୍ଗଲିଆ ସ୍ଥାନରେ ବଳାତ୍କାର କରିଥିଲେ। ପୀଡ଼ିତା ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କ ତଣ୍ଟି ଚିପିଦେଇଥିଲେ। ନାବାଳିକା ମରିଗଲା ଭାବି ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଅଚେତ ଅବସ୍ଥାରେ ଝିଅକୁ ପରିବାର ଲୋକ ଉଦ୍ଧାର କରିଥିଲେ। ପୋଲିସ ଅଭିଯୁକ୍ତ ମୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତତ୍କାଳୀନ ଥାନାଧିକାରୀ ରମେଶ କୁମାର ପ୍ରଧାନ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୨୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତଙ୍କୁ ଜଜ୍ ଉପରୋକ୍ତ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଶହେ ଫୁଟ୍ ଉଚ୍ଚରେ ଉଡ଼ିବ ତ୍ରିରଙ୍ଗା



ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜାତୀୟ ପତାକା ଉଡାଯିବା ପାଇଁ ପୋତାଯାଇଥିବା ଖମ୍ବ।

**ସମ୍ବଲପୁର,୨୫।୧(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ରେ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ଶହେ ଫୁଟ୍ ଉଚ୍ଚରେ ଜାତୀୟ ପତାକା ଉଡିବ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ଶହେ ଫୁଟ୍ ଉଚ୍ଚର ଏକ ଖୁଣ୍ଟ ତିଆରି ସରିଛି। ୨୦ ଫୁଟ୍ ଦୈର୍ଘ୍ୟ ଓ ୩୦ ଫୁଟ୍ ପ୍ରସ୍ଥର ଜାତୀୟ ପତାକା ମଧ ତିଆରି ହୋଇଛି। ବୁଧବାର ପ୍ରଥମ କରି ପ୍ରଶାସନିକ କୋଠା ସମ୍ମୁଖରେ ଏହା ଉତ୍ତୋଳନ କରାଯିବ ବୋଲି କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି। ସେ ଆହୁରି କହିଛନ୍ତି, ଏହି ଜାତୀୟ ପତାକାକୁ ସବୁଦିନ ପାଇଁ ରଖାଯିବ। ଏଥିପାଇଁ ଅନୁଷଙ୍ଗିକ ବ୍ୟବସ୍ଥା କରାଯିବ। କିନ୍ତୁ ବୁଧବାର ସନ୍ଧ୍ୟାରେ ପତାକା ଅବତରଣ କରାଯିବ। ପୂର୍ବରୁ ଅନ୍ୟ ବିଶ୍ୱବିଦ୍ୟାଳୟ ଓ କେତେକ ଅନୁଷ୍ଠାନରେ ଏଭଳି ପତାକା ଉଡାଯାଉଛି। ଏ ନେଇ ଛାତ୍ରୀଛାତ୍ର ପ୍ରସ୍ତାବ ଦେବା ପରେ ଏସ୍‌ୟୁ ପରିଚାଳନା କମିଟିରେ ଆଲୋଚନା ହୋଇଥିଲା। ସରକାରଙ୍କ ନିୟମ ଅନୁସାରେ ଜାତୀୟ ପତାକାର ସୁରକ୍ଷା ସାଙ୍ଗକୁ ଯତ୍ନ ନିଆଯିବ ବୋଲି କୁଳପତି କହିଥିଲେ।

# ଘରେ ପଶିଲା ବସ୍, ୧୩ ଆହତ




ଘର ଭିତରକୁ ମାଡ଼ି ଯାଇଥିବା ବସ୍।

**ବାଙ୍ଗିରିପୋଷି,୨୫।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦୁଷ୍ମନ୍ତ ସିଂଙ୍କ ଘର ଭିତରକୁ ମଙ୍ଗଳବାର ଏକ ଯାତ୍ରୀବାହୀ ବସ୍ ମାଡ଼ି ଯାଇଛି। ଏହି ଦୁର୍ଘଟଣାରୁ ଦୁଷ୍ମନ୍ତଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ୧୩ ବସ୍ ଯାତ୍ରୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର୍ କରାଯାଇଛି।

ସୂଚନା ଅନୁଯାୟୀ, ରାଇରଙ୍ଗପୁରରୁ ବାରିପଦା ଅଭିମୁଖେ ଯାଉଥିବା 'ଅପୁ' ବସ୍ ଭାରସାମ୍ୟ ହରାଇ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦୁଷ୍ମନ୍ତଙ୍କ ରୋଷେଇ ଘର ଭିତରକୁ ପଶି ଯାଇଥିଲା। ବସ୍‌ରେ ଥିବା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ପ୍ରଦୀପ ପାତ୍ର, ସୁଭଦ୍ରା ମଣ୍ଡଳ, ଦଶରଥ ମଣ୍ଡଳ, ପର୍ଶୁରାମ ଦାସ, ଧନୁ ହାଁସଦା, ସୁଭଦ୍ରା ହେମ୍ବ୍ରମ, ସୁନିତା ହେମ୍ବ୍ରମ, ମାଳତୀ ପୂର୍ତ୍ତି, ଅନସୂୟା ବେହେରା, ନିରଞ୍ଜନ ବେହେରା, ବିଘ୍ନେଶ୍ୱର ବେହେରା, ସବିତା ମୁର୍ମୁ ଓ ଗୀତା ପ୍ରମୁଖ ୧୩ ଯାତ୍ରୀ ଆହତ ହୋଇଥିଲେ। ଜାତୀୟ ରାଜପଥ ଆମ୍ବୁଲାନ୍ସ ସାହାଯ୍ୟରେ ଆହତମାନଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଦୁର୍ଘଟଣା ପରେ ବସ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ବାଙ୍ଗିରିପୋଷି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଫେବୃୟାରୀ ୧ରେ ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ

**ଯାଜପୁର ଟାଉନ,୨୫।୧(ଡି.ଏନ.ଏ.)**

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ ଫେବୃୟାରୀ ୧ରେ ଅନୁଷ୍ଠିତ ହେବ। ଏନେଇ ରୀତିନୀତି ଅନୁସାରେ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ୧ ତାରିଖ ବ୍ରାହ୍ମମୁହୂର୍ତ୍ତରେ ନିତ୍ୟସ୍ନାନ, ସ୍ନାନାନ୍ତେ ବେଶଲାଗି ଓ ପିଷ୍ଟକାଦି ନୈବେଦ୍ୟ ସମର୍ପଣ ଅନୁଷ୍ଠିତ ହେବ। ପ୍ରାତଃ ସୂର୍ଯ୍ୟୋଦୟଠାରୁ ଘ.୭.୦୨ମିନିଟ ପରେ ଦେବୀଙ୍କ ସ୍ୱନକ୍ଷତ୍ର ବିହିତ ମହାସ୍ନାନ ଏବଂ ମହାସ୍ନାନ ପରେ ଚନ୍ଦନଲାଗି, ସାବିତ୍ରୀ ବେଶ, ଅଳଙ୍କାର ଲାଗି ବେଶ ଅନୁଷ୍ଠିତ ହେବ। ତତ୍‌ପରାନ୍ତେ ସିଂହାସନେ ଷୋଡ଼ଶୋପଚାର ପୂଜା ବିଧି ଓ ସ୍ୱନକ୍ଷତ୍ର ପୂଜା, ପୂଜାନ୍ତେ ଯଜ୍ଞାରମ୍ଭ, ନବରନ୍ଧ୍ର ମଣ୍ଡପେ ଯଜ୍ଞବେଦୀରେ ଯଜ୍ଞାନୁଷ୍ଠାନ ଓ ଯଜ୍ଞାନ୍ତେ ପୂର୍ଣ୍ଣାହୁତି, ଆରତୀ ଦର୍ଶନ, ଘଟ ବିସର୍ଜନାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ସୌର ଆଲୋକରେ ଚମକିଲା ସୂର୍ଯ୍ୟମନ୍ଦିର

**କୋଣାର୍କ,୨୫।୧(ଡି.ଏନ୍.ଏ.)**



କୋଣାର୍କ ସୂର୍ଯ୍ୟମନ୍ଦିର ସୌର ଆଲୋକରେ ଚମକି ଉଠିଛି। ମଙ୍ଗଳବାରଠାରୁ ସୂର୍ଯ୍ୟମନ୍ଦିର ସୌର ଆଲୋକରେ ଆଲୋକିତ ହେଉଛି। ପ୍ରତି ସନ୍ଧ୍ୟାରୁ ରାତି ୧୦ଟା ପର୍ଯ୍ୟନ୍ତ ସୂର୍ଯ୍ୟ ମନ୍ଦିର ଉପରେ ସୌର ଆଲୁଅ ପଡ଼ି ଆଲୋକିତ କରାଯିବ। କଳା ଓ ଭାସ୍କର୍ଯ୍ୟର ସୂକ୍ଷ୍ମ କାରୁକାର୍ଯ୍ୟ ପରିପୂର୍ଣ୍ଣ ସୂର୍ଯ୍ୟମନ୍ଦିର ବିଶ୍ୱରେ ବିସ୍ମୟ। ସୂର୍ଯ୍ୟମନ୍ଦିରକୁ ସୌରଶକ୍ତିରେ ପରିଚାଳିତ କରିବା ନିମନ୍ତେ କେନ୍ଦ୍ର ସରକାର ଯୋଜନା ପ୍ରଣୟନ କରିଛନ୍ତି। ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ସୂର୍ଯ୍ୟମନ୍ଦିରକୁ ସୌର ଆଲୋକରେ ଆଲୋକିତ କରାଯାଇଛି। ସୂର୍ଯ୍ୟମନ୍ଦିରକୁ ସ୍ୱତନ୍ତ୍ର ଭାବେ ସୌର ଶକ୍ତି ଯୋଗାଇଦେବା ପାଇଁ କୋଣାର୍କ ବସ୍‌ଷ୍ଟାଣ୍ଡ ନିକଟରେ ଏକ ସୋଲାର ପ୍ଲାଣ୍ଟ ବସାଯାଇଛି। ଏଠାରୁ ସୂର୍ଯ୍ୟମନ୍ଦିରକୁ କେବୁଲ ମାଧ୍ୟମରେ ୧୫ କିଲୋୱାଟ ଶକ୍ତି ସମ୍ପନ୍ନ ସୌର ଶକ୍ତି ଦିଆଯାଉଛି। ମୁଖ୍ୟ ମନ୍ଦିର ଚୂଡ଼ାରୁ ପାଦଦେଶ ପର୍ଯ୍ୟନ୍ତ ବିଭିନ୍ନ କଳାକୃତିରେ ଆଲୁଅ ଲଗାଯାଇଛି। ଏହା ବେଶ ମନଲୋଭା ଦେଖାହେଉଛି। ଏହି ସୌର ଆଲୁଅ ପର୍ଯ୍ୟଟକଙ୍କ ମନମୋହୁଛି। ଏଣିକି ବାତ୍ୟାରେ ବିଦ୍ୟୁତ ସରବରାହ ବନ୍ଦ ରହିଲେ ମନ୍ଦିର ଅନ୍ଧାରରେ ରହିବ ନାହିଁ। ସୌର ଆଲୁଅରେ ସୂର୍ଯ୍ୟମନ୍ଦିର ଉଦ୍‌ଭାସିତ ହେବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ପ୍ରୟାସ
ପରିବାରବର୍ଗ


ବିଘ୍ନେଶ
ପରିବାରବର୍ଗ


ସ୍ୱାଧୀନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୩ ଜଣ ଓଏଏସ୍‌ଙ୍କୁ ମିଳିଲା ପଦୋନ୍ନତି

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ୩୩ ଜଣ ଓଏଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ପଦୋନ୍ନତି ଦେଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୧ଜଣଙ୍କୁ ଓଏଏସ୍ ସୁପରଟାଇମ୍ ସ୍କେଲ୍‌ରୁ ସୁପରିଅର ଆଡ୍‌ମିନିଷ୍ଟ୍ରେଟିଭ୍ ଗ୍ରେଡ୍‌କୁ ପଦୋନ୍ନତି ମିଳିଥିବାବେଳେ ୧୧ ଜଣଙ୍କୁ ସୁପରିଅର ଆଡ୍‌ମିନିଷ୍ଟ୍ରେଟିଭ୍ ଗ୍ରେଡ୍‌ରୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ସେହିପରି ୧୧ ଜଣଙ୍କୁ ସିନିଅର ବ୍ରାଞ୍ଚରୁ ସୁପରଟାଇମ୍ ସ୍କେଲକୁ ପଦୋନ୍ନତି ଦିଆଯାଇଛି। ପଦୋନ୍ନତି ପାଇଥିବା ଅଫିସରଙ୍କ ମଧ୍ୟରେ ଅତିରିକ୍ତ ପିଡି ଡିଆରଡିଏ, ତହସିଲଦାର, ବିଡିଓ, ଉପଜିଲାପାଳ ଆଦି ରହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଯେଉଁ ବନ୍ଧୁମାନେ ଆପଣଙ୍କ ପାଖ ମାଡୁ ନ ଥିଲେ ଆଜି ସେହିମାନେ ନିଜ ତରଫରୁ ମିଶିବାକୁ ଆଗେଇ ଆସିବେ। ସ୍ୱାସ୍ଥ୍ୟରେ ଉନ୍ନତି ସଙ୍ଗକୁ ସ୍ନାୟବିକ ଦୁର୍ବଳତା କେତେକାଂଶରେ ଦୂର ହେବ। ଆତ୍ମୀୟଙ୍କ ସହ ମନୋମାଳିନ୍ୟ ଯୋଗୁ ଦ୍ୱିଜା ନକ୍ଷତ୍ରର ମନ ଉଦାସ ରହିବ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ।

**ବୃଷ**
କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ୍ୟ ନିଜ କର୍ମ ସମ୍ପାଦନ କରିବାକୁ ବାଧ୍ୟ ହେବେ। ସମ୍ପର୍କୀୟ ବ୍ୟକ୍ତିମାନେ ଦୂରେଇ ଯାଉଥିବାରୁ ମନସ୍ତାପ କରିପାରନ୍ତି। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହି ଘର ପାଇଁ ରହିଥିବା ଗୁରୁତ୍ୱପୂର୍ଣ୍ଣ କାମ ପାସୋରି ଦେବେ। ଅର୍ଥ ପାଇବାକୁ ଚେଷ୍ଟା କରୁଥିବା ସ୍ଥାନରୁ ଆଂଶିକ ସଫଳତା ମିଳିବ।

**ମିଥୁନ**
ଘର କଥାକୁ ପଛକୁ ପକାଇ ବାହାର ଲୋକମାନଙ୍କ କାମରେ ବିଶେଷ ସମୟ ଦେଇପାରନ୍ତି। ଯେଉଁମାନଙ୍କ ପାଇଁ ଆପଣ ବହୁତ ଉପକାର କରିଥିଲେ ଆଜି ସେମାନେ ବିରୁଦ୍ଧାଚରଣ କରିପାରନ୍ତି। ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇବାର ସମ୍ଭାବନା ରହିଛି। ରାଜନୀତିରେ ଜନସେବା ପ୍ରତି ମନ ବଳିବ।

**କର୍କଟ**
କର୍ମଜଞ୍ଜାଳ ବୃଦ୍ଧି କାରଣରୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରିବାକୁ ପଡ଼ିପାରେ। ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢ଼ିବା ସକାଶେ ଚେଷ୍ଟା ଅବ୍ୟାହତ ରଖିଲେ ସଫଳତା ମିଳିବ। କିଏ ଭଲ କହୁ କିମ୍ବା ନ କହୁ ଯେମିତି ଚିନ୍ତା କରୁଛନ୍ତି, ସେହିପରି କରିବା ଭଲ। ଆଲୋଚନାର ମଝିରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ସିଂହ**
ଅର୍ଥଲାଭର ଆଶା ପୂରଣ ଦିଗରେ କେତେକାଂଶରେ ସଫଳତା ମିଳିପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଆଶଙ୍କା ରହିଛି। ଭଲ ସମ୍ପର୍କ ଥିବା ବାନ୍ଧବୀଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ଭରସା କଲେ ଅସୁବିଧାରେ ପଡ଼ିପାରନ୍ତି। ନୂତନ ଘର, ଗାଡ଼ି କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇବାର ସୂଚନା ରହିଛି।

**କନ୍ୟା**
ଆଜି ସଭାସମିତିରେ, ଆନୁଷ୍ଠାନିକ ତଥା କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ସମସ୍ୟା ବଢ଼ିପାରେ । ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ବନ୍ଧୁମାନଙ୍କ ସାହାଯ୍ୟରୁ ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବ। ନୂତନ ଯାନବାହନ କିମ୍ବା ଦ୍ରବ୍ୟଲାଭରୁ ଖୁସୀ ହେବେ। ସଭାସମିତିରେ ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା**
କୌଣସି ଏକ ସାଧାରଣ କଥାକୁ କେନ୍ଦ୍ର କରି ବାନ୍ଧବୀଟି ମୁହଁ ଫେରାଇ ନେଇପାରେ। ଜ୍ୟେଷ୍ଠା ନକ୍ଷତ୍ର ଜାତ ବ୍ୟକ୍ତି କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଖର୍ଚ୍ଚ ପରିମାଣ ଦି'ଗୁଣା ହେବା ସହ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ।

**ଧନୁ**
ନୂତନ ଯୋଜନା, ଅବହେଳିତ କାମ, ବାକି ରହିଥିବା ଟଙ୍କା ପଇସା, କୌଣସି ଆଲୋଚନା, ଆନୁଷ୍ଠାନିକ କାମ ପ୍ରଭୃତିରେ ସଫଳତା ମିଳିବ। ଈର୍ଷାପରାୟଣ ଲୋକମାନେ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି। ସାମାଜିକ, ରାଜନୀତି କ୍ଷେତ୍ରରେ, ସଭାସମିତିରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ମକର**
ଜନ ହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଆନୁଷ୍ଠାନିକ କାମରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଯାତ୍ରାରେ ଦୀର୍ଘ ସମୟଧରି ବନ୍ଧୁଙ୍କ ପ୍ରତୀକ୍ଷା କରି ରହିବା ଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**କୁମ୍ଭ**
ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେଇ କୃତକାର୍ଯ୍ୟ ହେବେ। ଶତଭିଷା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। କଳା ସାହିତ୍ୟ, ସଭା ସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ।

**ମୀନ**
ବନ୍ଧୁଙ୍କ ନିକଟରୁ ସକାଳୁ ସକାଳୁ ଶୁଭ ଖବର ପାଇ ଖୁସୀ ହୋଇଯିବେ। ନିକଟ ସମ୍ପର୍କୀୟମାନେ କୌଣସି ଆଲୋଚନା ସକାଶେ ଡାକି ପାରନ୍ତି। ଦକ୍ଷତା ହେତୁ କର୍ମକ୍ଷେତ୍ରରେ କିମ୍ବା ନିଜ ପରିସରରେ ପ୍ରତିଷ୍ଠିତ ହେବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁ ଦୁର୍ଦ୍ଦାନ୍ତ, ନଣନ୍ଦ ଖର,**
**ଖୋଜୁଥାଇ ବୋହୂ ପଡ଼ିଶା ଘର।**

ଅନେକ ସମୟରେ ବୋହୂ ଶାଶୁ ଘରେ ନାନା ଗଞ୍ଜଣା ଶୁଣି ପଡି ରହିଥାଏ। ପରନ୍ତୁ ଏଥିରେ ଅତିଷ୍ଠ ହୋଇପଡିଲେ ବା ସହିବାର ସୀମା ଟପିଗଲେ ସେ ଅନ୍ୟ ବିକଳ୍ପକୁ ଆପଣେଇନେଇଥାଏ। ଫଳସ୍ୱରୂପ ଶାନ୍ତିରେ ରହିବା ପାଇଁ ସେ ଅନ୍ୟ ଏକ ସ୍ଥାନ ଅନ୍ୱେଷଣ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶାଶୁ ମାରୁଥାଏ ବୋହୂକୁ,**
**ବୋହୂ ଛାର ହୋଇ କାହାକୁ ମାରିବ**
**ମାରୁଥାଏ ଚୁଲି ମୁହଁକୁ।**

ବଡ଼ମାନେ ସାନ ଉପରେ ଅକାରଣରେ ମାଡ଼ଗାଳି ବର୍ଷଣ କଲେ ସାନମାନେ ମୁହଁ ଉପରେ କିଛି କହି ନ ପାରି ତାଙ୍କଠାରୁ ସାନ ଉପରେ ରାଗ କରିଥାନ୍ତି। ଏପରିକି ସାନ କେହି ନ ଥିଲେ ଜଡ ପଦାର୍ଥ ଉପରେ ନିଜର ରାଗ ଶୁଝାଇ ମନର କ୍ରୋଧକୁ ପ୍ରଶମିତ କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ –
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କାରଖାନାରେ ଶ୍ରମିକ ମୃତ୍ୟୁକୁ ନେଇ ଉତ୍ତେଜନା

**ଚୌଦ୍ୱାର,୨୫।୧(ଡି.ଏନ୍.ଏ.)**

୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ଛକ ନିକଟସ୍ଥ ଏକ କାରଖାନା ଭିତରେ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ମାସିକ ଭତ୍ତା ପ୍ରଦାନ ଦାବିରେ କାରଖାନା ପରିସରରେ ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ଖବର ପାଇ ବିଧାୟକ ପ୍ରଶାନ୍ତ ବେହେରା, କମ୍ୟୁନିଷ୍ଟ ନେତା ବଦ୍ରି ନାରାୟଣ ଦାସ ଓ ଟାଙ୍ଗୀ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଟାଙ୍ଗୀ ଥାନା ଅଧୀନ ହରିଅନ୍ତା ପଞ୍ଚାୟତ ବ୍ରାହ୍ମଣଭୋଗ ଗ୍ରାମର ମାନସ ମହାନ୍ତି(୪୨) ଉକ୍ତ କାରଖାନାର ପ୍ରଡକ୍ସନ ବିଭାଗରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସେ କାମ କରୁଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ଅନ୍ୟ କର୍ମଚାରୀମାନେ ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ମିଳିବା ପରେ ମାନସଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ କାରଖାନାରେ ପହଞ୍ଚି ପାଟିତୁଣ୍ଡ କରିବା ସହ କ୍ଷତିପୂରଣ ବାବଦରେ ୫୦ଲକ୍ଷ ଓ ପରିବାର ଭରଣପୋଷଣ ପାଇଁ ମାସିକ ଭତ୍ତା ଦାବି କରିଥିଲେ। କାରଖାନାରେ ଶ୍ରମିକମାନଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କର୍ତ୍ତୃପକ୍ଷ କରିନାହାନ୍ତି। ମାନସ କାମ କରୁଥିବା ସମୟରେ ଅତ୍ୟଧିକ ନିଆଁଧାସ ବାଜି ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ପୋଲିସ କହିଛି। ତେବେ କାରଖାନା ପକ୍ଷରୁ ମୃତକଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଦିଆଯାଇଥିଲା। ଗୁରୁବାର ଆଉ ୪ଲକ୍ଷ ଦିଆଯିବ। ଏଥିସହ ଆସନ୍ତା ୭ ଦିନ ମଧ୍ୟରେ ଅନ୍ୟ ଦାବି ଉପରେ ଆଲୋଚନା କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଜିଲାସ୍ତରରେ ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ମଙ୍ଗଳବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜିଲାସ୍ତରରେ ପ୍ରକାଶ ପାଇଛି। ତେବେ ବୁଧବାର ସୁଦ୍ଧା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବା ନେଇ ସୂଚନା ଦିଆଯାଇଛି। ୱାର୍ଡ ମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ଜାନୁୟାରୀ ୨୫ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି ସମୟ ମଧ୍ୟରେ ଅନେକ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। କେତେକ ସ୍ଥାନରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପ୍ରଲୋଭନ ଦେଖାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଇଥିବା ଅଭିଯୋଗ ହୋଇଛି। ଚଳିତ ନିର୍ବାଚନରେ ଦଳୀୟ ସମର୍ଥନ ମିଳି ନ ଥିବାରୁ କେତେଜଣ ବିଦ୍ରୋହୀ ପ୍ରାର୍ଥୀ ସ୍ୱାଧୀନଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଡରାଇଧମକାଇ ଏବଂ ପ୍ରଲୋଭନ ଦେଖାଇ ଜୋର ଜବରଦସ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇଥିବା ରାଜନୈତିକ ଦଳଗୁଡ଼ିକ ପରସ୍ପରକୁ ଦୋଷାରପ କରୁଛନ୍ତି।

ଏଠାରେ ସୂଚନାଯୋଗ୍ୟ, ପ୍ରାର୍ଥୀପତ୍ର ଯାଞ୍ଚ ପରେ ୧୫୬୭୫୩ଜଣ ୱାର୍ଡ ମେମ୍ବର, ୩୨୮୬୦ ସରପଞ୍ଚ, ୨୭୦୩୪ ପଞ୍ଚାୟତ ସମିତି ସଦସ୍ୟ ଏବଂ ୩୭୬୭ଜଣ ଜିଲା ପରିଷଦ ସଦସ୍ୟଙ୍କ ନାମାଙ୍କନପତ୍ର କାଏମ ରହିଛି। ତେବେ କମିଶନଙ୍କ ପକ୍ଷରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନ ରଣାଙ୍ଗନକୁ କେତେ ପ୍ରାର୍ଥୀ ଓହ୍ଲାଇଛନ୍ତି ତାହା ସ୍ପଷ୍ଟ ହେବ। ଚଳିତ ନିର୍ବାଚନରେ ମୋଟ୍ ୯୧୯୧୩ ୱାର୍ଡ ମେମ୍ବର, ୬୭୯୪ ସରପଞ୍ଚ, ୬୭୯୩ ପଞ୍ଚାୟତ ସମିତି ସଭ୍ୟ ଏବଂ ୮୫୩ ଜଣ ଜିଲା ପରିଷଦ ସଭ୍ୟ ପଦ ପାଇଁ ଭୋଟ୍ ଗ୍ରହଣ ହେବ। ରାଜ୍ୟର ମୋଟ୍ ୨ କୋଟି ୭୯ ଲକ୍ଷ ୩୫ ହଜାର ୫୨୦ ଭୋଟ୍‌ର ନିଜର ମତଦାନ ସାବ୍ୟସ୍ତ କରିବେ।

# ପ୍ରାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ

**କୁଜଙ୍ଗ,୨୫।୧ (ଡି.ଏନ୍.ଏ.):** ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ କୁଜଙ୍ଗ ବ୍ଲକ ନାଉଡିଆ ଗ୍ରାମର ୱାର୍ଡସଭ୍ୟ ପ୍ରାର୍ଥୀଙ୍କୁ ସୋମବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଭାଜପା ସମର୍ଥିତ ପ୍ରାର୍ଥୀ ହୃଷୀକେଶ ନାୟକ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ


**ବିବାହ ପ୍ରତିଶ୍ରୁତି ଦେଇ ହତ୍ୟା ମାମଲା**

**ଭଞ୍ଜନଗର,୨୫।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ତାରସିଂରେ ଘଟିଥିବା ଭଞ୍ଜନି ପ୍ରଧାନ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଡ. ଅରୁଣ କୁମାର ସାହୁ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ଅଭିଯୁକ୍ତଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବେ। ସେହିଭଳି ପ୍ରମାଣନଷ୍ଟ କରିବା ନେଇ ଅଭିଯୁକ୍ତ ଅଧିକ ୩ ବର୍ଷ କାରାଦଣ୍ଡ ଭୋଗିବା ସହ ୩ ହଜାର ଟଙ୍କା ଜରିମାନା ଦେବେ। ଜରିମାନା ଅନାଦାୟ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

ଭଞ୍ଜନିଙ୍କୁ ବିବାହ ପାଇଁ କୃଷ୍ଣ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିବାହ କରି ନ ଥିଲେ। ୨୦୧୪ ମସିହା ଏପ୍ରିଲ୍ ୧୭ ତାରିଖ ରାତି ପ୍ରାୟ ୭ଟାରେ ଭଞ୍ଜନିଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ୍.ତାଜ୍ ଆଦେନୀ ଏବଂ ମୁଦାଲାଙ୍କ ପକ୍ଷରୁ ଦଣ୍ଡପାଣି ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।


## classifieds Everyday 0674-2580101, 2549302




**BRIDE WANTED**

**Suitable Brahmin Girl for Odia Brahmin Boy B.Tech (Electrical) Engineer, Post Graduate in Instrumentation, 33 Years, Height 5'8", Working in Reputed Private Company in Odisha. Girl should be preferably Professionally Qualified. Request contact on E-mail: padhisaroj@yahoo.com, Mob-9437354446 (Whatsapp) with Horoscope.** D-22927

**GROOM WANTED**

୫୪ ବୟସ୍କା ଏକାକୀ ରହୁଥିବା ପେନ୍‌ସନ ପାଉଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ଯୋଗ୍ୟ ବର ଆବଶ୍ୟକ। Contact: 7606947424. D-22943

Beautiful Bengali girl 24 B-Tech Asst. Executive Engineer BBSR, 9853366347. D-22940




**SALE**

Plot for Sale at Chhatabar per sq.ft @99/-. 8249017091, 9937816565. D-22928

**2 Guntha commercial plot under yellowzone near Puri Canal, Hanspal Adjacent to 100ft. BDA road with possession for sale. 9040059669.** D-71785

2250sqft. Gharabari conversion plot for sale at Raghunathpur jail. M-7204129656. D-22939

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71749

ଭୁବନେଶ୍ୱର Gita/ Gandhi କଲେଜରୁ 1K.M. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary plot sqft.- 700/- କିଣନ୍ତୁ। 9348767829. D-71784

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

Private plot for sale Patrapada & Kolathia Khandagiri yellowzone 999/-. 9437335686, 7008487006. D-22909


**ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ yellowzone sqft.- 550/-, ଚନ୍ଦକା NH ପାଖରେ ଘରବାଡ଼ି ପ୍ଲଟ୍ sqft.- 1100/-, ବାରଙ୍ଗରୁ ତ୍ରିଶୂଳିଆ NH ପାଖରେ sqft.- 1300/-. 7539895510.** D-71780

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71936

ସୁନ୍ଦରପଦାରୁ-ଜଟଣୀ ଏବଂ କାଟେଣୀରୁ-ପିଡାପଲ୍ଲୀ ରୋଡ୍‌ରେ immediately ଘର କଲାଭଳି ପ୍ଲଟ୍ ଦିଆଯାଉଛି। 9938016295. D-71782

**30' ରାସ୍ତା, ଘରବାରି, boundary plot ଗୁଡ଼ିଆପୋଖରୀ Puri-NH ଭୁବନେଶ୍ୱର @8,99lakhs (ready for construction). 9437691481.** D-71783

**ଭୁବନେଶ୍ୱର ଭିଙ୍ଗାରପୁର Oxford College ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡି ପ୍ଲଟ୍ ବିକ୍ରିହେବ । 6370025920, 9937674302.** D-71774




ARL-TECH: Get all construction materials at your door step. To order, visit our website: WWW. ARL-TECH.COM. We provide all types of construction materials, services and rentals (Sand, Bricks, Crusher metals, Borewell, Mixture Machine, Shuttering etc.) Only in Bhubaneswar. Contact: 1800 890 5090. D-71935

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Open full body massage home night ladies, gents available. 9583808247. D-22887

Newly Open Saikrupa Panchakarma Spa positively health benefits with Expert. 8984068077. D-22888

**AFFIDAVIT**



ପୂର୍ବରୁ କାଳିଆ ବେହେରା ନାମରେ ସମସ୍ତ କାଗଜ ପତ୍ର ଥିଲା। କାଳିଆ ବେହେରା ବଦଳରେ ଶିବ ବେହେରା ନାମରେ ତହସିଲ ଅଫିସରେ affidavit କରାଗଲା। ନାମ: ଶିବ ବେହେରା, ପିତା: ସିଙ୍ଗା ବେହେରା, ଗ୍ରାମ/ପୋଷ୍ଟ/ଥାନା: ରାମଗିରି, ଜିଲ୍ଲା: ଗଜପତି। ଧ-୨୨୯୪୭

By virtue of an affidavit, I Ramshri Kishan Mohapatra S/o Ramesh Chandra Mohapatra, Plot No.- 63/2428, Rajarani Colony, Tankapani Road, BJB nagar, Bhubaneswar-751014, Odisha have changed my name from Ramshri Kissan Mohapatra to Ramshri Kishan Mohapatra in all purposes. D-71469

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## ପ୍ରଶାସନିକ ସେବା...

ପ୍ରଥମ ପୃଷ୍ଠାରୁ...

ରାଜ୍ୟମାନଙ୍କୁ କୁହାଯାଇଛି। ଯଦି କେନ୍ଦ୍ରୀୟ ଡେପୁଟେଶନରେ ଅଫିସରମାନଙ୍କୁ ନିଆଯିବ ତାହାହେଲେ ଉନ୍ନୟନମୂଳକ ଯୋଜନା ବାଧାପ୍ରାପ୍ତ ହେବା ସହ ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ରାଜ୍ୟ ସରକାର କହିଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନକୁ କୌଣସି କେନ୍ଦ୍ରୀୟ କର୍ମଚାରୀଙ୍କୁ ନେବା ପୂର୍ବରୁ ସେମାନଙ୍କ ସହମତି ଆବଶ୍ୟକ ବୋଲି ବିଜେଡି ଏମ୍‌ପି ଅମର ପଟ୍ଟନାୟକ ଟୁଇଟ କରି କହିଛନ୍ତି।

ପୂର୍ବରୁ ଏହି ପ୍ରସ୍ତାବକୁ ନେଇ ମହାରାଷ୍ଟ୍ର, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ତେଲଙ୍ଗାନା, ଛତିଶଗଡ଼ ଓ ରାଜସ୍ଥାନ ସରକାର ଆପତ୍ତି ଉଠାଇଛନ୍ତି। ଏହି ପ୍ରସ୍ତାବକୁ ରାଜ୍ୟ କଂଗ୍ରେସ ବିରୋଧ କରିଥିବା ବେଳେ ଭାଜପା ସମର୍ଥନ କରିଛି। ଏ ନେଇ ବିଜେଡି ବିଧାୟକ ଅମର ଶତପଥୀ କହିଛନ୍ତି, ଆମର ଗୋଟିଏ ସଂଘୀୟ ବ୍ୟବସ୍ଥା ରହିଛି। କେନ୍ଦ୍ର ସରକାର ଯଦି ଏକତରଫା ଭାବେ ଏହା କରିବେ, ତାହାହେଲେ ତାହାର ପ୍ରଭାବ ନିଶ୍ଚିତ ପଡ଼ିବ। ଏହାଦ୍ୱାରା ପ୍ରଶାସନିକ ବ୍ୟବସ୍ଥା,ରାଜ୍ୟ ଓ କେନ୍ଦ୍ରର ସମ୍ପର୍କ ପ୍ରଭାବିତ ହେବ ବୋଲି ସେ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଯେଉଁ ଅଫିସର ଦକ୍ଷତାପୂର୍ଣ୍ଣ ଭାବେ ରାଜ୍ୟରେ କାମ କରୁଛନ୍ତି ଏବଂ ଯେଉଁ ସ୍ଥାନରେ ଭାଜପା ସରକାର ନାହିଁ, ସେହି ସ୍ଥାନରୁ ସେମାନେ ଭଲ ଅଫିସରଙ୍କୁ କେନ୍ଦ୍ରକୁ ନେଇଯିବେ। ଏହା ବଦଳରେ କେନ୍ଦ୍ର ଦୁର୍ନୀତିଖୋର ଅଫିସରଙ୍କୁ ରାଜ୍ୟକୁ ପଠାଇ ଦେବେ। ଯାହାଫଳରେ ରାଜ୍ୟର ଉନ୍ନତି ହୋଇପାରିବ ନାହିଁ। ଭାଜପା ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଅଫିସରମାନଙ୍କୁ କାମ କରିବାର ସ୍ୱାଧୀନତା ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସେମାନଙ୍କୁ ରାଜନୈତିକ ଚାପରୁ ଊର୍ଦ୍ଧ୍ୱରେ ରଖିବା ପାଇଁ କେନ୍ଦ୍ର ସରକାର ଏ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ। ଏହା କାର୍ଯ୍ୟକାରୀ ହେଲେ ଆଗାମୀ ଦିନରେ ଭଲ ଗଭର୍ନାନ୍ସ ଦେଖିବାକୁ ମିଳିବ। ତେଣୁ ଏହି ନିଷ୍ପତ୍ତିକୁ ଯେଉଁମାନେ ବିରୋଧ କରୁଛନ୍ତି, ସେମାନେ ଏହାର ପୁନର୍ବିଚାର କରିବା ଦରକାର ବୋଲି ହରିଚନ୍ଦନ କହିଛନ୍ତି।

## ଓଡ଼ିଶାର ୭...

ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ(ମରଣୋତ୍ତର) ଦ୍ୱିତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ବିଭୂଷଣ ବିଜେତା ହୋଇଛନ୍ତି। ଟିକା ନିର୍ମାତା ସିରମ୍ ଇନ୍‌ଷ୍ଟିଚ୍ୟୁଟର ସାଇରସ୍ ପୁନାୱାଲା, ଭାରତ ବାୟୋଟେକ୍‌ର କ୍ରିଷ୍ଣା ଇଲ୍ଲା ଏବଂ ସ୍ତ୍ରୀ ସୁଚିତ୍ରା ଇଲ୍ଲାଙ୍କୁ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରାଯିବ। କଂଗ୍ରେସ ନେତା ଗୁଲାମ ନବୀ ଆଜାଦ, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା, ଆଲ୍‌ଫାବେଟ ସିଇଓ ସୁନ୍ଦର ପିଚାଇଙ୍କୁ ମଧ୍ୟ ପଦ୍ମ ଭୂଷଣ ପ୍ରଦାନ କରାଯିବ। ସେହିପରି ଗାୟକ ସୋନୁ ନିଗମ, ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା, ହକି ଖେଳାଳି ବନ୍ଦନା କଟାରିଆ ପଦ୍ମଶ୍ରୀ ପୁରସ୍କାର ବିଜେତା ହୋଇଛନ୍ତି।

# ଓଡ଼ିଆ ପଦ୍ମ ପୁରସ୍କାର ମନୋନୀତଙ୍କୁ ନେଇ ଗର୍ବିତ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ଓଡ଼ିଶାର ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନଜନକ ପଦ୍ମ ପୁରସ୍କାର ପାଇଁ ମନୋନୀତ କରି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାର ପ୍ରତିଭାକୁ ସର୍ବୋଚ୍ଚ ସମ୍ମାନ ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେହିପରି ପଦ୍ମ ପୁରସ୍କାର ପାଇଁ ମନୋନୀତ ହୋଇଥିବା ସମସ୍ତ ଓଡ଼ିଆଙ୍କୁ ନେଇ ଗର୍ବିତ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏଥିପାଇଁ ସେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ସମ୍ମାନଜନକ 'ପଦ୍ମଭୂଷଣ ଓ ପଦ୍ମଶ୍ରୀ' ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶା ସମେତ ସମସ୍ତ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ଟୁଇଟ୍ କରି ଅଭିନନ୍ଦନ ଜଣାଇଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟର ବିଶିଷ୍ଟ ଲେଖିକା ପ୍ରତିଭା ରାୟ ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ସମ୍ମାନଜନକ 'ପଦ୍ମଭୂଷଣ' ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଯାଜ୍ଞସେନୀ, ପୃଥିବୀ, ଅପରିଚିତା ଭଳି ଉପନ୍ୟାସ ରଚନାକରି ସେ ଓଡ଼ିଆ ସାହିତ୍ୟକୁ ନୂଆ ଦିଗ୍‌ଦର୍ଶନ ଦେଇଛନ୍ତି। ଏହା କେବଳ ତାଙ୍କୁ ନୁହେଁ, ବରଂ ଓଡ଼ିଆ ସାହିତ୍ୟକୁ ଉଚିତ ସମ୍ମାନ ଦିଆଯାଇଛି ବୋଲି ସେ କହିଛନ୍ତି। ସେହିପରି ପ୍ରଶାସନିକ ସେବା ପାଇଁ ଗୁରୁପ୍ରସାଦ ମହାପାତ୍ର (ମରଣୋତ୍ତର) ପଦ୍ମଶ୍ରୀ ସମ୍ମାନ ତାଙ୍କ କାର୍ଯ୍ୟଧାରା ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ବୋଲି କହିବା ସହ ଅନ୍ୟମାନଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି।

# ୪୦ କୁଇଣ୍ଟାଲ ଧାନ ଜଳିଗଲା


ଜଳିଯାଇଥିବା ଧାନ।

**ବଲାଙ୍ଗୀ,୨୫।୧(ଡି.ଏନ୍.ଏ.)**

ବଲାଙ୍ଗୀ ଥାନା ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତ ବିରାଟ ସାହି ଗ୍ରାମର ଭଜନୀ ଖଟୋଇଙ୍କ ଧାନ କଟା ବିଳମ୍ବ ଯୋଗୁ ଅମଳ କରି ନ ପାରି ଗଦା ମାରି ଘର ପଛପଟେ ରଖିଥିଲେ। ହେଲେ ସୋମବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ତାଙ୍କ ଧାନଗଦାରେ ନିଆଁ ଲଗାଇ ଦେଇଛନ୍ତି। ଖବରପାଇ ନିମାପଡ଼ା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ ଏବଂ ସହଯୋଗୀମାନେ ୨ଟି ଅଗ୍ନି ନିର୍ବାପକ ଗାଡ଼ିରେ ଆସି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ସେଠାରେ ଥିବା ପ୍ରାୟ ୪୦ କୁଇଣ୍ଟାଲ ଧାନ ପୋଡ଼ି ଭସ୍ମୀଭୂତ ହୋଇଯାଇଥିବା ନେଇ ଭଜନୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଥାନାଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ନଂ.୨୦/୨୨ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛନ୍ତି। ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷତି ଆକଳନ କରିଛନ୍ତି। ଭଜନୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସରପଞ୍ଚ ପ୍ରଦୀପ୍ତ କୁମାର ମିଶ୍ର ଏବଂ ଗ୍ରାମବାସୀ ଦାବି କରିଛନ୍ତି। ପ୍ରାୟ ଏକ ବର୍ଷ ତଳେ ମଧ ଭଜନୀଙ୍କର ତିନିଶହ ଫଳମୂଖୀ ଅମୃତଭଣ୍ଡା ଗଛ ସହ କୁଟାଗଦାରେ କେହି ନିଆଁ ଲଗାଇ ଦେଇଥିଲେ, ଯାହାକି ପୋଲିସ ଏ ପର୍ଯ୍ୟନ୍ତ ସନ୍ଧାନ ପାଇପାରି ନାହିଁ।

# ଓଡ଼ିଶାର ୨୨ ଜଣଙ୍କୁ ପୋଲିସ ପଦକ

**■ପ୍ରାଣକୃଷ୍ଣ ରାଉତ, ପ୍ରଦୀପ ମହାନ୍ତି, ସତ୍ୟପ୍ରକାଶ ସ୍ୱାଇଁ ପାଇବେ ରାଷ୍ଟ୍ରପତି ପଦକ**

**■୯ ଜଣଙ୍କୁ ସାହସିକତା, ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ**

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ବିଭିନ୍ନ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ଓ ଉଲ୍ଲେଖନୀୟ ସେବା ପାଇଁ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ବର୍ଗରେ ୯୩୯ ଜଣଙ୍କୁ ପୋଲିସ ପଦକ ଦିଆଯିବ ବୋଲି ମଙ୍ଗଳବାର ଘୋଷଣା କରାଯାଇଛି। ବୁଧବାର ସାଧାରଣତନ୍ତ୍ର ଦିବସରେ ଏହି ପଦକ ପ୍ରଦାନ କରାଯିବ। ଚଳିତ ବର୍ଷ ଓଡ଼ିଶାରୁ ମୋଟ ୨୨ ଜଣଙ୍କୁ ପୋଲିସ ପଦକ ମିଳିବ। ୨ ଜଣଙ୍କୁ ରାଷ୍ଟ୍ରପତି ପୋଲିସ ପଦକ, ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ଏବଂ ୯ ଜଣଙ୍କୁ ସାହସିକତା କ୍ଷେତ୍ରରେ ପୋଲିସ ପଦକ ପାଇଁ ମନୋନୀତ କରାଯାଇଛି। ଭୁବନେଶ୍ୱର ଅତିରିକ୍ତ ଡିସିପି ପ୍ରାଣକୃଷ୍ଣ ରାଉତ, କଟକର କନଷ୍ଟେବଲ ପ୍ରଦୀପ ମହାନ୍ତିଙ୍କୁ ରାଷ୍ଟ୍ରପତି ପୋଲିସ ପଦକରେ ସମ୍ମାନିତ କରାଯିବ। ପ୍ରଶଂସନୀୟ ସେବା ପାଇଁ ପୋଲିସ ଆଇଜି (ଭିଜିଲାନ୍ସ ନିର୍ଦ୍ଦେଶାଳୟ) ସଞ୍ଜୟ କୁମାର କୌଶଲ, ଡିଏସ୍‌ପି ସୁଜାତା ଖଣ୍ଡୁଆଳ, ଡିଏସ୍‌ପି କମଳ ଲୋଚନ ଭୂୟାଁ, ଡିଏସ୍‌ପି ରଘୁନାଥ ପ୍ରସାଦ ନାୟକ, ଏସିପି ଅରୁଣ ସ୍ୱାଇଁ, ଡ୍ରାଇଭର ହାବିଲଦାର ଶେଖ୍ ଆତାଓ୍ୱାଲ୍ଲା, ଏସ୍‌ଆଇ କୃତ୍ତିବାସ ପଣ୍ଡା, ଏସ୍‌ଆଇ ମଧୁସୂଦନ ବେହେରା, ଏସ୍‌ଓଜି ଡେପୁଟି କମାଣ୍ଡାଣ୍ଟ ପୱନ ଦୟାଲ ବା, ଡିଏସ୍‌ପି ଅଜୟ କୁମାର ମିଶ୍ର ଓ କନଷ୍ଟେବଲ ମାଇଲି ମୋହନଙ୍କୁ ପୋଲିସ ପଦକ ଦିଆଯିବ। ସାହସିକତା ପାଇଁ ଏସ୍‌ପି ଋଷିକେଶ ଦ୍ୟାନଦେଓ, ଓଏପିଏଫ୍ ସ୍ୱର୍ଗତ ଜୟରାମ କବାସି, ରାମୁ ଦୁରୁଆ, କନଷ୍ଟେବଲ ବନ୍ଧୁ ହାନ୍ତାଳ, ଘେନୁ ହାନ୍ତାଳ, ଜୀବନ ସାହି, ଔଷାଧିନାଥ ବେହେରା, ହାବିଲଦାର ପ୍ରବୀଣ ଥାପା ଏବଂ ରାଜେଶ ବିଶ୍ୱକର୍ମାଙ୍କୁ ପଦକ ମିଳିବ।

ସେହିପରି ବେସାମରିକ ପ୍ରତିରକ୍ଷା, ହୋମଗାର୍ଡ ଓ ଜେଲ ବିଭାଗରେ ରାଜ୍ୟର ୭ ଅଧିକାରୀ ଓ କର୍ମଚାରୀଙ୍କୁ ପଦକ ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ପ୍ରଶଂସନୀୟ ସେବା ପାଇଁ ହୋମଗାର୍ଡ କମାଣ୍ଡର ଜୟନ୍ତ ପଟେଲ, ହୋମଗାର୍ଡ ମାୟାଧର ସୂତାର, ହୋମଗାର୍ଡ ରବିନ୍ଦ୍ର ମଲ୍ଲିକ, ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ବି. ରାଜକିଶୋର ସିଂ,ସୁରଜ ହେମ୍ବ୍ରମଙ୍କୁ ପଦକ ମିଳିବ। ଜେଲ ବିଭାଗରୁ ଭୁବନେଶ୍ୱର ଝାରପଡ଼ା ଜେଲ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁଙ୍କୁ ରାଷ୍ଟ୍ରପତି ପଦକ, ଜେଲର ଦିଲ୍ଲୀପ କେରକେଟାଙ୍କୁ ଉତ୍କୃଷ୍ଟ ସେବା ପାଇଁ ପଦକ ପ୍ରଦାନ କରାଯିବ।

## ୨୦ ପୋଲିସ ପାଇବେ ରାଜ୍ୟପାଳ ପଦକ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମଙ୍ଗଳବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ଚଳିତ ବର୍ଷ ପାଇଁ ରାଜ୍ୟପାଳ ପଦକ ଘୋଷଣା କରାଯାଇଛି। ରାଜ୍ୟ ପୋଲିସ ବିଭାଗର ୭ଟି ବର୍ଗର ୨୦ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ପଦକ ପ୍ରଦାନ କରାଯିବ। ପୋଲିସ ଆଇଜି (ପର୍ସନେଲ) ଏସ୍. ପ୍ରବୀଣ କୁମାର, ଭିଜିଲାନ୍ସ ଆଇଜି ଅସିତ କୁମାର ପାଣିଗ୍ରାହୀ, ଭଦ୍ରକ ଏସ୍‌ପି ଚରଣ ସିଂ ମୀନା, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ସମ୍ବଲପୁର ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଓଜି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାଧବାନନ୍ଦ ପ୍ରଧାନ ରାଜ୍ୟପାଳ ପଦକ ପାଇବେ। ସେହିପରି ସ୍ପେଶାଲ ଇଣ୍ଟେଲିଜେନ୍ସ ଉଇଂର ଇନ୍ସପେକ୍ଟର ଏ. ଶ୍ରୀନିବାସ ଦୋରା, ସିଆଇଡି ସିବି ଇନ୍ସପେକ୍ଟର ରତ୍ନପ୍ରଭା ଶତପଥୀ, ବ୍ରହ୍ମପୁର ଇନ୍ସପେକ୍ଟର ସୁରେଶ କୁମାର ତ୍ରିପାଠୀ, ସିଆଇଡି ସିବି ସବ୍‌ଇନ୍ସପେକ୍ଟର ପ୍ରଦ୍ୟୁମ୍ନ କୁମାର ନନ୍ଦ, କୋରାପୁଟର ସବ୍‌ଇନ୍ସପେକ୍ଟର ସୁଦର୍ଶନ ଅଧିକାରୀ, ଝାରସୁଗୁଡ଼ା ଦ୍ୱିତୀୟ ବାଟାଲିଅନର ଡେପୁଟି ସୁବେଦାର ସାଗର ପ୍ରସାଦ ଜୋଷୀଙ୍କୁ ଏହି ପଦକ ପ୍ରଦାନ କରାଯିବ। କୋରାପୁଟର ସବ୍‌ଇନ୍ସପେକ୍ଟର ସୀମାଞ୍ଚଳ ବେହେରା, କଟକ ଭିଜିଲାନ୍ସ ସବ୍‌ଇନ୍ସପେକ୍ଟର ପ୍ରଣବ କୁମାର ନାୟକ, ଭୁବନେଶ୍ୱର ଟିଁଆଇର ହାବିଲଦାର ଅଶୋକ କୁମାର ସାମନ୍ତରାୟ, ରାୟଗଡ଼ାର କନ୍‌ଷ୍ଟେବଲ କିରଣ ଚନ୍ଦ୍ର ପାତ୍ର, କୋରାପୁଟର କନ୍‌ଷ୍ଟେବଲ ଗୌତମ ପାତ୍ର, ଅନୁଗୋଳର କନଷ୍ଟେବଲ ସୁକେଶ ପ୍ରଧାନ, ସ୍ପେଶାଲ ଇଣ୍ଟେଲିଜେନ୍ସ ଉଇଂର କନଷ୍ଟେବଲ ସୁଶାନ୍ତ କୁମାର ରାଉତରାୟ ଏବଂ କଟକ ଭିଜିଲାନ୍ସର କନ୍‌ଷ୍ଟେବଲ ରଶ୍ମୀରେଖା ପଣ୍ଡାଙ୍କୁ ରାଜ୍ୟପାଳ ପଦକ ପ୍ରଦାନ ଲାଗି ମନୋନୀତ କରାଯାଇଛି।

## ଗର୍ଦିଙ୍ଗିଆରେ ମାଓବାଦୀ ବ୍ୟାନର

**ବାଲିଗୁଡ଼ା,୨୫।୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବାଟାଗୁଡା ପଞ୍ଚାୟତର ମିଡିଆପାଙ୍ଗାଠାରୁ ଗର୍ଦିଙ୍ଗିଆ ରାସ୍ତାରେ ମଙ୍ଗଳବାର ମାଓବାଦୀ ବ୍ୟାନର ଦେଖିବାକୁ ମିଳିଛି। ଏହି ବ୍ୟାନର ଲଗାଇ ମାଓବାଦୀମାନେ ବାଲିଗୁଡ଼ାରେ ସେମାନଙ୍କ ସ୍ଥିତି ଜାହିର କରିଛନ୍ତି। ଏହି ବ୍ୟାନରରେ ଜନମୁକ୍ତି ଛାପାରେ ସେନାର ୨୨ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ସିପିଆଇ ମାଓବାଦୀ ଡିଭିଜନରୁ ଏହି ବ୍ୟାନର ଲେଖାଯାଇଛି। ଏ ସମ୍ପର୍କରେ ବାଲିଗୁଡ଼ା ଥାନାଧିକାରୀ ବାବା ଶଙ୍କର ସରାଫ କହିଛନ୍ତି, ଏହି ବ୍ୟାନର ଲାଗିବା ନେଇ ଆମ ପାଖରେ ଖବର ଅଛି ତଦନ୍ତ କରାଯାଉଛି।



୧୨ତମ ଜାତୀୟ ମତଦାତା ଦିବସ ପାଳନ ଅବସରରେ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଶପଥପାଠ କରାଉଛନ୍ତି।

# ଲୋକସେବା ଭବନରେ ମତଦାତା ଦିବସ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ଜାତୀୟ ମତଦାତା ଦିବସ ଉପଲକ୍ଷେ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଂକଳ୍ପ ପାଠ କରାଇଛନ୍ତି। ଜାତୀୟ ଭୋଟର ଦିବସର ସଂକଳ୍ପ ଥିଲା – '' ଆମେ ଭାରତର ନାଗରିକବୃନ୍ଦ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ଏହି ଶପଥ ନେଉଛୁ କି ଆମେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବୁ ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁଣ୍ଣ ରଖି, ନିର୍ଭୀକ ହୋଇ ଜାତି, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ପ୍ରୟୋଗ କରିବୁ ।'' ମୁଖ୍ୟ ଶାସନ ସଚିବଙ୍କ ଲୋକ ସମ୍ପର୍କ ଅଧିକାରୀ ଉମାକାନ୍ତ ମହାପାତ୍ର ଏହି ସଂକଳ୍ପପାଠ ସଭାର ସଂଯୋଜନା କରିଥିଲେ।

ସେହିପରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପରିସରରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଇଛନ୍ତି । କୋଭିଡ୍ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ସହ ଜାତୀୟ ମତଦାତା ଦିବସ ଅନୁଷ୍ଠିତ ହୋଇଥିଲା । ଆମ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖି ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ସମାହିତ ହେବା କ୍ଷେତ୍ରରେ ସ୍ୱାଧୀନ ମତାଧିକାର ପ୍ରୟୋଗର ଗୁରୁତ୍ୱ ନେଇ ସମସ୍ତ ଅଧିକାରୀ ଶପଥ ପାଠ କରିଥିଲେ । ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ଉପସ୍ଥିତ ରହି ଗଣତନ୍ତ୍ରର ସୁରକ୍ଷା ଓ ମତଦାନର ଗୁରୁତ୍ୱ ଉପରେ ଉପକ୍ରମ ବକ୍ତବ୍ୟ ରଖିଥିଲେ ।

# ଉପକୂଳ ଜିଲାରେ ଘନ କୁହୁଡ଼ି

**୨୮ରୁ ପଶ୍ଚିମ ଓଡ଼ିଶାରେ ଶୀତ ଲହରି**

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୩୦ ତାରିଖ ଯାଏ କୁହୁଡ଼ି ଓ ଶୀତୁଆ ପାଗ ରହିବ। ବୁଧବାର ଏବଂ ଗୁରୁବାର ଦୁଇଦିନ କନ୍ଧମାଳ, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ପୁରୀ ଆଦି ଜିଲାର କେତେକ ସ୍ଥାନରେ ଘନକୁହୁଡ଼ି ସମ୍ଭାବନା ରହିଛି। ୨୮ ତାରିଖରେ ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ସୋନପୁର ଜିଲାର କେତେକ ସ୍ଥାନରେ ଏବଂ ୨୯ ତାରିଖରେ ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଅନୁଗୋଳ ଏବଂ ଦେବଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ଶୀତ ଲହରି ପ୍ରବାହିତ ହେବ। ସର୍ବନିମ୍ନ ତାପମାତ୍ରା ୩ରୁ ୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ। ଏ ନେଇ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୧ରୁ ୨୧ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି।

# ହାଇଦ୍ରାବାଦରେ ୬୫ ଦାଦନ ଶ୍ରମିକ ନିର୍ଯାତିତ

**ଉଦ୍ଧାର କରିବାକୁ ନିବେଦନ**

**ନୂଆପଡ଼ା ଅଫିସ,୨୫।୧:** ନୂଆପଡା ଜିଲାର ରଜନା, ଘୋଟସର, ତରବୋଡ, ବେଲଗାଁ ଆଦି ଗାଁର ୬୫ଜଣ ଦାଦନ ଶ୍ରମିକ ହାଇଦ୍ରାବାଦ ନିକଟ ସିଲସିଲା ଚନ୍ଦ୍ରମପେଟ ଇଟାଭାଟିରେ ନିର୍ଯାତିତ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ସେଠାରୁ ଉଦ୍ଧାର କରିବା ଲାଗି ଏକ ଭିଡିଓ ମାଧ୍ୟମରେ ସେମାନେ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ଜିଲାରେ ଚଳିତବର୍ଷ ସ୍ୱାଭାବିକଠାରୁ କମ ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ହୋଇପାରି ନାହିଁ । ଫଳରେ ଲୋକେ କାମଧନ୍ଦା ଅବାବରୁ ବାହାର ରାଜ୍ୟକୁ ଦାଦନ ଖଟି ଯାଇ ସେଠାରେ ନିର୍ଯାତନାର ଶିକାର ହୋଇଥିବା ଘଟଣା ଏବେ ଜଣାପଡ଼ିଛି। ଗତ ଦିପାବଳୀ ପରେ ଉପରୋକ୍ତ ଗାଁର ୬୫ଜଣ ଦାଦନ ଶ୍ରମିକ ଜଣେ ଦାଦନ ସରର୍ଦ୍ଦାରଙ୍କ ସହାୟତାରେ ଇଟା ଗଢ଼ିବା କାମ ପାଇଁ ହାଇଦ୍ରାବାଦ ନିକଟ ସିଲସିଲା ଚନ୍ଦ୍ରମପେଟକୁ ଯାଇଥିଲେ। ସେଠାରେ ଇଟାଭାଟି ମାଲିକ ସେମାନଙ୍କୁ ମାରପିଟ କରିବା ସହିତ ଅନେକ ନିର୍ଯାତନା ଦେଉଥିବା ଅଭିଯୋଗ କରି ଭିଡିଓ ମାଧ୍ୟମରେ ଉଦ୍ଧାର କରିବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।















> କୃତଜ୍ଞତାର ଶୁଦ୍ଧ ଆଲୋକ ସର୍ବଦା ଆମ୍ଭମାନଙ୍କ ହୃଦୟରେ ପ୍ରଜ୍ୱଳିତ ରହିବା ଉଚିତ। ସେହି ଆଲୋକର ଉଷ୍ମତାରେ, ମାଧୁର୍ଯ୍ୟରେ ଓ ଉଜ୍ଜ୍ୱଳତାରେ ସବୁ ଅହଂକାର ଓ ଅଜ୍ଞାନ ମିଳେଇଯିବ। -ଶ୍ରୀମା



# କନ୍ୟାରତ୍ନ କର ଯତ୍ନ

ଶିଶୁକନ୍ୟାଙ୍କ ପ୍ରତି ଅନାଦର ଭାବ ଏବେ ବି ସମାଜରେ ବଳବତ୍ତର ରହିଛି। ଭ୍ରୁଣ ନିରୂପଣ ଓ ଗର୍ଭପାତ ଦ୍ୱାରା ବହୁ ଶିଶୁକନ୍ୟାଙ୍କ ଜୀବନ ଯାଉଛି ଓ ଏହି ସଂଖ୍ୟା ବୃଦ୍ଧିପାଉଛି ବୋଲି ଅନ୍ତଃରାଷ୍ଟ୍ରୀୟ ମେଡିକାଲ ଜର୍ନାଲ ଦି ଲାନ୍‌ସେଟରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ଗବେଷଣାତ୍ମକ ରପୋର୍ଟ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପପୁଲେଶନ୍ ସାଇନ୍ସ (ଆଇଆଇପିଏସ୍) ଅଧୀନ ପବ୍ଲିକ୍ ହେଲ୍‌ଥ୍ ଆଣ୍ଡ ମୋର୍ଟାଲିଟି ଷ୍ଟଡିଜ୍‌ର ପ୍ରାଧ୍ୟାପିକା ନନ୍ଦିତା ସାଇକିଆ ଏବଂ ତାଙ୍କ ଟିମ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ୨୦୨୧ର ୫ମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍)କୁ ଦେଖିଲେ ଏହାର ଗୁରୁତ୍ୱ ରହିଥିବା ମନେକରାଯାଏ। ଭାରତର ସାମଗ୍ରିକ ଲିଙ୍ଗଗତ ଅନୁପାତରେ ବୃଦ୍ଧି ହୋଇଥିଲେ ମଧ୍ୟ ଜନ୍ମ ସମୟରେ ଲିଙ୍ଗଗତ ଅନୁପାତ କମ୍ ଅର୍ଥାତ ୧୦୦୦ ଶିଶୁପୁତ୍ର ତୁଳନାରେ ୯୫୨ ଶିଶୁକନ୍ୟା ଜନ୍ମ ହେଉଛନ୍ତି ବୋଲି ଉକ୍ତ ସର୍ଭେ ପ୍ରକାଶ କରିଥିଲା। ଏନ୍‌ଏଫ୍‌ଏଚ୍‌ଏସ୍ ଏବଂ ଏବକାର ଲାନ୍‌ସେଟ ରିପୋର୍ଟ ପୁଅ ଓ ଝିଅ ମଧ୍ୟରେ ରହିଥିବା ବାଛବିଚାର ଶେଷ କରିବାକୁ ଅଧିକ ପଦକ୍ଷେପ ନେବା ଲାଗି ଚେତାଇ ଦେଇଛି। ଜନ୍ମ ପୂର୍ବରୁ ଲିଙ୍ଗ ନିରୂପଣ ପାଇଁ କଠୋର ନିୟମ ଅଣାଯାଇଥିଲେ ମଧ୍ୟ ଏହା ଶତ ପ୍ରତିଶତ ସଫଳ ହୋଇପାରି ନାହିଁ। ଭାରତରେ ୨୦୧୩-୧୭ ମଧ୍ୟରେ ଜନ୍ମ ପୂର୍ବରୁ ୩ କୋଟି ୭୦ ଲକ୍ଷରୁ ଅଧିକ ଭ୍ରୁଣହତ୍ୟା କରାଯାଇଥିବା ୟୁନାଇଟେଡ ନେଶନ୍ସ ପପୁଲେଶନ ଫଣ୍ଡ( ୟୁଏନ୍‌ପିଏଫ୍) ରିପୋର୍ଟ (୨୦୨୦)ରୁ ଜଣାପଡ଼ିଛି। ଏହି ଧାରା ବାସ୍ତବିକ ଚିନ୍ତାଜନକ। କେବଳ ଏତିକି ନୁହେଁ ଦେଶରେ ୫ବର୍ଷରୁ କମ୍ ଶିଶୁପୁତ୍ରଙ୍କ ତୁଳନାରେ ଶିଶୁକନ୍ୟାଙ୍କ ମୃତ୍ୟୁହାର ମଧ୍ୟ ଅଧିକ। ଏଭଳି ସ୍ଥିତି ଲାଗି ରହିଲେ ତାହା ସାମାଜିକ ଭାରସାମ୍ୟକୁ କ୍ଷତି ପହଞ୍ଚାଇବାର ସମ୍ଭାବନା ରହିଛି।

ଗର୍ଭସ୍ଥ ଭ୍ରୁଣ ନିରୂପଣ ଓ ହତ୍ୟା ରୋକିବା ଲାଗି ୧୯୯୪ରେ ପ୍ରି କନସେପ୍‌ସନ ଆଣ୍ଡ୍ ପ୍ରି ନାଟାଲ ଡାଇଗ୍ନୋଷ୍ଟିକ୍‌ସ ଟେକ୍‌ନିକ୍‌ସ(ପିସି ଆଣ୍ଡ୍ ପିଏନ୍‌ଡିଟି) ଆଇନ ଅଣାଯାଇଥିଲା। ଏହି ଆଇନ ଲାଗୁ ହେଲେ ମଧ୍ୟ ଏହାରି ଗଳାବାଟରେ ସବୁ କିଛି ଚାଲୁଛି। ଲିଙ୍ଗ ନିରୂପଣ ରୋକିବା ପ୍ରୟାସରେ ବିଫଳତା କେନ୍ଦ୍ରର ଅନୁଧ୍ୟାନ ପ୍ରକ୍ରିୟାର ଅଭାବ ଯୋଗୁ ଘଟୁଛି। ଦେଖିବାକୁ ଗଲେ ପିସି ଆଣ୍ଡ୍ ପିଏନ୍‌ଡିଟି ଆଇନ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଥିବାବେଳେ ଶିଶୁକନ୍ୟାଙ୍କ ସଂଖ୍ୟା ହ୍ରାସ ରୋକିବା ଲାଗି କାର୍ଯ୍ୟକାରୀ ହେଉଥିବା ସବୁ ଯୋଜନା ରହିଛି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ହାତରେ। ଏହା ବ୍ୟତୀତ ଜନ୍ମ ପଞ୍ଜୀକରଣ ରହିଛି ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ। ଏହି ତିନୋଟି ମନ୍ତ୍ରଣାଳୟ ମଧ୍ୟରେ ତାଳମେଳ ରହୁ ନ ଥିବା ଯୋଗୁ ଭ୍ରୁଣହତ୍ୟା ରୋକାଯାଇପାରୁନାହିଁ କି ଲାଗୁ କରାଯାଉଥିବା ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଜନ୍ମିତ ଶିଶୁକନ୍ୟା ମଧ୍ୟ ଅବହେଳାର ଶିକାର ହେଉଛନ୍ତି। ଏହି କାରଣରୁ ୧୫ ବର୍ଷରୁ କମ୍ ବାଳିକାଙ୍କ ମଧ୍ୟରୁ ୪୬%ଙ୍କଠାରେ ରକ୍ତହୀନତା ଦେଖାଯାଇଛି ବୋଲି ଏସଆର୍‌ଏଲ୍ ଡାଇଗ୍ନୋଷ୍ଟିକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ଭ୍ରୁଣହତ୍ୟାଠାରୁ ଆରମ୍ଭକରି ରକ୍ତହୀନତା ଶିକାର ହେବା ପର୍ଯ୍ୟନ୍ତ ସବୁଥିରେ ବ୍ୟବସ୍ଥାର ଯେତିକି ଦୋଷ ରହୁଛି ତା'ଠାରୁ ବେଶି ଦାୟୀ ହେଉଛି ଆମ ସାମାଜିକ ଚିନ୍ତାଧାରା । ଝିଅ ପୁଅ ସମାନ ବୋଲି କୁହାଯାଉଛି, ହେଲେ ବାସ୍ତବତା ଭିନ୍ନ। ଲିଙ୍ଗଗତ ବାଛବିଚାର ଉପରେ ସାମାଜିକ ସ୍ତରରେ ଅଙ୍କୁଶ ଲଗାଯାଇପାରିଲେ ଏଥିରେ ଅନେକ କିଛି ପରିବର୍ତ୍ତନ ଆସିବ। ଶିକ୍ଷାର ବିକାଶ ମଧ୍ୟ ଏହାକୁ ଦୂର କରିବାରେ ସାହାଯ୍ୟ କରିବ। କେବଳ 'ବେଟି ବଚାଓ, ବେଟି ପଢ଼ାଓ' ଧ୍ୱନିରେ ସୀମିତ ରହିଲେ ଲକ୍ଷ୍ୟ ପୂରଣ ହେବା ଅସମ୍ଭବ ହୋଇଯିବ। ବିକଶିତ ଦେଶ ହେବା ଲାଗି ଭାରତକୁ ପୁରୁଷ ଓ ମହିଳାଙ୍କ ସମ ଭାଗୀଦାରି ଅପରିହାର୍ଯ୍ୟ। ଏଥିପାଇଁ ଶିଶୁକନ୍ୟାଙ୍କ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବା ଦରକାର। ଜନ୍ମ ସମୟର ଲିଙ୍ଗଗତ ଅନୁପାତ ହ୍ରାସ ଏକ ସାଇଲେଣ୍ଟ ଏମର୍ଜେନ୍ସି। ଏହା ଉପରେ ଅଧାପନ୍ତରିଆ ପଦକ୍ଷେପରୁ ସୁଫଳ ମିଳିବା କଷ୍ଟକର।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜାନୁୟାରୀ ୧୯୯୭

- ଦକ୍ଷିଣ ଆମେରିକା ମହାଦେଶର କ୍ୟାରିବୀୟ ରାଷ୍ଟ୍ର ତ୍ରିନିଦାଦ ଏବଂ ଟୋବାଗୋ ସହ ବାଣିଜ୍ୟ ତଥା ପର୍ଯ୍ୟଟନ ସହଯୋଗ ସମ୍ବନ୍ଧୀୟ ତିନୋଟି ବୁଝାମଣାପତ୍ରରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ସ୍ୱାକ୍ଷର କରିଛି।
- ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସରେ ଏକତରଫା ନିଷ୍ପତ୍ତି ନେଇ ଓହରି ଯାଇଥିବାରୁ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ହରଚରଣ ସିଂ ବ୍ରାରଙ୍କୁ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ୬ ବର୍ଷ ପାଇଁ ସସ୍‌ପେଣ୍ଡ କରାଯାଇଛି।
- ଚିତ୍ରାଭିନେତ୍ରୀ ଶ୍ରୀଦେବୀ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ବୋନି କପୁରଙ୍କୁ ପାରମ୍ପରିକ ହିନ୍ଦୁରୀତି ଅନୁଯାୟୀ ବିବାହ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 7 | 6 | 3 | | | |
| | 7 | | | | 2 | | | |
| | | | 8 | | | 3 | 2 | |
| | | | 4 | 9 | | 6 | | |
| | 3 | | | | 8 | | 5 | |
| 4 | | 6 | | | | | | |
| | 1 | | | | 7 | | 3 | 8 |
| | | | | | | | | |
| | 5 | 8 | 1 | | | 2 | 9 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 8 | 5 | 1 | 6 | 2 | 4 | 7 |
| 7 | 6 | 1 | 2 | 8 | 4 | 3 | 5 | 9 |
| 4 | 2 | 5 | 9 | 7 | 3 | 8 | 1 | 6 |
| 8 | 7 | 6 | 4 | 3 | 2 | 5 | 9 | 1 |
| 2 | 9 | 4 | 1 | 5 | 8 | 6 | 7 | 3 |
| 5 | 1 | 3 | 7 | 6 | 9 | 4 | 2 | 8 |
| 3 | 5 | 2 | 8 | 9 | 1 | 7 | 6 | 4 |
| 6 | 4 | 9 | 3 | 2 | 7 | 1 | 8 | 5 |
| 1 | 8 | 7 | 6 | 4 | 5 | 9 | 3 | 2 |

ଗତକାଲିର ଉତ୍ତର

# ଆତ୍ମଚିନ୍ତନର ସମୟ

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ



ଡ. ଅଜୟ କୁମାର ନନ୍ଦ

ଆମ ଦେଶରେ ଏ ବର୍ଷ ମଧ୍ୟ ଦ୍ୱିତୀୟ ଥର ପାଇଁ କୋଭିଡ୍ କଟକଣା ମଧ୍ୟରେ ପାଳିତ ହେଉଛି ସାଧାରଣତନ୍ତ୍ର ବା ଗଣତନ୍ତ୍ର ଦିବସ। ଏହି ମହାନ୍ ଦିବସର ସ୍ୱତନ୍ତ୍ରତା ବିଶ୍ୱ ଦରବାରରେ ଆମକୁ ଏକ ନିଆରା ପରିଚୟ ଦେଇଛି। ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱ ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବାରେ ଯେଉଁମାନଙ୍କ ଚିନ୍ତନ, ବଳିଦାନ ଆମକୁ ସ୍ୱାଧୀନତାର ସ୍ୱାଦ ଚଖାଇଛି, ତାଙ୍କର ଜୟଗାନ କରିବା ସହିତ ଭବିଷ୍ୟତର ଦାୟାଦ ଭାବେ ଆମେ କେବଳ କର୍ତ୍ତବ୍ୟ ସମ୍ପାଦନ କରୁଛେ। ସେହି ସ୍ମରଣୀୟ ମଧ୍ୟରାତ୍ରିର କଥା, ୧୯୪୭ ମସିହା ଅଗଷ୍ଟ ୧୫ରେ ବିଦେଶୀ ଶାସନରୁ ମୁକ୍ତ ହୋଇ ଭାରତୀୟମାନେ ମୁକ୍ତିର ଜୟଗୀତି ଗାନ କଲେ, ଆମେ ଚଳାଇବୁ ଦେଶ ଆମରି, ଆମରି ନାଆରେ ଆମେ ନାଉରି। ଏହା ହେଉଛି, ଆଜିର ଜନରାଜ୍ୟ ଦିବସର ମୁଖ୍ୟ ଅନୁଚିନ୍ତା ଓ ଦେଶଭକ୍ତିର ଗାଥା। ପରବର୍ତ୍ତୀ ସମୟରେ 'ଶାସନ ବିଧାୟକସଭା' ଭାରତ ଭଳି ବୃହତ୍ ଦେଶର ଏକତାକୁ ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ବାନ୍ଧି ରଖିବା ପାଇଁ କେତେକ ଶାସନ ଖସଡ଼ା ପ୍ରସ୍ତୁତ କରି ଭାରତ ସରକାରଙ୍କ ହାତରେ ଅର୍ପଣ କଲେ ; ଯାହାକୁ ଆମେ ସମ୍ବିଧାନ ବୋଲି କହୁଛେ । ଭାରତ ପାର୍ଲାମେଣ୍ଟରେ ଏହି ସମ୍ବିଧାନକୁ ୧୯୫୦ ମସିହା ଜାନୁୟାରୀ ୨୬ରେ ଗୃହୀତ କରାଯାଇଥିଲା। ତଦନୁଯାୟୀ ଭାରତ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ସମାଜବାଦୀ ଓ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା।

ଭାରତୀୟ ସମ୍ବିଧାନର ଅସାଧାରଣ ବୈଶିଷ୍ଟ୍ୟ ହେଉଛି, ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ। ଅର୍ଥାତ୍ ଜନକଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏହି ସମ୍ବିଧାନରେ ନାଗରିକଙ୍କ ଅଧିକାର, କର୍ତ୍ତବ୍ୟ, ଦାୟିତ୍ୱ ତଥା ଦେଶ ଶାସନର ବ୍ୟବସ୍ଥା ନିମିତ୍ତ ବିଭିନ୍ନ ଧାରାରେ ପୃଥକ୍ ପୃଥକ୍ ଭାବେ ବର୍ଣ୍ଣନା କରାଯାଇଛି। ସାତଜଣିଆ ଡ୍ରାଫ୍ଟିଙ୍ଗ୍ କମିଟିରେ ଡ. ବି. ଆର୍. ଆମ୍ବେଡକରଙ୍କୁ ସମ୍ବିଧାନର ମୁଖ୍ୟ ସ୍ଥପତି ଭାବେ ଅଳଂକୃତ କରାଯାଇ ତାଙ୍କର ମାର୍ଗଦର୍ଶନରେ, ଦେଶର ଅଖଣ୍ଡତା ଓ ଧାର୍ମିକ ବିବିଧତା ମଧ୍ୟରେ 'ସଧର୍ମ ସମାନତା' ଗଣତାନ୍ତ୍ରିକ ରାଷ୍ଟ୍ର ଗଢ଼ିବାରେ ଯେଉଁ ଅତୁଳନୀୟ ଅବଦାନ, ଯାହା ତାଙ୍କୁ ସମ୍ବିଧାନର ପ୍ରାଣପ୍ରତିଷ୍ଠାତା ରୂପେ ବିଶ୍ୱ ଦରବାରରେ ପରିଚିତ କରାଇଛି।

ଗଣତନ୍ତ୍ର ଦିବସ ସମସ୍ତ ଭାରତୀୟଙ୍କୁ ଦେଶଭକ୍ତି, ରାଷ୍ଟ୍ରୀୟ ଗୌରବ ଓ ସ୍ୱଚ୍ଛ ଶାସନର ବାର୍ତ୍ତା ଦେଇ ଆସୁଅଛି। ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶ ପ୍ରୀତି ଜାଗ୍ରତ କରାଇବା ପାଇଁ ପ୍ରତି ବର୍ଷ ସରକାର ସବୁ ରାଜ୍ୟର କଳା ସଂସ୍କୃତିର ବିଭିନ୍ନ ପ୍ରଜ୍ଞାପନ ମେଢ଼ ସହ ଶୃଙ୍ଖଳାଗତ ଅଭ୍ୟାସକୁ ଜୀବନରେ ଉପଯୋଗ କରିବା ପାଇଁ ଜଳ, ସ୍ଥଳ ଓ ଆକାଶ ବାହିନୀର କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ପରେଡ୍ ବ୍ୟବସ୍ଥା କରି ସ୍ୱାଧୀନତାର ବାର୍ତ୍ତାକୁ ଭାରତୀୟଙ୍କ ହୃଦୟରେ ପୁନଃ ଜାଗ୍ରତ କରାନ୍ତି। ଏବର୍ଷ କେନ୍ଦ୍ର ସରକାର ଇଣ୍ଡିଆ ଗେଟ୍‌ରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ହଲୋଗ୍ରାମ ମୂର୍ତ୍ତି ସ୍ଥାପନ କରିଛନ୍ତି ; ଯାହା ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଆଗାମୀ ପିଢ଼ିକୁ ପ୍ରେରଣା ଦେବ। ଏତଦ୍ ସହିତ ଆଉ ଏକ ନିଆରା ବ୍ୟବସ୍ଥା ସ୍ୱରୂପ, ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ ଦ୍ୱାରା ଆୟୋଜିତ କଳାକୁମ୍ଭ ଜରିଆରେ ବିଭିନ୍ନ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଓ ସେତେବେଳର ସାମାଜିକ ସ୍ଥିତିର ବିଭିନ୍ନ ଦୃଶ୍ୟ, ଦେଶର ବଛା ବଛା ପାଞ୍ଚଶହ ଚିତ୍ରକରଙ୍କ ତୂଳୀରେ କାନ୍‌ଭାସ ଉପରେ ଜୀବନ୍ତ ଚିତ୍ର ପ୍ରଦର୍ଶନ, ଦେଶପ୍ରେମର ଏକ ଅନନ୍ୟ ପ୍ରୟାସ। ଏହାକୁ ଦେଖି ଆମେ ଆତ୍ମ ଚିନ୍ତନ କରିବା ଦେଶ ପ୍ରତି ଆମର ଦାୟିତ୍ୱ ଓ କର୍ତ୍ତବ୍ୟ କେତେ ?

ସାଧୀନତାର ସାତ ଦଶନ୍ଧି ପରେ ଅନେକ ପରିବର୍ତ୍ତନ ଘଟିଛି। ସ୍ୱାଧୀନତା ସମୟରେ ଦେଶର ଜନସଂଖ୍ୟା ପ୍ରାୟ ୩୫ କୋଟି ଥିଲାବେଳେ ବର୍ତ୍ତମାନର ଜନସଂଖ୍ୟା ୧୩୫ କୋଟିରୁ ଊର୍ଦ୍ଧ୍ୱ। ସେହିପରି ସାକ୍ଷରତା ହାର ତୁଳନାରେ ସେତେବେଳର ସ୍ଥିତି ଓ ଏବର ସ୍ଥିତି ମଧ୍ୟରେ ଆକାଶ ପାତାଳ ଫରକ। ଗମନାଗମନ, ନଦୀ ସଂଯୋଗୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଢେର ଅଗ୍ରଗତି କରିଛି। ମୋଟ ଜାତୀୟ ଉତ୍ପାଦ ଓ ହାରାହାରି ଘରୋଇ ଉତ୍ପାଦ ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ବିଶ୍ୱରେ ଧନିକ ଶ୍ରେଣୀ ରାଷ୍ଟ୍ରମାନଙ୍କ ଦୃଷ୍ଟି ଆକର୍ଷଣ କରିଛି । ହେଲେ ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ବର୍ତ୍ତମାନ ଗଣତନ୍ତ୍ର ବିପନ୍ନ ହୋଇଛି। ବ୍ୟକ୍ତି ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଉଛି। ବାକ୍ ସ୍ୱାଧୀନତା କ୍ଷୁଣ୍ଣ ହୋଇଛି। ଗଣତାନ୍ତ୍ରିକ ସ୍ୱଚ୍ଛ ଶାସନ ବ୍ୟବସ୍ଥା ପରିବର୍ତ୍ତେ ଅନ୍ୟାୟ, ଅତ୍ୟାଚାର, ବଳାତ୍କାର, ଲୁଣ୍ଠନ, ଅସହିଷ୍ଣୁତା ଆଦି ଘୃଣ୍ୟ କାର୍ଯ୍ୟକଳାପ ଏକ ସାମାଜିକ ବ୍ୟାଧି ରୂପେ ଉଭା ହୋଇଛି। ଏହା କବଳରେ ସମଗ୍ର ଜନସମାଜ ଅସ୍ତବ୍ୟସ୍ତ। ଏତେ ବର୍ଷ ପରେ ମଧ୍ୟ ମଣିଷର ବୌଦ୍ଧିକ ଜ୍ଞାନରେ ସେମିତି କିଛି ପରିବର୍ତ୍ତନ ହୋଇନି। ମଣିଷ ପାଲଟିଛି ମଣିଷର ଶତ୍ରୁ। କେଉଁଠି ମଣିଷ ଖାଦ୍ୟରେ ଅପମିଶ୍ରଣ କରୁଛି ତ ଅନ୍ୟ କେହି ବିଭିନ୍ନ ପ୍ରଲୋଭନ ଦେଖାଇ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ କରାଇ ନେଉଛି। ସାଇବର କ୍ରାଇମ ଏବେ ସମାଜ ପାଇଁ ସମସ୍ୟା ସୃଷ୍ଟି କରିଛି।

ଗଣତାନ୍ତ୍ରିକ ଶାସନରେ ବ୍ୟବସ୍ଥାପକ, ନ୍ୟାୟପାଳିକା, ପ୍ରଶାସନ ଏବଂ ଗଣମାଧ୍ୟମର ଭୂମିକା ଅଧିକ। ହେଲେ ମୁଖ୍ୟଧାରାର ବହୁ ଗଣମାଧ୍ୟମ ଏବେ ନିରପେକ୍ଷତା ବାହାରେ। ଯେଉଁମାନେ ଶାସନର ତ୍ରୁଟିକୁ ଲୋକଲୋଚନକୁ ଆଣୁଛନ୍ତି ସେମାନଙ୍କୁ ଟାର୍ଗେଟ କରାଯାଉଛି। ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଥିବାବେଳେ ଶାସକ ଗୋଷ୍ଠୀ ବିରୋଧୀଙ୍କ ସ୍ୱରକୁ ଦବାଇ ଦେଉଛି। ପ୍ରଶାସନ କଥା ନ କହିଲେ ଭଲ। ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ଦୁର୍ନୀତି ବିହୀନ ପ୍ରଶାସନର ଗୁରୁଦାୟିତ୍ୱ ରହିଛି। ଏହାଦ୍ୱାରା ନାଗରିକଙ୍କ କଲ୍ୟାଣ ହେବା ସହ ବିଭିନ୍ନ ଯୋଜନାର ସୁବିନିଯୋଗ ଓ ସୁବଣ୍ଟନ ବ୍ୟବସ୍ଥା ସୁଚାରୁରୂପେ ହୋଇଥାଏ। ହେଲେ ଏବେ ଏଥିରେ ବ୍ୟତିକ୍ରମ ଚରମ ସୀମାରେ ପହଞ୍ଚିଛି। ବିନା ହାତ ଗୁଞ୍ଜାରେ କାଗଜ ଖଣ୍ଡିଏ ଗୋଟେ ଟେବୁଲରୁ ଆଉ ଗୋଟେ ଟେବୁଲକୁ ଯାଇ ପାରୁନାହିଁ । ବିଶେଷକରି ପଞ୍ଚାୟତ, ବ୍ଲକ ଆଦି ଅନ୍ୟାନ୍ୟ ସରକରୀ ଅଫିସରେ ପିସି କାରବାର ହେଉଥିବା, ସରକାରୀ ବାବୁଙ୍କ ଘରୁ ପୁଳା ପୁଳା ଟଙ୍କା ଜବତ ହେବା ଏହାର ବଳିଷ୍ଠ ପ୍ରମାଣ। ଏହା ସତ୍ତ୍ୱେ ମଧ୍ୟ ଆମେ ପାଳୁଥିବା ଦୁର୍ନୀତି ନିବାରଣ ସପ୍ତାହ, ଧର୍ମକୁ ଆଖିଠାର ନୁହେଁ ତ ଆଉ କ'ଣ ? ନାଗରିକ ହିସାବରେ ଆମମାନଙ୍କ ଆଚରଣ, ବ୍ୟବହାର, ସମାଜ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଆମେ କେତେ ପରିପକ୍ୱ ତାହା ତର୍ଜମା କରିବାର ସମୟ ଉପନୀତ ହୋଇଛି।

ଗଣତନ୍ତ୍ର ବ୍ୟବସ୍ଥାର ପ୍ରକୃତ ଅର୍ଥ ହେଉଛି ସ୍ୱଚ୍ଛ ଶାସନ ମାଧ୍ୟମରେ ଜନତାଙ୍କୁ ମୌଳିକ ଅଧିକାର ପ୍ରଦାନ କରିବା ଓ ଆବଶ୍ୟକତାକୁ ଅକ୍ଲେଶରେ ତାଙ୍କ ପାଖରେ ପହଞ୍ଚାଇବା। ଗଣତନ୍ତ୍ରର ବାସ୍ତବ ରୂପ ଏବେ ରାଜନୀତିରେ ପ୍ରକାଶ ପାଉଛି। ନିର୍ବାଚନର ଧାରା ବଦଳିବାରେ ଲାଗିଛି। ଶାସନ ହାତେଇବା ନିଶାରେ କେଉଁଠି ରାଜନେତାମାନେ ବିଜୁଳି ଦେୟ ଛାଡ଼ କରୁଛନ୍ତି ତ କେଉଁଠି ବାର୍ଦ୍ଧକ୍ୟ ଭତ୍ତା ଦୁଇଗୁଣ ବଢ଼ାଇବା ପ୍ରଲୋଭନ ଦେଖାଇ ଭୋଟ ହାସଲ କରି ନିର୍ବାଚନ ବୈତରଣୀ ପାର ହେଉଛନ୍ତି । ଏହା କ'ଣ ଗଣତନ୍ତ୍ରର ପ୍ରକୃତ ଆଭିମୁଖ୍ୟ ? ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ସାମ୍ପ୍ରଦାୟିକ ସଦ୍‌ଭାବନା ଏବେ ସଙ୍କଟରେ। ଭୋଟ ଦେବା ମୌଳିକ ଅଧିକାର ହୋଇଥିଲେ ମଧ୍ୟ ସେଥିରୁ ନାଗରିକଙ୍କୁ ବଞ୍ଚିତ କରାଯାଉଛି। ତେବେ ଏଭଳି ଏକ ସଙ୍କଟଜନକ ସ୍ଥିତିରେ ଆତ୍ମଚିନ୍ତନ କରିବାର ସମୟ ଆସିଛି, ସୁସ୍ଥ ସମାଜ ଗଠନ ପାଇଁ ଆମକୁ ଅନେକ କିଛି କରିବାକୁ ପଡ଼ିବ। ସମ୍ବିଧାନର ଜନ୍ମ ତିଥିରେ ସଚ୍ଚା ନାଗରିକ ହିସାବରେ ଗୋଟିଏ କଥାରେ ଏକମତ ହେବା 'ନୈତିକ ଶିକ୍ଷା' ହିଁ ହେବ ସୁସ୍ଥସମାଜ ଓ ନବଭାରତ ଗଢ଼ିବାରେ ଏକ ଆଲୋକବର୍ତ୍ତିକା।

ବିଶ୍ୱନାଥ କୁଟୀର, ନୀଳକଣ୍ଠପୁର, ପୁରୀ
ajayakumarnanda@gmail.com

## ଏଇ ଭାରତରେ

ଘର ବଗିଚାରୁ ଯାତ୍ରା ଆରମ୍ଭ କରି ୧୦ ଏକର ଜମିରେ ଜୈବିକ ଚାଷରେ ସଫଳ ହୋଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି ତାମିଲନାଡୁର ପି. ଭୁବନେଶ୍ୱରୀ। ଗୃହିଣୀ ଭାବେ ଘରେ କିଚେନ ଗାର୍ଡେନ ଆରମ୍ଭ କରିବା ପରେ ସେ ଅଧିକ ଜମିରେ ଜୈବିକ ଚାଷ କରିବାକୁ ସ୍ଥିର କରିଥିଲେ। ଏଥିପାଇଁ ସେ ପରିବାରକୁ ୧.୫ ଏକର ଜମି ଦେବା ଲାଗି ଅନୁରୋଧ କରିଥିଲେ। ଏହି ଜମିରେ ଜୈବିକ ଚାଷରେ ସଫଳ ହେବା ପରେ ଧୀରେ ଧୀରେ ତାଙ୍କ ପରିବାରର ୧୦ ଏକର ଜମିକୁ ଜୈବିକ ସ୍ୱର୍ଗରେ ପରିଣତ କରିଛନ୍ତି। ସେ ବିଭିନ୍ନ ପ୍ରକାର ଧାନ, ପରିବା ସହ ଫଳ ଚାଷ କରି ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ଭୁବନେଶ୍ୱରୀଙ୍କ ବୟସ ୫୪। ଥାଞ୍ଜାଭୁର ଜିଲାର କଲ୍ୟାଣୋଦାଇ ଗାଁରେ ଜନ୍ମିତ ଭୁବନେଶ୍ୱରୀଙ୍କର ପିଲାବେଳୁ ଚାଷ ପ୍ରତି ଆଗ୍ରହ ରହିଥିଲା। ବିବାହ ପରେ ମଦୁରାଇର ପୁଡୁକୋଟି କରୁପୟୁରାନି ଗାଁକୁ ଆସିବା ପରେ କିଚେନ ଗାର୍ଡେନ ଆରମ୍ଭ କରିଥିଲେ। ଏବେ ଚାଷରେ ସେ ଅଦା, ରସୁଣ, କଞ୍ଚାଲଙ୍କା ଏବଂ ବଟରମିଲ୍କ ମିଶ୍ରଣକୁ ଗଛରେ ପ୍ରୟୋଗ କରୁଛନ୍ତି। ଚାଷ ପାଇଁ ଗୋବର, ଗୋମୂତ୍ର ମିଶ୍ରଣକୁ ଜମିରେ ସ୍ପ୍ରେ କରୁଛନ୍ତି। ଏହା କୀଟନାଶକ ଭାବେ କାମ କରୁଛି। ଏହା ବ୍ୟତୀତ ସେ ଗୋବର, ଗୋମୂତ୍ର, ଘିଅ ଓ କ୍ଷୀର ମିଶାଇ ଏକ ଦ୍ରବଣ କରି ତାହାକୁ ମଧ୍ୟ ପ୍ରୟୋଗ କରୁଛନ୍ତି। ଏହା ବ୍ୟତୀତ ପ୍ରାୟ ୨୫ ପ୍ରକାରର ଔଷଧୀୟ ଗଛର ପତ୍ରରୁ କୀଟନାଶକ ପ୍ରସ୍ତୁତ କରୁଛନ୍ତି।

# ବିବାହ ଓ ପ୍ରତାରଣା



ବୈକୁଣ୍ଠନାଥ ମିଶ୍ର

ପ୍ରେମ ଅଧିକାଂଶ କ୍ଷେତ୍ରରେ ବିବାହର ରୂପ ନେଉଛି। କିନ୍ତୁ ପରିତାପର ବିଷୟ ଯେ ପ୍ରେମବିବାହ ଭିତରୁ ପ୍ରାୟ ଶତକଡ଼ା ୭୦ ଭାଗ ବିଫଳ ହେଉଛି। ମାତ୍ର ୫୦/୬୦ ବର୍ଷ ପୂର୍ବେ ପ୍ରେମ ବିବାହ କ୍ୱଚିତ୍ ଦେଖାଯାଉଥିଲା। ପ୍ରେମବିବାହ ସ୍ଥାନରେ ଆୟୋଜିତ ବିବାହ ଥିଲା ସର୍ବଗ୍ରାହ୍ୟ। ଆୟୋଜିତ ବିବାହରେ ଝିଅପୁଅ ପରସ୍ପରକୁ ଦେଖୁ ନ ଥିଲେ କି ଜାଣି ନ ଥିଲେ। ମାତାପିତା ଓ ଗୁରୁଜନ ଯେଉଁ ଝିଅକୁ ବୋହୂରୂପେ ବା ଯେଉଁ ପୁଅକୁ ସ୍ୱାମୀ ରୂପେ ଚୟନ କରୁଥିଲେ ତାହା ହିଁ ଥିଲା ସର୍ବଶେଷ। ମାତାପିତା ଓ ଗୁରୁଜନଙ୍କ ନିଷ୍ପତ୍ତି ଯେ ପିଲାମାନଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଏ ବିଶ୍ୱାସ ପିଲାମାନଙ୍କର ମନପ୍ରାଣକୁ ସ୍ପର୍ଶ କରୁଥିଲା। ସେତେବେଳେ ରୂପ ଅପେକ୍ଷା ଗୁଣକୁ ପ୍ରାଧାନ୍ୟ ଦିଆଯାଉଥିଲା। ଝିଅ ବା ସ୍ୱାମୀ ମନୋନୟନ ସମୟରେ ସମ୍ପୃକ୍ତ ପରିବାର ସମ୍ବନ୍ଧରେ ନାନା ତଥ୍ୟ ସଂଗ୍ରହ କରାଯାଇ ସେଗୁଡ଼ିକର ଔଚିତ୍ୟକୁ ତର୍ଜମାକରି ପରସ୍ପରକୁ ଜୀବନସାଥୀ ରୂପେ ନିବନ୍ଧିତ କରାଯାଉଥିଲା। ଫଳରେ ବିବାହୋତ୍ତର ଜୀବନ ପ୍ରେମମୟତାରେ ଭରିଯାଉଥିଲା।

ବାହ୍ୟ ସଭ୍ୟତାକୁ ଆପଣେଇ ନେବା ଦ୍ୱାରା ଆମ ପରମ୍ପରା କ୍ଷତାକ୍ତ ହେବାକୁ ଲାଗିଲା। ବିବାହ ପରି ପବିତ୍ର କର୍ମରେ ମା' ବାପାଙ୍କର ଗୁରୁତ୍ୱ ହ୍ରାସ ପାଇଲା ଓ ପିଲାମାନେ ତାଙ୍କ ଜୀବନସାଥୀ ନିଜେ ଚୟନକଲେ। ବିଚରା ମାତାପିତା ପିଲାମାନଙ୍କ ବ୍ୟକ୍ତିଗତ ଜୀବନ ପରିସରରୁ ଦୂରେଇ ଗଲେ । ମାତାପିତାଙ୍କ ଅସମ୍ପୃକ୍ତି ଫଳରେ ପିଲାଙ୍କ ଦାମ୍ପତ୍ୟ କଳହ ଉଗ୍ରରୂପ ନେଲା। ଘରର ଗୁମର ପଦାରେ ପଡ଼ିଲା। କେହିକାହା ସହ ବୁଝାମଣା କରିବା ଅବସ୍ଥାରେ ରହିଲେ ନାହିଁ। ପ୍ରେମର ସ୍ଥାନ ନେଲା ଅବିଶ୍ୱାସ, ଘୃଣା ଓ ଅସହିଷ୍ଣୁତା।

ମିଛ ପ୍ରେମ, ଦୈହିକ ସୁଖଭୋଗ ଓ ପ୍ରଚୁର ଧନାର୍ଜନ ସେମାନଙ୍କ ଛଦ୍ମବେଶୀ ଭଲମଣିଷର ଚେହେରା ତଳେ ସଦା ଉଜ୍ଜୀବିତ ଥାଏ। ନିକଟ ଅତୀତର ମାତ୍ର ଷଷ୍ଠଶ୍ରେଣୀ ପଢ଼ିଥିବା ଜଣେ ଯୁବକ ନିଜକୁ କେତେବେଳେ ଡାକ୍ତରୀ ଛାତ୍ର ତ କେବେ ପ୍ରଶାସନିକ ଅଧିକାରୀ କହି ଶତାଧିକ ତରୁଣୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିବାର ଚାଞ୍ଚଲ୍ୟକର ଖବର ପ୍ରକାଶ ପାଇ ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଶିକ୍ଷିତା ସାବାଳିକାମାନେ ପ୍ରେମରେ ଅନ୍ଧହୋଇ ବାଟବଣା ହେଉଥିବାବେଳେ ସ୍ୱଳ୍ପଶିକ୍ଷିତା ନାବାଳିକାଙ୍କ କଥା ନ କହିବା ଭଲ।

ସମ୍ପ୍ରତି ଏକ ଭୟଶୂନ୍ୟ ବାତାବରଣ ସର୍ବତ୍ର ପରିଦୃଷ୍ଟ। କିଶୋରୀ କିଶୋରମାନେ ଭୟଶୂନ୍ୟ ହୋଇ ସ୍ୱାଧୀନ ଜୀବନଯାପନର ଅଭିଳାଷ ରଖୁଥିବାରୁ ନିଜ ନିଷ୍ପତ୍ତି ନିଜେ ନେଇ ବିଷମ ପରିସ୍ଥିତିକୁ ଆହ୍ୱାନ କରୁଛନ୍ତି। ଏଥିରେ ମହିଳାମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ଯେଉଁ ସମୟରେ ସେମାନେ ଭବିଷ୍ୟତ ଗଠନରେ ମନୋନିବେଶ କରିବାକଥା, ସେ ସମୟରେ ଅବାଟରେ ଚାଲି ଲହୁଲୁହାଣ ହେଉଛନ୍ତି। କେନ୍ଦ୍ର ସରକାର ଗତ ଡିସେମ୍ବର ୨୧ତାରିଖରେ ଝିଅଙ୍କ ବିବାହ ବୟସ ୧୮ରୁ ୨୧କୁ ବୃଦ୍ଧି କରିବା ସଂକ୍ରାନ୍ତୀୟ ଏକ ଚିଠାପ୍ରସ୍ତାବ ଲୋକ ସଭାରେ ପାରିତ କରିଛନ୍ତି। କେନ୍ଦ୍ର ସରକାରଙ୍କର କହିବାକଥା ହେଲା ଉକ୍ତ ଆଇନର ଆଭିମୁଖ୍ୟ ହେଉଛି ୨୧ବର୍ଷ ବୟସ ସୁଦ୍ଧା ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ଓ ତତ୍‌ପରେ ବିବାହବନ୍ଧନରେ ଅନୁବନ୍ଧିତ ହୋଇ ପରିବାରର ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିପାରିବେ। ୨୦୧୧ଜନଗଣନା ଅନୁଯାୟୀ ୧୮ରୁ ୨୧ବର୍ଷ ମହିଳାଙ୍କ ସଂଖ୍ୟାଥିଲା ୪କୋଟି ୬୪ଲକ୍ଷ, ଯାହା ବର୍ତ୍ତମାନ ପ୍ରାୟ ୬କୋଟି ହେବ। ଏତେ ସଂଖ୍ୟକ ମହିଳା ସ୍ୱାବଲମ୍ବୀ ହେବା ପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତି ଅତ୍ୟନ୍ତ ଦୁର୍ବଳ। ସ୍ୱଳ୍ପଶିକ୍ଷା ଓ ଆୟବିହୀନ ଏକ ସଙ୍କୁଚିତ ପରିବେଶରେ ଏହି ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ? ଫଳତଃ ନାନା ଆପରାଧିକ କାର୍ଯ୍ୟରେ ନିଜକୁ ସଂପୃକ୍ତ କରିବାର ସମ୍ଭାବନାକୁ ଅସ୍ୱୀକାର କରିହେବ ନାହିଁ। ଏ ସମସ୍ତ କଥାକୁ ବିଚାରକୁ ନେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ (ଓଏସ୍‌ସିପିସିଆର)୨୧ବର୍ଷ ବିବାହ ବୟସକୁ ବିରୋଧକରି କେନ୍ଦ୍ର ଶିକ୍ଷା ମହିଳା ଶିଶୁ ଓ କ୍ରୀଡ଼ାବ୍ୟାପାରସଂସଦୀୟକମିଟିକୁଏକଚିଠିଲେଖିଛି।

ବିବାହ ବୟସ ୨୧ ହେଉ ବା ୧୮ ହେଉ ଆଇନକୁ ସମ୍ମାନ ଜଣାଇ ବିବାହକୁ ସିନା ଟାଳି ଦେଇହେବ ; ମାତ୍ର ଝିଅଟି ଯେ ପ୍ରାକ୍ ବୈବାହିକ ପ୍ରେମ ଓ ତଜ୍ଜନିତ ପ୍ରତାରଣାର ଶିକାର ହେବ ନାହିଁ- ଏହାର କିଛି ସମୁଚିତ ପ୍ରତିବିଧାନ ନାହିଁ। ସାମାଜିକ ଉଚ୍ଛୃଙ୍ଖଳତା ଚରମ ସୀମାରେ ଉପନୀତ। ପିଲାମାନେ କାଳେ କୌଣସି ବିପଜ୍ଜନକ ପରିସ୍ଥିତିକୁ ଆମନ୍ତ୍ରଣ କରିବେ, ସେଥିପାଇଁ ମାଆବାପାଙ୍କୁ ନୀରବ ରହିବାକୁ ପଡୁଛି। ସମ୍ପ୍ରତି ଚାଇନା ସରକାର ଏକ ଆଇନ ପ୍ରଣୟନ କରିବାକୁ ଯାଉଛନ୍ତି ଯେ, ପିଲାମାନଙ୍କର ପ୍ରାକ୍ ବୈବାହିକ ଉଚ୍ଛୃଙ୍ଖଳତା ପାଇଁ ସେମାନଙ୍କ ମାତାପିତାଙ୍କୁ ଦଣ୍ଡିତ କରାଯିବ। ଯେହେତୁ ପିଲାଏ ନାବାଳକ ଓ ଭଲମନ୍ଦ ବିଚାର କରିବା ପାଇଁ ସେମାନେ ଯଥେଷ୍ଟ ପରିପକ୍ୱ ନୁହନ୍ତି ତାଙ୍କ ସ୍ଥାନରେ ମାତାପିତାଙ୍କୁ ଦଣ୍ଡଦେବାର ବ୍ୟବସ୍ଥା ହେବାକୁ ଯାଉଛି। ଫଳରେ ପିଲାମାନଙ୍କ ଉଚ୍ଛୃଙ୍ଖଳତା ପାଇଁ ମାତାପିତା ଉଦାସୀନ ହେବେନାହିଁ। ଭାରତରେ ଏପରି ପ୍ରାବଧାନର ପ୍ରାସଙ୍ଗିକତା ଅଛି କି ନାହିଁ ଏହା ଏକ ବିତର୍କର ଅପେକ୍ଷା ରଖେ।

ପ୍ରାକ୍ ବିବାହ ଯୌନ ସମ୍ପର୍କ ଝିଅମାନଙ୍କ ପକ୍ଷେ କେତେ ଦୁର୍ଭାଗ୍ୟଜନକ ତାହା ମୁମ୍ବାଇ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରକାଶିତ ଏକ ରାୟକୁ ଅନୁଧ୍ୟାନ କଲେ ଜଣାଯିବ। ୧୯୯୬ରେ ଆଗତ ଉକ୍ତ ମାମଲା ଅନୁଯାୟୀ ଜଣେ ଯୁବକ ତାଙ୍କ ବାଳିକା ବନ୍ଧୁ ସହ ତିନିବର୍ଷକାଳ ଯୌନ ସମ୍ପର୍କ ରଖି ବିବାହ ନିମିତ୍ତ ଅନିଚ୍ଛା ପ୍ରକାଶ କରିବାରୁ ମହିଳାଜଣକ ନ୍ୟାୟାଳୟର ଆଶ୍ରୟ ନେଲେ । ଦୀର୍ଘ ୨୫ବର୍ଷ ପରେ ୨୦୨୧ରେ ରାୟ ପ୍ରକାଶ କରି ନ୍ୟାୟାଳୟ କହିଛନ୍ତି ଯେ, ଶାରୀରିକ ସମ୍ପର୍କ ରଖି ବିବାହ ପାଇଁ ଅନିଚ୍ଛା ପ୍ରକାଶ କରିବା କିମ୍ବା ବିବାହ ନ କରିବା ଆଦୌ ଅପରାଧ ନୁହେଁ। ଯୌବନୋତ୍ତର ବୟସରେ ଉପନୀତ ସଂପୃକ୍ତ ମହିଳାଙ୍କର ଭାଗ୍ୟ ଆକାଶରେ କଳାବାଦଲ ଘୋଟି ଆସିଛି। ନାରୀଜାତି ପାଇଁ ସାମଗ୍ରିକ ଭାବେ ଏହା ଏକ ଚିନ୍ତାର ବିଷୟ ଯେ ପ୍ରାକ୍ ବୈବାହିକ ସମ୍ପର୍କ କେତେ ଭୟଙ୍କର ହୋଇପାରେ। ନିଚ୍ଛକ ପ୍ରେମ ଦୃଶ୍ୟପଟରୁ ଅନ୍ତର୍ହିତ ହେବାକୁ ବସିଲାଣି। ପ୍ରେମ ପ୍ରତାରଣାରେ ରୂପାନ୍ତରିତ ହେବାର ସମ୍ଭାବନାକୁ ଏଡ଼ାଇ ହେବନାହିଁ। ତେଣୁ ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ଏ ବିଷୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ- ୯୯୩୭୪୫୦୫୪୦

## ଚିରନ୍ତନୀ

ଦୂର ଗାଆଁ କୋଳେ ବୁଡୁଥିଲା ମୋର
ଗୋଧୂଳି-ବେଳ
ଶିଶୁସାଥି ମେଳେ ବସୁଥିଲା କେତେ
ସୁଖର ହାଟ
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀ ତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ !

-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାପକ ଦୁର୍ନୀତି

ମହାଶୟ,

ଗଞ୍ଜାମ ଜିଲା ଅନ୍ତର୍ଗତ ପୁରୁଷୋତ୍ତମପୁର ବିଇଓ ଅଫିସରେ ବ୍ୟାପକ ଦୁର୍ନୀତି ହେଉଥିବାର ଖବର ମିଳୁଛି। ବିଶେଷକରି ପିଲାମାନଙ୍କୁ ଦିଆଯାଉଥିବା ସାଇକେଲ ଟଙ୍କାରେ ବ୍ୟାପକ ହେରଫେର ହେଉଛି। ବିଇଓ ଅଫିସରେ ସବୁ ପ୍ରକାର ବେଆଇନ କାର୍ଯ୍ୟ ଚାଲୁଛି। ପିଲାଙ୍କ ବ୍ୟାଙ୍କ ଖାତା ବଦଳରେ ପରିଚିତ ଲୋକଙ୍କ ନାମରେ ଟଙ୍କା ଦେବାର ଅଭିଯୋଗ ଶୁଣିବାକୁ ମିଳୁଛି। । ତେଣୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

-ନାରାୟଣ ବେହେରା, ନୂଆସାହି, ପୁରୁଷୋତ୍ତମପୁର, ଗଞ୍ଜାମ

### ପଞ୍ଚାୟତ ପରିବର୍ତ୍ତନକୁ ନେଇ ଅସନ୍ତୋଷ

ଯାଜପୁର ଜିଲା ରସୁଲପୁର ବ୍ଲକ ବାଉଁଶଅଣ୍ଟା ବଡ଼ ଗ୍ରାମବାସୀଙ୍କ ଭୋଟର ତାଲିକା ଯାବରା ପଞ୍ଚାୟତରେ ଏବେ ବି ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟ ମଧ୍ୟ ଯାବରା ପଞ୍ଚାୟତ ଅଧୀନରେ ହେଉଛି। ହେଲେ ଗତ ପଞ୍ଚାୟତ ନିର୍ବାଚନରେ ଆମକୁ ଅଚାନକ ନିକଟସ୍ଥ ଶ୍ରୀବନ୍ତପୁର ପଞ୍ଚାୟତରେ ଭୋଟଦେବାକୁ ବାଧ୍ୟ କରାଗଲା। ଆମେ ସେ ସମୟରେ ଏହାର ପ୍ରତିବାଦ କରିଛୁ। ବହୁବାର ଯାଜପୁର ଜିଲାପାଳଙ୍କୁ ଏବଂ ଉଚ୍ଚ ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛୁ। ବହୁବାର ସ୍ଥାନୀୟ ବିଧାୟକଙ୍କୁ ଏଥିନେଇ ସାକ୍ଷାତ୍ କରିଛୁ। ଆମକୁ ସବୁଥର ଯାବରା ପଞ୍ଚାୟତରେ ଆମ ଗାଁ ରହିବାର ପ୍ରତିଶ୍ରୁତି ଦିଆଯାଇଛି। ହେଲେ ଏହାର କୌଣସି ସୁଫଳ ମିଳିନାହିଁ। ଆମମାନଙ୍କୁ ଆମ ପଞ୍ଚାୟତରେ ଭୋଟ ଦେବାର ସୁଯୋଗ ନ ଦେବା ନେଇ ଆମେ ନାହିଁନଥିବା ଯନ୍ତ୍ରଣା ପାଉଛୁ। ଗମନାଗମନ ଏବଂ ପଞ୍ଚାୟତ କାର୍ଯ୍ୟାଳୟରୁ ଆମ ଗାଁର ଦୂରତା ଦୃଷ୍ଟିରୁ ଆମେ ଯାବରାରେ ରହିବା କଥା। ଆମ ଗାଁକୁ ଯାବରା ପଞ୍ଚାୟତରୁ କାଟି ଶ୍ରୀବନ୍ତପୁର ପଞ୍ଚାୟତରେ ରଖାଯିବାର କୌଣସି ଆଇନଗତ ଯୁକ୍ତି ନାହିଁ।

-ଗଜେନ୍ଦ୍ର ଦାସ, ବାଉଁଶଅଣ୍ଟା ବଡ, ଯାବରା, କୁଆଖିଆ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ରେକର୍ଡ ସ୍ତରରେ ଅଶୋଧିତ ତୈଳ ଦର**

ଗତ କିଛିଦିନ ହେବ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଜାରି ରହିଛି। ଗତ ୧୦ ଦିନ ହେଲା ଅଶୋଧିତ ତୈଳ ବ୍ୟାରେଲ ପିଛା ମୂଲ୍ୟ ପ୍ରାୟ ୮୫ ଡଲାର ରହିଛି। ଗତ ବୁଧବାର ତୈଳ ଦର ୨୦୧୪ ପରେ ସବୁଠୁ ଉଚ୍ଚ ସ୍ତରକୁ ଛୁଇଁଥିଲା। ଏହିପରି ମୂଲ୍ୟବୃଦ୍ଧି ହୁଏତ ଫେବୃୟାରୀ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଯଦିଓ ପେଟ୍ରୋଲିୟମ ଉତ୍ପାଦର ଚାହିଦା କାଏମ ରହିଛି ହେଲେ ତୈଳ ଉତ୍ପାଦକ ଦେଶଙ୍କ ସମୂହ (ଓପେକ) ଉତ୍ପାଦନକୁ ପୂର୍ବସ୍ତରରେ ରଖିଛନ୍ତି। ତେବେ ତୈଳ ମୂଲ୍ୟ ବୃଦ୍ଧି ନିକଟ ଭବିଷ୍ୟତରେ ନିୟନ୍ତ୍ରଣ ହେବାର କୌଣସି ଆଶା ଦେଖାଯାଉନାହିଁ।

## ସଂକ୍ଷେପରେ

### କୋଇଲା ସଙ୍କଟ ନେଇ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଆଇଇବିଏ

ଭୁବନେଶ୍ୱର,୨୫।୧: ରାଜ୍ୟରେ ଦେଖାଦେଇଥିବା ଉତ୍କଟ କୋଇଲା ସଙ୍କଟ ନେଇ ଆସୋସିଏଶନ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଏଣ୍ଟରପ୍ରିନ୍ୟୁୟର୍ସ ଅଫ୍ ଭୁବନେଶ୍ୱର (ଏଆଇଇବିଏ) ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଛି। ସାମ୍ପ୍ରତିକ କୋଇଲା ସଙ୍କଟ ଯୋଗୁ ମାନୁଫାକ୍ଚରିଂ ସେକ୍ଟର ଅଧିକ ପ୍ରଭାବିତ ହେବାରେ ଲାଗିଛି। ଏହା ଲାଗି ରହିଲେ ରାଜ୍ୟର ଶିଳ୍ପ କାର୍ଯ୍ୟକାରିତା ଉପରେ ସଙ୍କଟ ସୃଷ୍ଟି ହେବା ଆଶଙ୍କା ରହିଛି ବୋଲି ସଂଘ ସୂଚନା ଦେଇଛି। ଏ ସମ୍ପର୍କରେ ଏଆଇଇବିଏର ସଭାପତି ଅଳିକିଶୋର ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲେଖିଥିବା ଚିଠିରେ କୋଇଲା ଅଭାବ ନେଇ ଉଲ୍ଲେଖ କରିଛନ୍ତି।

### ଏନ୍ଆଇଟିରୁ କ୍ୟାମ୍ପସ ଚୟନ

ଭୁବନେଶ୍ୱର,୨୫।୧: ଗତ ଦୁଇଦିନ ଧରି ନାଳନ୍ଦା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି)ରୁ ଦିଲ୍ଲୀଭିତ୍ତିକ କ୍ଲିକ୍ ସଲ୍ୟୁଏଶନ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ କ୍ୟାମ୍ପସ ଚୟନ କରିଥିଲା। ଭାରତର ପାୱାର ଜେନେରେଶନ କ୍ଷେତ୍ରରେ ଏହି କମ୍ପାନୀ ଅନେକ ରାଜ୍ୟରେ ଶକ୍ତି ଉତ୍ତୋଳନ ସୋଲାର ଦ୍ୱାରା କରୁଛନ୍ତି। କମ୍ପାନୀର ଉପସଭାପତି ବନ୍ଦନା ମଧୁସୂଦନ କ୍ୟାମ୍ପସ ଚୟନ କରିବାକୁ ଆସି କହିଥିଲେ, ୨୦୨୫ ରେ ଆକ୍ରମେ ସୋଲାର ଭାରତର ୧ନଂ. ଶକ୍ତି ଉତ୍ତୋଳନ କରିବା କମ୍ପାନୀ ହିସାବରେ ପରିଣତ ହେବ। କମ୍ପାନୀ ଆଗାମୀ ଦିନରେ ଜାପାନ, ଜର୍ମାନୀ ଏବଂ ଚାଇନା ସହ ଅଧିକ ଶକ୍ତି ଉତ୍ତୋଳନ କରିବା ପାଇଁ ଏହି ଦେଶଗୁଡ଼ିକର ଟେକ୍ନୋଲୋଜିକ୍ସ ଗ୍ରହଣ କରିବ ବୋଲି ସେ ମତ ଦେଇଛନ୍ତି। ଉକ୍ତ କ୍ୟାମ୍ପସ ଚୟନରେ ନାଳନ୍ଦାର ଇଲେକ୍ଟ୍ରିକାଲ୍ ବିଭାଗର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ୯ ଜଣ ଛାତ୍ର ଚୟନ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ଇଲେକ୍ଟ୍ରିକାଲ୍ ବିଭାଗ ମୁଖ୍ୟ ବିକାଶ ସ୍ୱାଇଁଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ୧୦ ହଜାର କୋଟି ନିବେଶ କରିବ ବିପିସିଏଲ୍

## ୫ ବର୍ଷରେ ୬ ନୂତନ ସହରରେ ବଣ୍ଟନ କରିବ ଗ୍ୟାସ୍ ଲାଇସେନ୍ସ

ନୂଆଦିଲ୍ଲୀ,୨୫।୧

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ମଙ୍ଗଳବାର କୁହାଯାଇଛି, କମ୍ପାନୀ ଆଗାମୀ ୫ ବର୍ଷ ମଧ୍ୟରେ ୧୦,୦୦୦ କୋଟି ଟଙ୍କା ବିନିଯୋଗ କରିବ। ସହରଗୁଡ଼ିକରେ ଗ୍ୟାସ୍ ବିତରଣ ନେଟ୍ୱାର୍କ ପ୍ରତିଷ୍ଠା ପାଇଁ କମ୍ପାନୀ ସର୍ବଶେଷ ବିଡ଼ିଂ ରାଉଣ୍ଡ ଜରିଆରେ ଲାଇସେନ୍ସ ହାସଲ କରିଛି। ସେହିଭଳି ବିପିସିଏଲ୍ ୬ଟି ଭୌଗୋଳିକ କ୍ଷେତ୍ରରେ ରନ୍ଧନ ଗ୍ୟାସ୍ ବଣ୍ଟନ ସାଙ୍ଗକୁ ଅଟୋମୋବାଇଲରେ ସିଏନ୍ଜି ଖୁଚୁରା ଏବଂ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ପାଇଁ ଏହି ଲାଇସେନ୍ସ ପାଇଛି। ଏ ସମ୍ପର୍କରେ ବିପିସିଏଲ୍ କହିଛି, ବିଡ଼ିଂର ଫଳାଫଳ ଘୋଷଣା ପରେ ସିଟି ଗ୍ୟାସ୍ ବିତରଣ (ସିଜିଡି) ନେଟ୍ୱର୍କରେ କମ୍ପାନୀର ପ୍ରତିବଦ୍ଧ ପୁଞ୍ଜି ବିନିଯୋଗ ପ୍ରାୟ ୨୨,୦୦୦ କୋଟିରୁ ଅଧିକ ହେବ। ଫଳରେ ୨୩ଟି ଜିଏର ବିକାଶ



ସହ ଆଉ ୬ଟି ନୂତନ ଜିଏ ପାଇଁ ୧୦,୦୦୦ କୋଟି ଟଙ୍କା ନିବେଶ କରିବ ବୋଲି କମ୍ପାନୀ ଏକ ଷ୍ଟକ୍ ଏକ୍ସଚେଞ୍ଜକୁ ଏ ସମ୍ପର୍କରେ ଅବଗତ କରାଇଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ନିୟାମକ (ପିଏନ୍ଜିଆର୍ବି)ର ଏକାଦଶ ବିଡ଼ିଂ ରାଉଣ୍ଡରେ ସିଟି ଗ୍ୟାସ୍ ବିତରଣ (ସିଜିଡି) ନେଟ୍ୱର୍କ ସ୍ଥାପନ ପାଇଁ ବିପିସିଏଲ୍ ୧୯ ଜିଲାରେ ୬ଟି ଜିଏ ହାସଲ କରିଥିଲା। ବିପିସିଏଲ୍ର ସିଜିଡି ଆଭିମୁଖ୍ୟ ସହ ଜେଭିର ୩୩% ଅଂଶଧନକୁ ଗ୍ରହଣ କରିବ। ବର୍ତ୍ତମାନ ଭାରତର ୧୮ ଟି ରାଜ୍ୟର ୯୪ ଟି ଜିଲ୍ଲାକୁ ଏହା ଅନ୍ତର୍ଭୁକ୍ତ କରୁଥିବା ବେଳେ କମ୍ପାନୀ ଆଉ ୪୮ ଟି ଜିଏ ଜରିଆରେ ଗ୍ରାହକଙ୍କ ନିକଟକୁ ଯିବ। ଏକାଦଶ ରାଉଣ୍ଡ ସିଜିଡି ବିଡ଼ିଂରେ ଟେଣ୍ଡର ଗ୍ରହଣ କରିଥିବା ୬୧ଟି ଜିଏ ମଧ୍ୟରୁ ମେଗା ଇଞ୍ଜିନିୟରିଂ ଏବଂ ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡ୍ ୧୫ଟି ଲାଇସେନ୍ସ ପାଇଛି। ଆଦାନୀ ଟୋଟାଲ ଗ୍ୟାସ୍ ଲିମିଟେଡ୍ ୧୪ ଏବଂ ରାଷ୍ଟ୍ରାୟତ୍ତ ଭାରତୀୟ ତୈଳ ନିଗମ (ଆଇଓସି) ଉଚ୍ଚ ସମ୍ଭାବ୍ୟ ୯ ଜିଏ ପାଇଛି। ବିପିସିଏଲ୍ର ମୁମ୍ବାଇ ତୈଳ ବିଶୋଧନାଗାରର ମାଲିକାନା ସମେତ କେରଳର କୋଚି ଏବଂ ମଧ୍ୟପ୍ରଦେଶର ବିନା ଠାରେ ୩୮ଟି ଜିଏ ପାଇଁ ସିଟି ଗ୍ୟାସ୍ ଲାଇସେନ୍ସ ପାଇଥିଲା। ଏହାର ଫାର୍ମ ଷ୍ଟ୍ରାଟେଜିକ୍ ଆସ୍ପିରେସନ ୨୦୨୨-୨୭ ଯୋଜନା ଅନୁସାରେ ଆଗାମୀ ୫ ବର୍ଷ ମଧ୍ୟରେ ଗ୍ୟାସ୍ରେ ତିନିଗୁଣ ଫୁଟ୍ପ୍ରିଣ୍ଟ ଅପେକ୍ଷା ଅଧିକ ଯୋଜନା କରାଯାଇଛି। ଏହା କମ୍ପାନୀର ସିଜିଡି ବିଡ଼ିଂ ଯୋଜନା କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଗଣାଯାଉଛି। ସରକାର ପ୍ରାକୃତିକ ଗ୍ୟାସ୍ ବ୍ୟବହାରର ଅଂଶକୁ ଦୁଇଗୁଣରୁ ଅଧିକ କରିବାକୁ ଚାହୁଁଛନ୍ତି। ଦେଶର ପ୍ରାଥମିକ ଶକ୍ତି କ୍ଷେତ୍ରରେ ଏହାର ଅଂଶ ବର୍ତ୍ତମାନ ୬.୨% ରୁ ବଢ଼ାଇ ୨୦୩୦ ସୁଦ୍ଧା ୧୫% କୁ ବୃଦ୍ଧି କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ଅଟୋମୋବାଇଲରେ ପରିବେଶ ଅନୁକୂଳ ଇନ୍ଧନର ବ୍ୟବହାରକୁ ଦୃଷ୍ଟିରେ ରଖିବା ସହିତ ରନ୍ଧନ ଏବଂ ଶିଳ୍ପରେ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବାରେ ଏହା ସାହାଯ୍ୟ କରିବ।

# ଟିପିସିଓଡିଏଲ୍ର ହ୍ୱାଟ୍ସଆପ୍ରେ ଇ-ବିଲ୍ର ଶୁଭାରମ୍ଭ

## ଡିଜିଟାଲ ବିଲ୍ ପେମେଣ୍ଟ ଉପରେ ୨% ରିହାତି

ଭୁବନେଶ୍ୱର,୨୫।୧

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମଙ୍ଗଳବାର ହ୍ୱାଟ୍ସଆପ୍ ବିଲିଂ ଏହି ସୁବିଧା ପାଇବା ଲାଗି ଗ୍ରାହକଙ୍କୁ ହ୍ୱାଟ୍ସଆପ୍ ନମ୍ବର ୯୯୩୭୮୭୫୯୯୯କୁ ନିଜ ପଞ୍ଜୀକୃତ ମୋବାଇଲ୍ ନମ୍ବରରୁ 'ହାଏ' ଲେଖି ପଠାଇବାକୁ ହେବ କିମ୍ବା କେବଳ କ୍ୟୁଆର୍ କୋଡ୍ ସ୍କାନ୍ କରି ଏହି ସୁବିଧା ହାସଲ କରିହେବ। ଏହାର ଗ୍ରାହକ ସେହି ନମ୍ବରରେ ଏକ ମିସ୍ଡ କଲ୍ ଦେଇ ନିଜର ଇ-ବିଲ୍ର ନକଲ ହ୍ୱାଟ୍ସଆପ୍ରେ ମଧ୍ୟ ତତ୍କାଳ ପାଇପାରିବେ। ଏ ସମ୍ପର୍କରେ ଟିପିସିଓଡିଏଲ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ସେନ୍ବାଗମ୍ କହିଥିଲେ, କଠିନ କୋଭିଡ୍ ସମୟରେ ସ୍ପର୍ଶବିହୀନ ବିଲିଂ ଓ ପେମେଣ୍ଟ ସେବାର ପ୍ରସାର କରିବା ହେଉଛି କମ୍ପାନୀର ଆଉ ଏକ




ପଦକ୍ଷେପ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି କମ୍ପାନୀ ପକ୍ଷରୁ ଡିଜିଟାଲ ମାଧ୍ୟମରେ ବିଲ୍ ପେମେଣ୍ଟ କରୁଥିବା ଗ୍ରାହକଙ୍କୁ ମଧ୍ୟ ୨% ରିହାତି ଦିଆଯାଉଛି। ଡିଜିଟାଲ ପେମେଣ୍ଟ ଜରିଆରେ ଗ୍ରାହକମାନେ ଯେଉଁଳି କ୍ୟାଶ୍ବ୍ୟାକ୍ ସୁବିଧା ପାଇବା ନିଶ୍ଚିତ ହୋଇପାରିବ, ସେଥିପାଇଁ ମଧ୍ୟ କମ୍ପାନୀ ଏହାର ୱେବ୍ସାଇଟ୍ରେ ଆମାଜନ୍ ଓ ଫୋନ୍ ପେ ପେମେଣ୍ଟ ଚ୍ୟାନେଲକୁ ସକ୍ରିୟ କରିଛି।

# ଡାଲମିଆ ସହ ଓଡ଼ିଶା ସରକାରଙ୍କ ସହଭାଗିତା

## 'ଓଡ଼ିଶା ଓପନ-୨୦୨୨'ର ଆୟୋଜନ

ଭୁବନେଶ୍ୱର,୨୫।୧

ରାଷ୍ଟ୍ର ଗଠନ ଏବଂ ପ୍ରତିଭାସମ୍ପନ୍ନ ଯୁବବର୍ଗଙ୍କୁ ଆଗକୁ ବଢ଼ାଇବା ଦିଗରେ ନିଜର ପ୍ରତିବଦ୍ଧତାକୁ ଆଗେଇନେଇ ଡାଲମିଆ ଭାରତ ଲିମିଟେଡ୍ ଓଡ଼ିଶାର ପ୍ରଥମ ଆନ୍ତର୍ଜାତିକ ବ୍ୟାଡ୍ମିଣ୍ଟନ ଟୁର୍ଣ୍ଣାମେଣ୍ଟ 'ଓଡ଼ିଶା ଓପନ-୨୦୨୨'ର ଆୟୋଜନ ସକାଶେ ଓଡ଼ିଶା ସରକାରଙ୍କ ସହ ସହଭାଗିତା କରିଛି। ବ୍ୟାଡ୍ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଟୁର୍ ସୁପର୧୦୦ ଟୁର୍ଣ୍ଣାମେଣ୍ଟ ପକ୍ଷରୁ ବ୍ୟାଡ୍ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ) ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଜାନୁୟାରୀ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକସ୍ଥିତ ଜବାହରଲାଲ ନେହେରୁ ଇନ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଡାଲମିଆ ଭାରତ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ପୁନିତ୍ ଡାଲମିଆ କହିଛନ୍ତି, ଓଡ଼ିଶା ଓପନ ୨୦୨୨ର ଆୟୋଜନ ନିମନ୍ତେ ଓଡ଼ିଶା ଭଳି ରାଜ୍ୟ ଏବଂ ବିଏଆଇ ସହିତ ସହଭାଗିତା କରିବା

Dalmia Bharat Group

ନେଇ ଆମେ ଅତ୍ୟନ୍ତ ଖୁସି। ବ୍ୟାଡ୍ମିଣ୍ଟନ ଭଳି ଏକ ସମ୍ମାନଜନକ କ୍ରୀଡ଼ା ସହିତ ଆମର ଦୀର୍ଘ ଏବଂ ସଫଳ ଇତିହାସ ରହିଆସିଛି। ଏହା କ୍ରୀଡ଼ାଜଗତର ସଂହତି, ପ୍ରତିବଦ୍ଧତା ଏବଂ ମଜଭୁତପଣ ଏବଂ ସାମଗ୍ରିକ ପ୍ରଦର୍ଶନ ଭଳି ଆମର ମୂଳ ମୂଲ୍ୟବୋଧକୁ ବହନ କରୁଛି। ସମସ୍ତ ଅଂଶଗ୍ରହଣକାରୀ, କ୍ରୀଡ଼ା ଅଫିସିଆଲ ଏବଂ ପ୍ରଶଂସକମାନଙ୍କୁ ଆମେ ସ୍ୱାଗତ କରୁଛୁ। ଆମେ ଦୃଢ଼ ନିଶ୍ଚିତ ଯେ ଏହି ଟୁର୍ଣ୍ଣାମେଣ୍ଟ ଏକ ରେକର୍ଡ ସୃଷ୍ଟିକାରୀ କ୍ରୀଡ଼ା କାର୍ଯ୍ୟକ୍ରମ ହେବ। କଟକରେ ଏହା ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁ ସହରରେ ଡାଲମିଆ ଭାରତ ଲିମିଟେଡ୍ର ସିମେଣ୍ଟ ଉତ୍ପାଦନ ପ୍ରକଳ୍ପ ରହିଛି। କମ୍ପାନୀ ମଧ୍ୟ ଓଡ଼ିଶା ଓପନର ପରବର୍ତ୍ତୀ ସଂସ୍କରଣ ନିମନ୍ତେ ପ୍ରସ୍ତୁତ ହେଉଛି ବୋଲି ଡାଲମିଆ ସୂଚନା ଦେଇଛନ୍ତି। କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଏହି ଟୁର୍ଣ୍ଣାମେଣ୍ଟ ଯେଉଁଳି ବିଡବ୍ଲ୍ୟୁଏଫ୍ ଦ୍ୱାରା ସ୍ପଷ୍ଟ ଭାବରେ ଦର୍ଶାଯାଇଥିବା କୋଭିଡ୍ ନିୟମାବଳୀ ଅନୁପାଳନକୁ ସୁନିଶ୍ଚିତ କରିବ, ସେ ଦିଗରେ କ୍ରୀଡ଼ା ଓ ଯୁବସେବା ବିଭାଗ (ଡିଏସ୍ୱାଇଏସ୍) ବିଏଆଇ ସହ ମିଶି କାର୍ଯ୍ୟ କରୁଛି। ରାଜ୍ୟ ସରକାର ଜାତୀୟ ଏବଂ ଆନ୍ତର୍ଜାତିକ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରି ଓଡ଼ିଶାକୁ ଏକ ପ୍ରମୁଖ କ୍ରୀଡ଼ାସ୍ଥଳୀରେ ପରିଣତ କରିବା ଅଭିଯାନ ହାତକୁ ନେଇଥିଲେ। ଓଡ଼ିଶା ଓପନ ୨୦୨୨ ଜରିଆରେ ଏବଂ ଡାଲମିଆ ଭାରତ ଲିମିଟେଡ୍ ସହିତ ସହଭାଗିତାରେ ରାଜ୍ୟ ସରକାର ଆନ୍ତର୍ଜାତିକ ସ୍ତରର କ୍ରୀଡ଼ାବିତ୍ଙ୍କୁ ପ୍ରସ୍ତୁତ କରିବାକୁ ତାଲିମ ପ୍ରଦାନ କାର୍ଯ୍ୟ ନିରନ୍ତର ଜାରି ରଖିଛନ୍ତି।

# ୫ଦିନ ପରେ ସେନ୍ସେକ୍ସର ୩୬୭ ପଏଣ୍ଟ ବୃଦ୍ଧି

ମୁମ୍ବାଇ,୨୫।୧

ଭାରତୀୟ ଶେୟାର ବଜାର କ୍ରମାଗତ ୫ ଦିନ ଧରି ହ୍ରାସ ଘଟିଥିଲା। ଫଳରେ ଏହାର ନିବେଶକମାନେ କୋଟି କୋଟି ଟଙ୍କାର କ୍ଷତି ସହିଛନ୍ତି। ଲଗାତର ୫ ଦିନ ଶେୟାର ବଜାରରେ ହ୍ରାସ ପରେ ମଙ୍ଗଳବାର ବେଞ୍ଚମାର୍କ ୦.୬% ବୃଦ୍ଧି ହୋଇଛି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୬୭ ପଏଣ୍ଟ ବୃଦ୍ଧି ଘଟି ୫୭,୮୫୮ ଅଙ୍କରେ ରହିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ନିଫ୍ଟରେ ୧୨୯ ପଏଣ୍ଟ ବଢ଼ି ୧୭,୨୭୮ ଅଙ୍କରେ କାରବାର ଶେଷ କରିଛି। ଫଳରେ ବିଏସ୍ଇର ସୂଚନା ଅନୁସାରେ ସେନ୍ସେକ୍ସ ୩୬୬.୬୪ ପଏଣ୍ଟ ବୃଦ୍ଧି ପାଇ ୫୭,୮୫୮.୧୫ ଅଙ୍କରେ ରହିଥିବା ବେଳେ ନିଫ୍ଟି ୧୨୮.୮୫ ପଏଣ୍ଟ ବଢ଼ି ୧୭,୨୭୭.୯୫ ଅଙ୍କରେ କାରବାର ବନ୍ଦ କରିଛି। ଏହା ପୂର୍ବରୁ ଶେୟାର ବଜାର ଲଗାତର ଷଷ୍ଠଦିନ ପାଇଁ ଲାଲ ସଂକେତରେ ଖୋଲିଥିଲା। ସେନ୍ସେକ୍ସ ୮୦୮ ଅଙ୍କ ହ୍ରାସ ସହ ୫୬,୬୮୩ ପଏଣ୍ଟରେ ଖୋଲିଥିଲା।

BIRTHDAY WISH



Every single day since you were born, you've added something amazing to my life. I can't imagine my life without you in it.
Happy Birthday Swadhin (Anna)
Best wishes: Family and Relatives.
D-22938

ସପ୍ତମ ଜନ୍ମବାର୍ଷିକୀ ଶୁଭେଚ୍ଛା



ପ୍ରୟାସ କୁମାର ବନ୍ଛୁର ( ଓମ୍କାର)
ବାପା: କୃଷ୍ଣଚନ୍ଦ୍ର ବନ୍ଛୁର, ମା': ଦୀପିକା ସୁନାମୀ
ତୋର ଏଇ ଜନ୍ମଦିନ ଅବସରରେ ବାପା, ମା', ଦାଦା, ଦାଦୀ, ବଡ଼ବାପା, ବଡ଼ମା', ଅଜା, ଆଈ, କାକା, କାକୀ, ବଡ଼ମାମା, ବଡ଼ମାମୀ, ଛୋଟମାମା, ଛୋଟମାମୀ, ସମୀର, ଅମୀର, ଲେଖିକା, ନୀହାରିକା, ଉମାକାନ୍ତ, ପ୍ରଭାସ, ପୁନମ୍, ପାୟଲ ଓ ବନ୍ଛୁର ପରିବାରବର୍ଗ ଭଗବାନଙ୍କଠାରେ ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା କରୁଛୁ।
ଧ-୨୨୯୪୮

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ।
ପ୍ରେମବିବାହ, ବେପାରବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସ୍ୱାମୀ-ସ୍ତ୍ରୀ ସମସ୍ୟା। ଜାଦୁମନ୍ତ୍ର ଇତ୍ୟାଦି
ବାବା ହସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ।
9560789896

## ଫୁର୍ସତ୍



### 'ବଧାଇ ଦୋ'ର ଟ୍ରେଲର ରିଲିଜ୍

**ମୁମ୍ବାଇ:** ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ଭୂମି ପେଡନେକରଙ୍କ ମୁଭି 'ବଧାଇ ଦୋ'ର ଟ୍ରେଲର ରିଲିଜ୍ ହୋଇଯାଇଛି। ଏଥିରେ ରାଜକୁମାର ଜଣେ ଗେ' ପୋଲିସ ଅଫିସର ଭୂମିକାରେ ନଜର ଆସିଛନ୍ତି। ଭୂମି ମଧ୍ୟ ଏଥିରେ ଏଲ୍ଜିବିଟିକ୍ୟୁ କମ୍ୟୁନିଟି ସଦସ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ହର୍ଷବର୍ଦ୍ଧନ କୁଲକର୍ନିଙ୍କ ନିର୍ଦ୍ଦେଶିତ ଫିଲ୍ମ ଆସନ୍ତା ଫେବୃୟାରୀ ୧୧ ତାରିଖରେ ମୁକ୍ତିଲାଭ କରିବ। ସିନେମାଟି ପାରିବାରିକ ହେବା ସହ କମେଡିରେ ଭରି ରହିଛି। ଏ ନେଇ ଜଙ୍ଗଲ ପିକ୍ଚର୍ସ ତା'ର ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛି। ଚଳଚ୍ଚିତ୍ରରେ ଦୁହିଁଙ୍କ ଛଡା ଆୟୁଷ୍ମାନ ଖୁରାନା, ଗଜରାଜ ରାଓ, ନୀନା ଗୁପ୍ତା, ଶିବା ଚଢା, ନେହା ଧୁପିଆ ନଜର ଆସିବେ।

### ମାର୍ଚ୍ଚ ୨୫ରେ 'ଭୁଲ୍ ଭୁଲେୟା ୨'

**ମୁମ୍ବାଇ:** ବହୁ କଳ୍ପନାଜଳ୍ପନା ପରେ 'ଭୁଲ ଭୁଲେୟା ୨'ର ରିଲିଜ ତାରିଖ ଘୁଞ୍ଚିବନି କି ସ୍ଥଗିତ ରହିବନି ବୋଲି ମେକର୍ସ ସ୍ଥିର କରିଛନ୍ତି। ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁଯାୟୀ, ଚଳିତବର୍ଷ ୨୫ ମାର୍ଚ୍ଚରେ ଏହା ରିଲିଜ ହେବ। ଫିଲ୍ମ କ୍ରିଟିକ ଓ ଟ୍ରେଡ୍ ଆନାଲିଷ୍ଟ ତରନ ଆଦର୍ଶ ଟୁଇଟର ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସିନେମାରେ ଅନିଜ୍ ବାଜମୀ ନିର୍ଦ୍ଦେଶନା ଦେଇଥିବାବେଳେ ଭୂଷଣ କୁମାର ଓ ମୁରଦ ଖେଟାନ ପ୍ରଯୋଜନା କରିଛନ୍ତି। ଏଥିରେ କାର୍ତ୍ତିକ ଆର୍ଯ୍ୟନ, କିଆରା ଆଡଭାନୀ, ତବୁ, ରାଜପାଲ ଯାଦବ, ପରେଶ ରାୱଲ ଏବଂ ସଞ୍ଜୟ ମିଶ୍ର ଅଭିନୟ କରିଛନ୍ତି। ସିନେମା ସୁପର ନାଚୁରାଲ ହରର ଡ୍ରାମା ଉପରେ ଆଧାରିତ। ମୁଭିରେ ରାଜପାଲ ଛୋଟ ପଣ୍ଡିତ ଭୂମିକାରେ ନଜର ଆସିବେ।



# ବହିର୍ବାଣିଜ୍ୟ ଦ୍ୱାରା ଅର୍ଥନୀତିର ବିକାଶ

## ଅନ୍ତର୍ଜାତୀୟ କଷ୍ଟମ୍ ଦିବସ

ଦେଶ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ଦ୍ୱାରା ବୈଦେଶିକ ମୁଦ୍ରା ଭଣ୍ଡାର ବିକଶିତ ହୋଇଥାଏ। ଅନ୍ତର୍ଜାତୀୟସ୍ତରୀୟ ବାଣିଜ୍ୟ କ୍ଷେତ୍ରରେ କଷ୍ଟମ୍ ବିଭାଗର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥାଏ। କଷ୍ଟମ୍ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜାନୁୟାରୀ ୨୬ରେ ଅନ୍ତର୍ଜାତୀୟ କଷ୍ଟମ୍ ଦିବସ ପାଳିତ ହୋଇଥାଏ। ବହିର୍ବାଣିଜ୍ୟ ଦ୍ୱାରା ଅର୍ଥନୀତିର ବିକାଶ ସମ୍ଭବ ହୋଇ ପାରିଥାଏ। ଅଧିକ ବହିର୍ବାଣିଜ୍ୟ ଯେକୌଣସି ଦେଶର ଆର୍ଥିକ କ୍ଷେତ୍ରକୁ ସୁଦୃଢ଼ କରିପାରିଥାଏ। ୧୯୫୩ ଜାନୁୟାରୀ ୨୬ରେ ୧୭ଟି ୟୁରୋପିଆନ୍ ଦେଶଙ୍କ ମିଳିତ ସହଯୋଗରେ କଷ୍ଟମ୍ କୋ-ଅପରେଶନ କାଉନ୍ସିଲ୍(ସିସିସି) ବେଲଜିୟମ୍ର ବ୍ରସେଲ୍ସଠାରେ ସ୍ଥାପନା କରାଯାଇଥିଲା। ପରେ ୧୯୮୩ରେ ସିସିସି ପକ୍ଷରୁ ସ୍ଥାପନା ଦିବସ ସ୍ମୃତିରେ ଅନ୍ତର୍ଜାତୀୟ କଷ୍ଟମ୍ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୧୯୯୪ରେ ସିସିସିକୁ ୱାର୍ଲ୍ଡ କଷ୍ଟମ୍ ଅର୍ଗାନାଇଜେଶନ



(ଡବ୍ଲ୍ୟୁସିଓ) ଭାବେ ନାମିତ କରାଯାଇଥିଲା। ଡବ୍ଲ୍ୟୁସିଓ ଦେଶ ଦେଶ ମଧ୍ୟରେ ସୀମା ଶୁଳ୍କ ସମସ୍ୟାର ସମାଧାନ କରିଥାଏ। ସମ୍ପ୍ରତି ଡବ୍ଲ୍ୟୁସିଓର ସଦସ୍ୟ ରାଷ୍ଟ୍ର ସଂଖ୍ୟା ୧୮୨ରେ ପହଞ୍ଚିଛି। ପୃଥିବୀର ୯୮ ପ୍ରତିଶତ ବାଣିଜ୍ୟ ଡବ୍ଲ୍ୟୁସିଓ ଦ୍ୱାରା ପରିଚାଳିତ ହୋଇଥାଏ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଁକାଞ୍ଚନ କୁମାରୀ ତ୍ରିପାଠୀ
ଲକ୍ଷ୍ମୀସାଗର ଭୁବନେଶ୍ୱର
ସ୍ୱାମୀ- ମାଧବ ମିଶ୍ର
ଆବିର୍ଭାବ : ୧୯୫୦
ତିରୋଧାନ : ୦୬.୦୨.୨୦୨୧
ତୁମର ଅନାବିଳ ସ୍ନେହ, ଆଦର୍ଶ ଆମ ସମସ୍ତଙ୍କ ହୃଦୟରେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପୁଅ, ବୋହୂ, ଜ୍ୱାଇଁ,ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୯୩୫

ଦଶାହ ଉପଲକ୍ଷେ



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନନ୍ଦ
Plot No.- SCR-64, Unit-3
ଖାରବେଳନଗର, ଭୁବନେଶ୍ୱର, ଚେୟାରମ୍ୟାନ, ଓଡ଼ିଶା ଲେବର କୋପରେଟିଭ୍ ସୋସାଇଟି
ଆବିର୍ଭାବ: ୧୪।୦୨।୧୯୫୭
ତିରୋଧାନ: ୧୭।୦୧।୨୦୨୨
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଶୀର୍ବାଦ, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଗୀତାରାଣୀ, ଭଉଣୀ, ଭିଣୋଇ, ଭାଇ, ଭାଇବୋହୂ, ପୁତୁରା, ଝିଆରୀ, ଝିଅଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭଣଜାବୋହୂ, ଭାଣେଜୀ, ଭାଣେଜୀଜ୍ୱାଇଁ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୦୩୭୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଁଗୋପାଳ ଚନ୍ଦ୍ର ମହାନ୍ତି
Plot No.- 88/16, Acharya Bihar, BBSR-13
ଆବିର୍ଭାବ-୨୮।୦୪।୧୯୪୮
ତିରୋଧାନ- ୦୭।୦୨।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ଧର୍ମପତ୍ନୀ: ଗୋଲାପ ମହାନ୍ତି, ପୁତ୍ର: ଲଳାଟେନ୍ଦୁ, ଲଳିତେନ୍ଦୁ, ଶ୍ୟାମତେନ୍ଦୁ, ବିମଳେନ୍ଦୁ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୨୨୯୨୪

ଏକାଦଶାହ ଉପଲକ୍ଷେ



ଁସୌମ୍ୟେନ୍ଦ୍ର ମିଶ୍ର (ବୁନୁ)
ପ୍ଲଟ୍ ନଂ.- ୪୧୪/୨, ବଜରଙ୍ଗ ବିହାର, ପଟିଆ, ଭୁବନେଶ୍ୱର
ଆବିର୍ଭାବ: ତା୩୦।୧୨।୧୯୬୩ରିଖ
ତିରୋଧାନ: ତା୧୬।୦୧।୨୦୨୨ରିଖ
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ମାତା: ସୁଶୀଳା ମିଶ୍ର, ପତ୍ନୀ: ଝୁନୁ, କନ୍ୟା: ଦୀଶା, ସାନଭାଇ: ଟୁଲା, ବାପୁ, ଭଉଣୀ: ମାଉନୀ, ଭାଇବୋହୂ: ମନୀ, ଲିପି, ଭଣଜା: ସାଙ୍କୀ, ଝିଆରୀ: ଇଶା, ମିଶା, ଆତ୍ମୀୟସ୍ୱଜନ, ବନ୍ଧୁ ଏବଂ ପରିବାରବର୍ଗ।
ଧ-୨୨୯୪୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କୃଷ୍ଣପ୍ରିୟା ମହାନ୍ତି
ଆବିର୍ଭାବ: ୦୪।୦୪।୧୯୫୧
ତିରୋଧାନ: ୧୬।୦୧।୨୦୨୨
(ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ)
ମମି, ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି ସହିତ: ପୁତ୍ର: ଦେବାଶିଷ ମହାନ୍ତି, ପୁତ୍ରବଧୂ: ସୁନିତା ମହାନ୍ତି, ଝିଅ: ମୌସୁମୀ, ମୋନାଲିସା, ଲୋପାମୁଦ୍ରା, ଜ୍ୱାଇଁ: ସୌମ୍ୟକାନ୍ତ, ସତ୍ୟବ୍ରତ, ସନ୍ଦୀପ୍, ନାତି/ନାତୁଣୀ: ମେଘା, ମେଧା, ସାନୁ, ଇନୁ।
ଧ-୨୨୯୪୯

# ସେମିରେ ନାଡାଲ, ବେରେଟିନି

ମେଲବୋର୍ନ,୨୫।୧




ସ୍ପେନ୍ ଟେନିସ ସୁପରଷ୍ଟାର ରାଫାଲ ନାଡାଲ ଅଷ୍ଟ୍ରେଲିଆନ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେ କାନାଡ଼ାର ୧୪ତମ ସିଡ୍ ଖେଳାଳି ଡେନିସ୍ ଶାପୋପାଲୋଭଙ୍କୁ ୬-୩, ୬-୪, ୪-୬, ୩-୬, ୬-୩ ମାରାଥନ ସେଟ୍‌ରେ ହରାଇ ଟାଇଟଲର ନିକଟତର ହୋଇଛନ୍ତି। ସଫଳ ହେଲେ ସେ ସର୍ବାଧିକ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରେକର୍ଡ କରିବେ। ସେମିଫାଇନାଲରେ ନାଡାଲ ଇଟାଲୀର ମାଟେଓ ବେରେଟିନୀଙ୍କୁ ଭେଟିବେ। ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟର ମୁକାବିଲାରେ ସପ୍ତମ ସିଡ୍ ବେରେଟେନି ଫ୍ରାନ୍ସ ତାରକା ୧୭ତମ ସିଡ୍ ଗାଏଲ ମନଫିଲ୍ସଙ୍କୁ ୬-୪, ୬-୪, ୩-୬, ୩-୬, ୬-୨ ସେଟ୍‌ରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ଏଥିସହ ବେରେଟିନି ଇଟାଲୀର ପ୍ରଥମ ଖେଳାଳି ଭାବେ ଅଷ୍ଟ୍ରେଲିଆନ ଓପନ ସେମିରେ ପ୍ରବେଶ କରିଇତିହାସ ସୃଷ୍ଟିକରିଛନ୍ତି।

ନାଡାଲ, ରୋଜର ଫେଡରର ଓ ନୋଭାକ ଜୋକୋଭିଚ୍ ବର୍ତ୍ତମାନ ସମାନ ୨୦ଟି ଲେଖାଏ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। କିନ୍ତୁ ଏଥର ଜୋକୋଭିଚ୍ ଓ ଫେଡରର ବିଭିନ୍ନ କାରଣ ପାଇଁ ଅଷ୍ଟ୍ରେଲିଆନ ଓପନ୍ ଖେଳୁନାହାନ୍ତି। ତେଣୁ ଟାଇଟଲ ଜିତିବା ପାଇଁ ନାଡାଲଙ୍କ ଲାଗି ଅପୂର୍ବ ସୁଯୋଗ ସୃଷ୍ଟି ହୋଇଛି। ଅଷ୍ଟ୍ରେଲିଆନ ଓପନ୍‌ରେ ସେ ୨୦୦୯ରେ ଥରେ ମାତ୍ର ଟାଇଟଲ ଜିତିବାର ସୁଯୋଗ ପାଇଥିଲେ। ପୂର୍ବରୁ ସେ ୧୩ଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ଓ ୭ଟିରେ ପରାଜୟ ବରଣ କରିଥିଲେ। ଅନ୍ୟ ଗ୍ରାଣ୍ଡସ୍ଲାମ ତୁଳନାରେ ଅଷ୍ଟ୍ରେଲିଆନ ଓପନ୍‌ରେ ନାଡାଲଙ୍କ ପ୍ରଦର୍ଶନ ଅପେକ୍ଷାକୃତ ଖରାପ ରହିଛି। କିନ୍ତୁ ଏଥର ସଂସ୍କରଣରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ନିଜ ପ୍ରଦର୍ଶନରେ ନାଡାଲ ଖୁସି ପ୍ରକାଶ କରିଛନ୍ତି।

## ମିକ୍ସଡ ଡବଲ୍ସ କ୍ୱାର୍ଟରରେ ହାରିଲେ ସାନିଆ

**ମେଲବୋର୍ନ,୨୫।୧:** ଭାରତୀୟ ଅଭିଜ୍ଞ ମହିଳା ଟେନିସ୍ ତାରକା ସାନିଆ ମିର୍ଜା ଅଷ୍ଟ୍ରେଲିଆ ଓପନ୍‌ରେ ତାଙ୍କ କ୍ୟାରିୟରର ଶେଷ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲରେ ସେ ପରାସ୍ତ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ମୁକାବିଲାରେ ସାନିଆ ଓ ତାଙ୍କ ଆମେରିକୀୟ ପାର୍ଟନର ରାଜୀବ ରାମ ୪-୬, ୬-୭ ସେଟ୍‌ରେ ସ୍ଥାନୀୟ ୱାଇଲ୍ଡ କାର୍ଡ ଯୋଡି ଜେମି ଫୋରଲିସ୍ ଓ ଜାସନ କୁବ୍ଲେରଙ୍କଠାରୁ ପରାସ୍ତ ହୋଇଛନ୍ତି। ସାନିଆ ଓ ରାଜୀବ ୧ ଘଣ୍ଟା ୩୦ ମିନିଟ୍ ମଧ୍ୟରେ ପରାସ୍ତ ହୋଇଥିଲେ।

୩୫ ବର୍ଷୀୟା ସାନିଆ ଭାରତର ସବୁଠାରୁ ସଫଳ ମହିଳା ଟେନିସ ଖେଳାଳି ବିବେଚିତ ହୋଇ ଆସୁଛନ୍ତି। ୩ଟି ମିକ୍ସଡ ଡବଲ୍ସ ଟ୍ରଫି ସହ ସେ ମୋଟ ୬ଟି ଗ୍ରାଣ୍ଡସ୍ଲାବ ଟାଇଟଲ ଜିତିଛନ୍ତି। ଏହା ପୂର୍ବରୁ ସେ ଗତ ସପ୍ତାହରେ ମହିଳା ଡବଲ୍ସ ଇଭେଣ୍ଟର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ମେଲବୋର୍ନ ପାର୍କରେ ସାନିଆଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଆସିଛି। ସେ ଚଳିତ ସେସନ ପରେ ଟେନିସ୍‌ରୁ ଅବସର ନେବେ ବୋଲି ଘୋଷଣା କରିଥିଲେ। ୨୦୦୯ରେ ସେ ଏଠାରେ ମହେଶ ଭୂପତିଙ୍କ ସହ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ।

# ବାର୍ଟି-କେଜ୍ ସେମିଫାଇନାଲ

ମେଲବୋର୍ନ,୨୫।୧

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ ମଙ୍ଗଳବାର ନବମ ଦିବସରେ ପହଞ୍ଚିଛି। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଟପ୍ ର୍ୟାଙ୍କ ଖେଳାଳି ଅଷ୍ଟ୍ରେଲିଆର ଆଶଲେ ବାର୍ଟି ଓ ଆମେରିକାର ମାଡିନସନ କେଜ୍ ସେମିଫାଇନାଲରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର

**ଅଷ୍ଟ୍ରେଲିଆନ ଓପନ**

ଫାଇନାଲ ମ୍ୟାଚ୍‌ରେ ବିଶ୍ୱର ୧ ନମ୍ବର ଖେଳାଳି ବାର୍ଟି ୬-୨, ୬-୦ ସେଟ୍‌ରେ ଅତି ସହଜରେ ବିଶ୍ୱର ୨୧ ନମ୍ବର ଖେଳାଳି ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ୨୦୨୧ ୱିମ୍ବେଲଡନ ଟାଇଟଲ ହାସଲ କରିଥିବା ବାର୍ଟି ଏଥର ସଫଳ ହେଲେ ୧୯୭୮ ପରେ ପ୍ରଥମ ଅଷ୍ଟ୍ରେଲିଆ ମହିଳା ଭାବେ ଅଷ୍ଟ୍ରେଲିଆନ ଓପନ ଟାଇଟଲ ହାସଲ କରିବେ। ସେ ସେମିରେ ୨୦୧୭ ୟୁଏସ୍ ଓପନ ରନର-ଅପ୍ ଅଣସିଡ୍ କେଜ୍‌ଙ୍କୁ ଭେଟିବେ। ବାର୍ଟି ଏଥିସହ ଦ୍ୱିତୀୟଥର ପାଇଁ ଏହି ଟୁର୍ନାମେଣ୍ଟର



ଶଟ୍ ଖେଳିବା ଅବସରରେ ଆଶଲେ ବାର୍ଟି।

ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୦ରେ ସେ ସେମିରେ ସାଫିଆ କେନିନ୍‌ଙ୍କଠାରୁ ପରାସ୍ତ ହୋଇଥିଲେ।

ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ କେଜ୍ ଫ୍ରେଞ୍ଚ ଓପନ ଚାମ୍ପିୟନ ଚତୁର୍ଥ ସିଡ୍ ଖେଳାଳି ଚେକ ଗଣରାଜ୍ୟର ବାର୍ବୋରା କ୍ରେଜିସିକୋଭାଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ସେମିକୁ ଉଠିଛନ୍ତି। କେଜ୍ ମଧ୍ୟ ପଞ୍ଚମଥର ପାଇଁ ଗ୍ରାଣ୍ଡସ୍ଲାମ ସେମିକୁ ଉଠିଛନ୍ତି। ସେ ପୂର୍ବରୁ ୨୦୧୫ରେ ଏହି ଟୁର୍ନାମେଣ୍ଟ ସେମିରେ ସେରେନା ୱିଲିୟମ୍ସଙ୍କଠାରୁ ପରାସ୍ତ ହୋଇଥିଲେ।

## ସିନିୟର ହକି କୋର୍ ଗ୍ରୁପ୍‌ରେ ୫ ଓଡ଼ିଆ

**ବେଙ୍ଗାଲୁରୁ,୨୫।୧:** ଚଳିତବର୍ଷ ଆୟୋଜନ ହେବାକୁ ଥିବା ବିଭିନ୍ନ ସିନିୟର ମେଜର ଟୁର୍ନାମେଣ୍ଟ ପାଇଁ ହକି ଇଣ୍ଡିଆ ଏକ ୩୩ ଜଣିଆ କୋର ଗ୍ରୁପ୍ ଘୋଷଣା କରିଛି। ଏହି ଗ୍ରୁପ୍‌ରେ କେତେଜଣ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଏହି ସମ୍ଭାବ୍ୟ ଗ୍ରୁପ୍‌ରେ ୫ଜଣ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ନୀଲମ ସଞ୍ଜୀପ ଖେସ, ଦୀପସାନ ତିର୍କି, ଅମିତ ରୋହିଦାସ, ମିଡ୍‌ଫିଲ୍ଡର ଆଶିଷ କୁମାର ଟପ୍ପୋ, ଫରୱାର୍ଡ ଶୀଳାନନ୍ଦ ଲାକ୍ରା। ବେଙ୍ଗାଲୁରୁ ସ୍ଥିତି ସାଇ ସେଣ୍ଟରରେ ୬୦ ଜଣ ପିଲାଙ୍କୁ ନେଇ ୩ ସପ୍ତାହ ଧରି ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରୁ ୩୩ଜଣ ପିଲାଙ୍କୁ ଚୟନ କରାଯାଇ ଏହି ଗ୍ରୁପ୍‌ରେ ସାମିଲ କରାଯାଇଛି। ହକି ଇଣ୍ଡିଆର ବିଭିନ୍ନ ଘରୋଇ ଟୁର୍ନାମେଣ୍ଟରେ ପ୍ରଦର୍ଶନକୁ ଭିତ୍ତି କରି ୬୦ଜଣ ଖେଳାଳିଙ୍କୁ ଏହି କ୍ୟାମ୍ପରେ ସାମିଲ କରାଯାଇଥିଲା। ଆସନ୍ତାମାସ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହେବାର କାର୍ଯ୍ୟକ୍ରମ ରହିଛି। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟୀ କେତେକ ସିନିୟର ଖେଳାଳି ଏହି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି।

## ହରିୟାଣା-ତେଲଗୁ ମ୍ୟାଚ୍ ଡ୍ର

**ବେଙ୍ଗାଲୁରୁ,୨୫।୧:** ପ୍ରୋ କାବାଡିଲିଗ୍ (ପିକେଏଲ୍)ରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ହରିୟାଣା ଷ୍ଟିଲର୍ସ ଓ ତେଲଗୁ ଟାଇଟନ୍ସ ପରସ୍ପରକୁ ଭେଟିଥିଲେ। ରୋମାଞ୍ଚକ ଢଙ୍ଗରେ ଏହି ମ୍ୟାଚ୍ ୩୯-୩୯ରେ ଅମୀମାଂସିତ ରହିଛି। ହରିୟାଣା ଅଧିନାୟକ ବିକାଶ ଖାଣ୍ଡୋଲା ୮ ରେଡ୍ ଓ ୨ ବୋନସ ସହ ମୋଟ ୧୦ ପଏଣ୍ଟ ହାସଲ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଚଳତ ସେସନରେ ସେ ପଞ୍ଚମଥର ପାଇଁ ସୁପର ୧୦ ପଏଣ୍ଟ ଅର୍ଜନ କରିଛନ୍ତି। ସେହିପରି ତେଲଗୁ ତରଫରୁ ଅଙ୍କିତ ବେନିୱାଲ ୬ ରେଡ୍ ଓ ୪ ବୋନସ ସହ ମୋଟ୍ ୧୦ ପଏଣ୍ଟ ହାସଲ କରି କଡ଼ା ଜବାବ ଦେଇଥିଲେ।




# ପାରାମାଉଣ୍ଟ କପ୍ କ୍ରିକେଟ ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ କ୍ରିକେଟ ଲିଗ୍ ମଙ୍ଗଳବାର ଆରମ୍ଭ ହୋଇଛି। ଏଥିରେ ୪ଟି ଦଳ ପାରାମାଉଣ୍ଟ, ଭୁବନେଶ୍ୱର ୱାରିୟର୍ସ, ଭୁବନେଶ୍ୱର ଷ୍ଟ୍ରାଇକର୍ସ ଓ କଟକ ଜାଗୁଆର୍ସ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ କଟକ ଜାଗୁଆର୍ସ ୧୫ ରନରେ ଭୁବନେଶ୍ୱର ୱାରିୟର୍ସଙ୍କୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ ଜାଗୁଆର୍ସ ସମ୍ବିତ ସାହୁଙ୍କ ଶତକ ସହାୟତାରେ ୫୦ ଓଭରରେ ୬ ଉଇକେଟ ହରାଇ ୨୭୭ ରନ କରିଥିଲା। ଭୁବନେଶ୍ୱର ୱାରିୟର୍ସ ପୂରା ୫୦ ଓଭର ଖେଳିଥିଲେ ହେଁ ୨୬୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଅଭିଷେକ ମହନ୍ତ ୭୪ ଓ ଭବ୍ୟଜ୍ୟୋତି ବିଷୋଇ ୯୬



ସମ୍ବିତ ସାହୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ରନ ସ୍କୋର କରିଥିଲେ। ବିଜୟୀ ଦଳର ଚରଜିତ ବେହେରା ୪ଟି ଓ ସୋହସ ଜ୍ୟୋତି ୩ଟି ଲେଖାଏ ଉଇକେଟ ନେଇଥିଲେ। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ସୁଶାନ୍ତ ରଥ ଅତିଥିଭାବେ ଯୋଗଦେଇ ସମ୍ବିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଭକ୍ତିସାଗର ନାୟକ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ଭୁବନେଶ୍ୱର ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

## ଅଷ୍ଟ୍ରେଲିଆ ଟି୨୦ଦଳରୁ ୱାର୍ନର, ମାର୍ଶ ବାଦ୍

**ସିଡ୍‌ନୀ, ୨୫।୧ (ଏପି):** ଫେବୃୟାରୀରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯିବାକୁଥିବା ଟି୨୦ ସିରିଜ ପାଇଁ ୧୬ ଜଣିଆ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ସେତେବେଳେ କୋଚ୍ ଜଷ୍ଟିନ ଲାଙ୍ଗର ଅନୁପସ୍ଥିତ ରହିବେ। ଶ୍ରୀଲଙ୍କା ବିପକ୍ଷରେ ଅଷ୍ଟ୍ରେଲିଆ ୫ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆୟୋଜନ କରିବ। **ଅଷ୍ଟ୍ରେଲିଆ ଟି୨୦ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଆଷ୍ଟନ ଅଗର, ପ୍ୟାଟ୍ କମିନ୍ସ, ଜୋସ୍ ହାଜ୍‌ଲେଉଡ୍, ଜୋଶ ଇଙ୍ଗ୍‌ଲିଶ, ବେନ୍ ମ୍ୟାକ୍‌ଡରମଟ, ଗ୍ଲେନ ମାକ୍ସୱେଲ୍, ଝେ ରିଚାର୍ଡସନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ୍, ମାଥ୍ୟୁ ୱେଡ୍, ଆଡାମ ଜାମ୍ପା।




# ନେତୃତ୍ୱ ନେବାକୁ ରୋହିତ ଫିଟ୍

ନୂଆଦିଲ୍ଲୀ, ୨୫।୧ (ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷରେ ୬ ମ୍ୟାଚ ବିଶିଷ୍ଟ ହ୍ୱାଇଟ୍ ବଲ୍ ସିରିଜରେ ଭାରତୀୟ କ୍ରିକେଟ ଦଳର ନେତୃତ୍ୱ ନେବା ଲାଗି ରୋହିତ ଶର୍ମା ଫିଟ୍ ଓ ପ୍ରସ୍ତୁତ ଅଛନ୍ତି। ଫେବୃୟାରୀ ୬ରୁ ଅହମଦାବାଦରେ ୩ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ସହ ସିରିଜ ଆରମ୍ଭ ହେବ। ଦଳ ମନୋନୟନ ବୈଠକ ଚଳିତ ସପ୍ତାହରେ ବସିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ୦-୩ରେ ପରାଜୟ ବରଣ କରିଥିବାରୁ ଏଥିରେ

**ଭାରତ ବନାମ ୱେଷ୍ଟଇଣ୍ଡିଜ**

ଖରାପ ପ୍ରଦର୍ଶନ ପାଇଁ ଭୁବନେଶ୍ୱର କୁମାର ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି କେତେଜଣ ସିନିୟର ଖେଳାଳି ଦଳରୁ ବାଦ୍ ପଡ଼ିପାରନ୍ତି। ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ପାଇଁ ରୋହିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟୁର୍‌ରୁ ବାଦ୍ ପଡ଼ିଥିଲେ। କୋଲକାତାରେ ଫେବୃୟାରୀ ୧୬ରୁ ୨୦ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ମ୍ୟାଚଗୁଡ଼ିକ ଖେଳାଯିବ। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ରୋହିତ୍ ଫିଟ୍ ସହ ଉପଲବ୍ଧ ହେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ ପଦାଧିକାରୀ ତାଙ୍କ ନାମ ଗୋପନ ସର୍ତ୍ତରେ ସୂଚନା ଦେଇଛନ୍ତି। ରୋହିତ ଇତିମଧ୍ୟରେ ମୁମ୍ବାଇରେ ଟ୍ରେନିଂ ନେଇ ସାରିଛନ୍ତି। ଫିଟ୍‌ନେସ୍ ଟେଷ୍ଟ ଦେବା ଲାଗି ଖୁବ୍ ଶୀଘ୍ର ସେ ବାଙ୍ଗାଲୋର ଯିବେ ଏବଂ ନ୍ୟାଶନାଲ କ୍ରିକେଟ ଏକାଡେମୀରୁ ଆନୁଷ୍ଠାନିକ ଫିଟ୍‌ନେସ୍ ସାର୍ଟିଫିକେଟ ହାସଲ କରିବେ।



ରୋହିତ ଶର୍ମା।

**ରୋହିତ ହୋଇପାରନ୍ତି ଟେଷ୍ଟ ଅଧିନାୟକ**

ଏହା ସ୍ପଷ୍ଟ ସୂଚନା ମିଳୁଛି ଯେ, ରୋହିତଙ୍କୁ ବର୍ତ୍ତମାନ ପାଇଁ ଟେଷ୍ଟ ଅଧିନାୟକ କରାଯାଇପାରେ। ହେଲେ ପଛକୁ ପଛ ୨୦୨୨ ଓ ୨୦୨୩ରେ ଦୁଇଟି ବିଶ୍ୱକପ୍‌ରେ ନେତୃତ୍ୱ ନେବାକୁଥିବାରୁ କାର୍ଯ୍ୟଭାର ଲାଘବ ପାଇଁ ବିସିସିଆଇ ବିକଳ୍ପ ମଧ୍ୟ ବିଚାରକରି ଦେଖୁଛି। ପ୍ରଥମଥର ଅଧିନାୟକ ଦାୟିତ୍ୱ ନେଇ ଏହାକୁ ଆଶାନୁରୂପେ ତୁଲାଇପାରି ନାହାନ୍ତି କେ.ଏଲ୍. ରାହୁଲ। ତାଙ୍କୁ ହୁଏତ ନିକଟ ଭବିଷ୍ୟତରେ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇପାରେ। ଏହା ପୂର୍ବରୁ କିନ୍ତୁ ତାଙ୍କୁ ରୋହିତଙ୍କ ଅଧୀନରେ ଜଣେ ଶିକ୍ଷାର୍ଥୀ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ଇଣ୍ଡିଆ ପ୍ରିମିୟର ଲିଗ୍ (ଆଇପିଏଲ୍) ବେଳେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସର ଅଧିନାୟକ ଦାୟିତ୍ୱକୁ ରାହୁଲ କିପରି ତୁଲାଉଛନ୍ତି ତାହା ଉପରେ ବିସିସିଆଇର ନଜର ରହିବ।

**ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ**

ନେଟ୍ସରେ ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ କରୁଛନ୍ତି। ହେଲେ ପୁରା କୋଟା ବୋଲିଂ କରିପାରିବେ କି ନା ତାହା ସ୍ପଷ୍ଟ ହୋଇପାରିନାହିଁ। ୬ଷ୍ଠ ସ୍ଥାନରେ ଭେଙ୍କଟେଶ ଆୟାର ତୁଳନାତ୍ମକ ଭାବେ ଅନଭିଜ୍ଞ। ୱେଷ୍ଟଇଣଜଡିଜ ବିପକ୍ଷ ସିରିଜ ପାଇଁ କୋଚ୍ ରାହୁଲ ଦ୍ରାବିଡ ପାଣ୍ଡ୍ୟାଙ୍କ ସପକ୍ଷରେ ଯାଇପାରନ୍ତି। ରବୀନ୍ଦ୍ର ଜାଡେଜା ଫିଟ୍‌ନେସ୍ ଫେରିପାଇଥିବା ଭଳି ମନେ ହେଉଛନ୍ତି।

**ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇପାରେ**

ଦକ୍ଷିଣ ଆଫ୍ରିକା ଟୁର୍‌ରେ ବୁମ୍‌ରା ସମସ୍ତ ୬ଟି ମ୍ୟାଚରେ ଖେଳିଛନ୍ତି। ତନ୍ମଧ୍ୟରେ ତିନୋଟି ଟେଷ୍ଟ ଏବଂ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ରହିଛି। ଟେଷ୍ଟ ସିରିଜରେ ସେ ମୋଟ ୧୦୪.୫ ଓଭର ବୋଲିଂ କରିଥିବା ବେଳେ ଦିନିକିଆରେ ୩୦ ଓଭର ବୋଲିଂ କରିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଜାନୁୟାରୀ ୨୬/୨୦୨୨ (୮+୮=୧୬ ପୃଷ୍ଠା) | Balasore, Wednesday, January 26/2022 | ପୃଷ୍ଠା-୧




### ନମ୍ବର ଓ୍ୱାନ୍ ହେଲେ ଶେଫାଳୀ


ଆଇସିସି ମହିଳା ଟି୨୦ ର୍‍ୟାଙ୍କିଙ୍ଗ ବ୍ୟାଟର ତାଲିକାରେ ଭାରତର ପ୍ରତିଭା ଶେଫାଳୀ ବର୍ମା ନମ୍ବର ଓ୍ୱାନ ସ୍ଥାନକୁ ଫେରିଛନ୍ତି।

୦୮

୦୩

### ଖବରଦାତାଙ୍କୁ ଗାଳିକଲେ ବାଇଡେନ୍

ଏକ ଖବରଦାତା ସମ୍ମିଳନୀରେ ଦରଦାମ ବୃଦ୍ଧିକୁ ନେଇ ଜଣେ ସାମ୍ବାଦିକ ପ୍ରଶ୍ନ କରିବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କୁ ଖରାପ ଭାଷାରେ ଗାଳି କରିଛନ୍ତି।



# ଦେହ ସହୁନାହିଁ

ତଥାଗତ ସତପଥୀ

ରାଜନୈତିକ ଦଳଗୁଡ଼ିକ ଯେଉଁଭଳି ଟିକସଦାତାଙ୍କଠାରୁ ସଂଗ୍ରହ କରାଯାଉଥିବା ସରକାରୀ ଅର୍ଥକୁ ବ୍ୟବହାର କରି ଜନସାଧାରଣଙ୍କୁ ମାଗଣାରେ ସାମଗ୍ରୀ ଓ ସୁବିଧା (ଫ୍ରିବିଜ୍) ଯୋଗାଇଦେବାର ପ୍ରତିଶ୍ରୁତି ଦେଉଛନ୍ତି, ତାହା ବିଧିବଦ୍ଧ ଭାବେ ବନ୍ଦ କରାଯିବା ଦରକାର ବୋଲି ଆଡ୍‌ଭୋକେଟ ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମ୍‌କୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲତ ୨୫ ଜାନୁୟାରୀରେ ଏହାର ଶୁଣାଣି କରି ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଦିଆଯାଉଥିବା ପ୍ରତିଶ୍ରୁତି ଉପରେ ରୋକେ। ଲଗାଇବା ସକାଶେ କେନ୍ଦ୍ର ସରକାର ଓ ଭାରତର ନିର୍ବାଚନ କମିଶନଙ୍କୁ ନୋଟିସ୍ ଜାରି କରିଛନ୍ତି। ଏଭଳି କାର୍ଯ୍ୟକୁ ବନ୍ଦ କରିବା ଲାଗି କି ପ୍ରକାର ପଦକ୍ଷେପ ନିଆଯାଇପାରିବ ବୋଲି ଚିନ୍ତା କରୁଛନ୍ତି, ସେହି ବିଷୟରେ ୪ ସପ୍ତାହରେ ଜବାବ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ଜନସ୍ୱାର୍ଥ ମାମଲା ଦାୟର କରିଥିବା ବ୍ୟକ୍ତିଙ୍କ ଏକତରଫା ବ୍ୟସ୍ତତା ବୁଝିହେଉଛି। ମନେରଖିବାକୁ ହେବ ଯେ, ଏହାଦ୍ୱାରା ଉଖୁରା ଯାଉଥିବା ବିଷୟ ହଠାତ୍ କାହିଁକି ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର ଓ ଗୋଆ ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ନିର୍ବାଚନ ପୂର୍ବରୁ କରାଯାଉଛି, ତାହା ମଧ୍ୟ ବୁଝିବା କଷ୍ଟକର ନୁହେଁ । ଏହା ସତ୍ୟ ଯେ ବିଭିନ୍ନ ଦଳ ନିଜ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଅନେକ ଉପାୟ ଆପଣାଉଛନ୍ତି। କିଏ ଧର୍ମ ସପକ୍ଷରେ କହି ଏକ ଗୋଷ୍ଠୀକୁ ମାରିବା ପାଇଁ ଉତ୍ସାହିତ କରୁଥିବା ବେଳେ ଅନ୍ୟ କେହି ସରକାରୀ ରାଜକୋଷକୁ ଖାଲିକରି ଜନସାଧାରଣଙ୍କୁ ମାଗଣା ସାମଗ୍ରୀ ଓ ସୁବିଧା ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଉଛି। ଦେଖିବାକୁ ଗଲେ ଉଭୟ ନିଶ୍ଚିତଭାବେ ମାରାତ୍ମକ। ଦୁଃଖର ବିଷୟ କୌଣସି ରାଜନୈତିକ ଦଳ କ୍ଷମତାକୁ ଆସିଲେ ଜନସାଧାରଣଙ୍କୁ ସୁଶାସନ, ଉତ୍ତମ ପୋଲିସ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ, ଗୁଣାତ୍ମକ ଶିକ୍ଷା, ଉପଯୁକ୍ତ ସ୍ୱାସ୍ଥ୍ୟସେବା, ଭଲ ଭିତ୍ତିଭୂମି, ବିନାମୂଲ୍ୟରେ ଆଇନ ସହାୟତା ଆଦି ଯୋଗାଇଦେବା ବିଷୟରେ ଘୋଷଣା କରୁନାହାନ୍ତି। ଏକ ଜନମଙ୍ଗଳ ରାଷ୍ଟ୍ରରେ ଗଣମାନଙ୍କ କଲ୍ୟାଣ ହେବା କଥା ସରକାରଙ୍କ ମୂଳ ଲକ୍ଷ୍ୟ।

ଅନ୍ୟପକ୍ଷରେ ହାସ୍ୟାସ୍ପଦ ବିଷୟ ହେଉଛି ଯେ, ଦେଶର ଗରିବ ନାଗରିକଙ୍କ ପାଖରେ ସୁବିଧା ପହଞ୍ଚିଲା ବେଳକୁ ଅନେକଙ୍କ ଦେହ ସହୁନାହିଁ। କିନ୍ତୁ ଅନେକ ଲକ୍ଷ କୋଟି ଟଙ୍କା ଛାଡ଼ କରିଦିଆଯାଇ ହାତଗଣତି ପ୍ରିୟ କମ୍ପାନୀଗୁଡ଼ିକୁ ବଞ୍ଚାଇବା ଲାଗି ହେଉଥିବା ଉଦ୍ୟମରେ କେହି ବିଚଳିତ ହେଉନାହାନ୍ତି। ସେହିପରି ବହୁ ହଜାର କୋଟି ଟଙ୍କା ସମ୍ପତ୍ତିର ମାଲିକାନା ଥିବା ସରକାରୀ ଉଡ଼ାଜାହାଜ କମ୍ପାନୀକୁ ଅଳ୍ପ ଅର୍ଥରେ ବିକିଦେବା ବେଳେ ସରକାରଙ୍କୁ କେହି ପ୍ରଶ୍ନ କରିବାର ସତ୍‌ସାହସ କରୁନାହାନ୍ତି। ଅପରପଟରେ ତେଲିଆଙ୍କ ମୁଣ୍ଡରୁ ତେଲ ବୋହୁଥିଲେ ମଧ୍ୟ କାହାର ନଜର ପଡୁନାହିଁ। ଏମାନଙ୍କ ପାଇଁ ନୁଖୁରା ମୁଣ୍ଡ ସବୁବେଳେ ନୁଖୁରା ରହିଲେ ଶାସନ ସୁରୁଖୁରୁରେ ଚାଲିବ।





ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଭୁବନେଶ୍ୱର ପିଏମ୍‌ଜିରେ 'ବନ୍ଦେ ମାତରମ୍' ଅନୁଷ୍ଠାନ ପକ୍ଷରୁ କଳାକାରମାନେ 'ମେରିଜାନ୍ ହିନ୍ଦୁସ୍ଥାନ' ପରିବେଷଣ କରୁଛନ୍ତି।

# ଫେବୃୟାରୀ ୧ରେ କେନ୍ଦ୍ର ବଜେଟ

ନୂଆଦିଲ୍ଲୀ,୨୫।୧: ଚଳିତ ବର୍ଷ ୧ ଫେବୃୟାରୀ ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦ୍ର ବଜେଟ ଉପସ୍ଥାପନ କରାଯିବ ବୋଲି ସୂଚନା ମିଳିଛି। ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଜାନୁୟାରୀ ୩୧ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ ବୋଲି କୁହାଯାଇଛି। ସରକାରଙ୍କ କୋଭିଡ୍-୧୯ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ଉଭୟ ଲୋକ ସଭା ଏବଂ ରାଜ୍ୟ ସଭା କାର୍ଯ୍ୟ କରିବ। ରାଜ୍ୟ ସଭା ସକାଳ ୧୦ଘଟିକାରୁ ଅପରାହ୍ନ ୩ ଟା ଏବଂ ଲୋକ ସଭା ଅପରାହ୍ନ ୪ ଘଟିକାରୁ ରାତି ୯ ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଜାନୁୟାରୀ ୩୧ ଏବଂ ଫେବୃୟାରୀ ୧ରେ ଉଭୟ ଗୃହ ପାଇଁ ପୂର୍ବାହ୍ନ ୧୧ ଘଟିକାଠାରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହୋଇ ଜାନୁୟାରୀ ୩୧ରୁ ଫେବୃୟାରୀ ୧୧ ପର୍ଯ୍ୟନ୍ତ ବଜେଟର ପ୍ରଥମ ଭାଗ ଏବଂ ଏହାର ଦ୍ୱିତୀୟ ଭାଗ ମାର୍ଚ୍ଚ ୧୪ ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅର୍ଥନୈତିକ ସର୍ଭେ ଜାନୁୟାରୀ ୩୧ ମଧ୍ୟାହ୍ନରେ କରାଯିବ।

# ଭବିଷ୍ୟତ ଆହ୍ୱାନ ପାଇଁ ଭାରତ ପ୍ରସ୍ତୁତ

**ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ବାର୍ତ୍ତା**

ନୂଆଦିଲ୍ଲୀ,୨୫।୧



କରୋନା ମହାମାରୀ ବେଳେ ଭାରତ ଅଭୂତପୂର୍ବ ଧୈର୍ଯ୍ୟ ଓ ସାହସିକତା ଦେଖାଇ ଏହାର ଚ୍ୟାଲେଞ୍ଜକୁ ସାମ୍ନା କରିଛି। ଏବେ ଏକ ସଶକ୍ତ ଓ ସମ୍ବେଦନଶୀଳ ଭାରତ ଉଭା ହେଉଛି। ତେଣୁ ସାଧାରଣତନ୍ତ୍ର ଦିବସରେ ଦେଶବାସୀ ଭାରତୀୟତାକୁ ପାଳନ କରନ୍ତୁ ବୋଲି ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ପରାମର୍ଶ ଦେଇଛନ୍ତି।

୭୩ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରି ରାଷ୍ଟ୍ରପତି କୋବିନ୍ଦ ନିଜ ଅଭିଭାଷଣରେ କହିଛନ୍ତି, ଚଳିତବର୍ଷ ମହାମାରୀ ଯୋଗୁ ସାଧାରଣତନ୍ତ୍ର ଦିବସ ପାଳନ ନିରାଡ଼ମ୍ବରରେ କରାଯାଇପାରେ। କିନ୍ତୁ ଦେଶବାସୀଙ୍କ ଉତ୍ସାହ ପୂର୍ବ ବର୍ଷଗୁଡ଼ିକ ଭଳି ରହିଛି। ଲୋକେ ହେଳା ନ କରି ସବୁ କୋଭିଡ୍ ନିୟମକୁ ମାନନ୍ତୁ। ଗଣତନ୍ତ୍ର, ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱକୁ ନେଇ ଭାରତର ଆଧାରଶୀଳା ଗଠିତ ହୋଇଛି। ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକୁ ପ୍ରତ୍ୟେକ ନାଗରିକ ତୁଲାଇଲେ ମୌଳିକ ଅଧିକାର ଉପଭୋଗ ପାଇଁ ସମସ୍ତଙ୍କ ଲାଗି ଉପଯୁକ୍ତ ପରିବେଶ ସୃଷ୍ଟି ହେବ। ମହାମାରୀ ବିରୋଧୀ ଲଢ଼େଇ ଏବେ ଏକ ପବିତ୍ର ଜାତୀୟ କର୍ତ୍ତବ୍ୟ ପାଲଟିଛି, ଯାହାକୁ ପ୍ରତ୍ୟେକ ନାଗରିକ ଅନୁସରଣ କରିବା ଉଚିତ। ବୈଜ୍ଞାନିକ ଓ ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁସାରେ ସତର୍କତା ଅବଲମ୍ବନୀୟ। ଏହି ସଙ୍କଟ ଆମ ପଛରେ ଛିଡ଼ାହୋଇଥିବା ଯାଏ ଆମକୁ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଦେଶବାସୀଙ୍କୁ ରାଷ୍ଟ୍ରପତି ଆହୁରି କହିଛନ୍ତି, ଭାରତର ଉଚ୍ଚ ଜନସଂଖ୍ୟା ଓ ଅନ୍ୟ କେତେକ କାରଣରୁ ମହାମାରୀ ମୁକାବିଲା ଅଧିକ କଷ୍ଟସାଧ୍ୟ ହୋଇଥିଲା। ତେବେ କେବଳ ଏଭଳି ସମୟରେ ହିଁ ଏକ ରାଷ୍ଟ୍ରର ନମନୀୟତା ଚମକିଥାଏ। ମହାମାରୀ ବିରୋଧରେ ଆମର ଅଭୂତପୂର୍ବ ସଂକଳ୍ପବଦ୍ଧତା ପ୍ରଦର୍ଶିତ ହୋଇଥିବାରୁ ରାଷ୍ଟ୍ରପତି ଗର୍ବ ଅନୁଭବ କରୁଥିବା କହିଛନ୍ତି। କୋଭିଡ୍-୧୯ର ପ୍ରଥମ ବର୍ଷରେ ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଗଲା। ଦ୍ୱିତୀୟ ବର୍ଷରେ ସ୍ୱଦେଶୀ ଟିକା ପ୍ରସ୍ତୁତ ସହ ବିଶ୍ୱର ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମ ହାତକୁ ନିଆଗଲା। ଏପରି କି ଅନେକ ଦେଶକୁ ମଧ୍ୟ ଭାକ୍ସିନ ଓ ଅନ୍ୟ ଡାକ୍ତରୀ ସହାୟତା ପ୍ରେରଣ କରାଯାଇଛି। ଭାରତର ଏହି ଅବଦାନକୁ ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକ ପ୍ରଶଂସା କରୁଥିବା ରାଷ୍ଟ୍ରପତି କହିଛନ୍ତି।

ଡାକ୍ତର, ନର୍ସ ଓ ପାରାମେଡିକାଲ କର୍ମଚାରୀମାନେ ରୋଗୀ ସେବା ପାଇଁ ପ୍ରତିକୂଳ ପରିସ୍ଥିତିରେ ଘଣ୍ଟା ଘଣ୍ଟା କାମ କରି ନିଜ ଜୀବନକୁ ବାଜି ଲଗାଇଦେଇଥିଲେ। ଅନ୍ୟମାନେ ଯୋଗାଣ ଶୃଙ୍ଖଳକୁ ବଜାୟ ରଖି ଦେଶକୁ ଆଗକୁ ବଢ଼ାଇଥିଲେ। ରାଜ୍ୟ ତଥା କେନ୍ଦ୍ର ☞ପୃଷ୍ଠା-୬

## ତୃତୀୟ ଲହରରେ ଅଧିକ ଗୁରୁତର ହେଉଛନ୍ତି ସ୍ନାୟୁ ରୋଗୀ

ଭୁବନେଶ୍ୱର, ୨୫।୧(ବ୍ୟୁରୋ)

ଓମିକ୍ରନରେ କୋଭିଡ୍ ସରିବନାହିଁ। ତୃତୀୟ ଲହର ପରେ ଚତୁର୍ଥ ଲହର ବି ଆସିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ମଙ୍ଗଳବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କରୋନା ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ସମ୍ପଦ ଦାଶ ଯୋଗଦେଇ ସାଧାରଣ ଲୋକଙ୍କ ବିଭିନ୍ନ ଦ୍ୱନ୍ଦ୍ୱକୁ ଦୂର କରିବା ସହିତ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ତୃତୀୟ ଲହରରେ ୭୫ରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ଅଧିକ ଆକ୍ରାନ୍ତ ହେଉଛନ୍ତି। ସ୍ନାୟୁଜନିତ ରୋଗୀ ଅଧିକ ଗୁରୁତର ହେଉଥିବା ଦେଖାଯାଉଛି। ସେହିପରି ଦ୍ୱିତୀୟ ଲହର ଅପେକ୍ଷା ତୃତୀୟ ଲହରରେ ବୟସ୍କଙ୍କ ଲକ୍ଷଣ ଭିନ୍ନ ରହିଛି। ଖାଇବା ପିଇବା ବନ୍ଦ କରିବା, ଦୁର୍ବଳ ଲାଗିବା, ଝାଡ଼ାବାନ୍ତି ☞ପୃଷ୍ଠା-୬

# ବଢୁଛି ଦୁର୍ଘଟଣାଜନିତ ମୃତ୍ୟୁ

ଭୁବନେଶ୍ୱର/ଯାଜପୁର ଅଫିସ,୨୫।୧



- ଶୀର୍ଷରେ ନୂଆପଡ଼ା, ଦ୍ୱିତୀୟରେ ଗଜପତି, ରାୟଗଡ଼ା
- ସୋନପୁରରେ ୨୧% ହ୍ରାସ ପାଇଛି
- ଖଣି, ଶିଳ୍ପ ଅଞ୍ଚଳରେ ପରିସ୍ଥିତି ଅଣାୟତ୍ତ

ଓଡ଼ିଶାରେ ୨୦୨୦ ସୁଦ୍ଧା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ୫୦ ପ୍ରତିଶତ ହ୍ରାସ କରିବାକୁ ସୁପ୍ରିମକୋର୍ଟ ପକ୍ଷରୁ ଗଠିତ କମିଟି ନିର୍ଦ୍ଦେଶ ଦେଇଥିଲେ। ହେଲେ ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଗତ ଅକ୍ଟୋବର ସୁଦ୍ଧା ରାଜ୍ୟରେ ୧୨.୦୨% ଦୁର୍ଘଟଣା ମୃତ୍ୟୁହାର ବଢ଼ିଛି। ଏଥିରେ ନୂଆପଡ଼ା ଜିଲା ଶୀର୍ଷରେ (୪୦.୭୪%) ରହିଥିବାବେଳେ ଦ୍ୱିତୀୟରେ ଗଜପତି ଓ ରାୟଗଡ଼ା ଜିଲାରେ(୪୦%) ମୃତ୍ୟୁହାର ବୃଦ୍ଧି ପାଇଛି। ସୋନପୁର ଜିଲାରେ ୨୧% ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ପାଇ ରେକର୍ଡ ସୃଷ୍ଟି ହୋଇଛି। ତେବେ ଶିଳ୍ପ ଓ ଖଣି ସମୃଦ୍ଧ ଝାରସୁଗୁଡ଼ା, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ ଓ କେନ୍ଦୁଝର ଜିଲାରେ ମଧ୍ୟ ମୃତ୍ୟୁହାର ବୃଦ୍ଧି ପାଇବା ଚିନ୍ତାର କାରଣ ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ମଙ୍ଗଳବାର ସମସ୍ତ ଜିଲାପାଳ, ଏସ୍‌ପି, ଭୁବନେଶ୍ୱର ଓ କଟକ ଡିସିପି, କମିଶନରେଟ ପୋଲିସ(ଟ୍ରାଫିକ୍), ଆର୍‌ଟିଓଙ୍କୁ ଟ୍ରାଫିକ ନିୟମ ଉଲ୍ଲଂଘନକାରୀ, ଦ୍ରୁତ ଗାଡ଼ିଚାଳନା, ରାସ୍ତାପାର୍ଶ୍ୱ ପାର୍କିଂ ଇତ୍ୟାଦି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତି ଜିଲାରେ ଆର୍‌ଟିଓ ଏବଂ ପୋଲିସ ମିଶି ଯୁଗ୍ମ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଦେଶରେ ଓଡ଼ିଶା ଦୁର୍ଘଟଣାଜନିତ ମୃତ୍ୟୁରେ ୧୬ରୁ ୧୨ ର୍‍ୟାଙ୍କକୁ ବୃଦ୍ଧି ହୋଇ ବଦନାମ ଆଣି ସାରିଛି। ସଡ଼କ ଦୁର୍ଘଟଣାକୁ ହ୍ରାସ କରିବାକୁ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟ ପକ୍ଷରୁ ସଡ଼କ ସୁରକ୍ଷା ଉପରେ ଏକ କମିଟି ଗଠନ ହୋଇଛି। ହେଲେ କମିଟି ନିର୍ଦ୍ଦେଶକୁ କେହି ଉପଯୁକ୍ତ ଭାବେ ପାଳନ କରୁ ନ ଥିବାରୁ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବା ବଦଳରେ ବୃଦ୍ଧି ଘଟିଛି। ରିପୋର୍ଟ ଅନୁସାରେ ଓଡ଼ିଶାରେ ୨୦୧୪ରେ ୩,୯୩୧ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ରେ ମୃତ୍ୟୁ ସଂଖ୍ୟା ୪,୭୩୮ରେ ପହଞ୍ଚିଥିଲା, ଯାହାକି ମୃତ୍ୟୁସଂଖ୍ୟା ୨୧% ବୃଦ୍ଧି ପାଇଥିଲା। ପରେ ୨୦୨୦ ପ୍ରଥମ ୪ ମାସ(ଜାନୁୟାରୀ-ଏପ୍ରିଲ) ଅପେକ୍ଷା ୨୦୨୧ର ଜାନୁୟାରୀ-ଏପ୍ରିଲ ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୨୭.୬୦% ବୃଦ୍ଧି ହୋଇଥିଲା। ଏହି ତାଲିକାରେ ମାଲକାନଗିରି ପ୍ରଥମ ଓ ଜଗତ୍‌ସିଂହପୁର ଦ୍ୱିତୀୟ ଏବଂ ଯାଜପୁର ଜିଲା ତୃତୀୟ ସ୍ଥାନରେ ରହିଥିଲା। ଅନୁରୂପ ଭାବେ ୨୦୨୦ (ଜାନୁୟାରୀ-ଅକ୍ଟୋବର)ରେ ୭,୬୧୯ ଦୁର୍ଘଟଣା ହୋଇଥିଲାବେଳେ ୩,୬୩୭ ମୃତ୍ୟୁ ଓ ୬,୯୭୭ ଆହତ ହୋଇଥିଲେ। ୨୦୨୧ (ଜାନୁୟାରୀ-ଅକ୍ଟୋବର)ରେ ୮,୯୨୨ ଦୁର୍ଘଟଣାରେ ୪,୦୭୪ ମୃତ୍ୟୁ ଓ ୮,୦୮୭ ଆହତ ☞ପୃଷ୍ଠା-୬

# ବିଧାୟକଙ୍କ ପୁଅ ସମେତ ୭ ମୃତ

**ପୋଲରୁ ନଦୀକୁ ଖସିଲା କାର୍**

ନାଗପୁର, ୨୫।୧

ମହାରାଷ୍ଟ୍ରର ସେଲସୁରା ନିକଟରେ ସୋମବାର ରାତିରେ ଏକ କାର୍ ପୋଲ ଉପରୁ ନଦୀକୁ ଖସିପଡ଼ିଛି। ଏଥିରେ ଜଣେ ଭାଜପା ବିଧାୟକଙ୍କ ପୁଅ ସମେତ ମୋଟ ୭ ମେଡିକାଲ ଛାତ୍ରଙ୍କ ମୃତ୍ୟୁ ଘଟିଛି। ରାତି ପ୍ରାୟ ସାଢ଼େ ୧୧ଟାରେ ସେମାନେ କାର୍‌ରେ ୟବତବାଲରୁ ଓ୍ୱାର୍ଦ୍ଧା ଅଭିମୁଖେ ଯାଉଥିବାବେଳେ ଏକ ବନ୍ୟପ୍ରାଣୀ ଗାଡ଼ି ସମ୍ମୁଖକୁ ଆସିଯାଇଥିଲା। ଏହି ସମୟରେ ଚାଳକ ଗାଡ଼ି ବୁଲାଇ ଦେବା ପରେ ଭାରସାମ୍ୟ ହରାଇବାରୁ କାର୍‌ଟି ବ୍ୟାରିକେଡ୍ ଭାଙ୍ଗି ବ୍ରିଜ୍‌ରୁ ତଳକୁ ଖସିପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଓ୍ୱାର୍ଦ୍ଧା ଏସ୍‌ପି ପ୍ରଶାନ୍ତ ହୋଲକର କହିଛନ୍ତି।

ସମସ୍ତ ମୃତକ ଓ୍ୱାର୍ଦ୍ଧା ସଭାଙ୍ଗି ମେଡିକାଲ କଲେଜରେ ପଢୁଥିଲେ। ମୃତକ ଆବିଷ୍କାର ତିରୋରାର ଭାଜପା ବିଧାୟକ ବିଜୟ ରହାଙ୍ଗଦାଲେଙ୍କ ପୁଅ ଏବଂ ସେ ଏମ୍‌ବିବିଏସ୍‌ର ପ୍ରଥମ ବର୍ଷର ଛାତ୍ର ଥିଲେ। ଅନ୍ୟମାନେ ହେଲେ ଏମ୍‌ବିବିଏସ୍ ଶେଷବର୍ଷର ଛାତ୍ର ପ୍ରତ୍ୟୁଷ ସିଂ, ଶୁଭମ ଜୈସ୍ୱାଲ, ନୀରଜ ଚୌହାନ, ବିବେକ ନନ୍ଦନ, ପ୍ରଥମ ବର୍ଷର ଛାତ୍ର ପଓ୍ୱନ ଶକ୍ତି ଏବଂ ମେଡିକାଲ ଇଣ୍ଟର୍ନ ନିଲେଶ ସିଂ। ମଙ୍ଗଳବାର ସକାଳେ ନଦୀରୁ କାରକୁ ଜବତ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ଥିବା ଓ୍ୱାର୍ଦ୍ଧା ପୋଲିସ କହିଛି। ଦୁର୍ଘଟଣାରେ ୭ ମେଡିକାଲ ଛାତ୍ରଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ସେ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ଫଣ୍ଡ (ପିଏମ୍‌ଏନ୍‌ଆର୍‌ଏଫ୍) ପକ୍ଷରୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆହତଙ୍କ ଚିକିତ୍ସା ନିମନ୍ତେ ୫୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ପ୍ରଧାନମନ୍ତ୍ରୀ ଟୁଇଟରେ ଉଲ୍ଲେଖ କରିଛନ୍ତି।



ଦୁର୍ଘଟଣାଗ୍ରସ୍ତ କାର୍।

# ଆମ ଅଧିକାର ଓ ଗଣତନ୍ତ୍ର

ପ୍ରତିବର୍ଷ ଭାରତବାସୀଙ୍କ ପାଇଁ ଜାନୁୟାରୀ ୨୬ ଗଣତନ୍ତ୍ର ଦିବସ ବେଶ୍ ମହତ୍ତ୍ୱ ବହନ କରେ। ଗତବର୍ଷ ସମଗ୍ର ଦେଶ ଅଦୃଶ୍ୟ ଦାନବ କରୋନାର ଶକ୍ତ ପଞ୍ଝାରେ କବଳିତ ଥିଲା । ସେଥିପାଇଁ ସ୍ୱାଧୀନତା ଦିବସର ଆୟୋଜନ ପ୍ରତିକୂଳ ଭାବେ ପ୍ରଭାବିତ ହେବା ସ୍ୱାଭାବିକ । ସର୍ବଗ୍ରାସୀ କରୋନା ମହାମାରୀ ତାଣ୍ଡବରେ ଲକ୍ଷଲକ୍ଷ ଲୋକ ଅକାଳରେ ଟଳିପଡ଼ିଲେ । କରୋନା ମହାମାରୀ ଆମ ଦେଶ ବିକାଶ ତଥା ପ୍ରଗତିର ଯାତ୍ରାକୁ ରୋକିବାକୁ ପ୍ରୟାସ କରିଛି ସିନା, ହେଲେ ଆମେ ଏ ପ୍ରାକୃତିକ ବିପତ୍ତି ବିଘାତକୁ ମୁକାବିଲା କରିପାରିବାରେ ସଫଳ ହୋଇଛେ । ସଂପ୍ରତି ଦେଶରେ ବିକାଶ ତଥା ପ୍ରଗତିର ରଥଚକ ସଦର୍ପରେ ଗଡ଼ିଚାଲିଛି । ଖୁବ୍‌ଶୀଘ୍ର ଠିକଣା ମାର୍ଗକୁ ଆପଣାଇ ନେବାରେ ଏହା ସକ୍ଷମ ହୋଇପାରିବ ବୋଲି ଆଶା ସଂଚରିଛି । ଏବେ ଦେଶରେ କରୋନା ସଂକ୍ରମଣ ଏକପ୍ରକାର ନିୟନ୍ତ୍ରଣାଧୀନ । ସ୍ୱଦେଶୀ ଟିକା ମଧ୍ୟ ସଫଳତାର ସହ କାର୍ଯ୍ୟ କରୁଛି । ଦେଶବାସୀଙ୍କ ସାମୂହିକ ପ୍ରୟାସ ଓ ଏକତା ଯୋଗୁ ଏହା ସମ୍ଭବପର ହୋଇପାରିଛି। ସଂପ୍ରତି କରୋନା ପ୍ରଜାତି ଓମିକ୍ରନ୍‌ର ତାଣ୍ଡବକୁ ଦୃଷ୍ଟିରେ ରଖି ଗଣତନ୍ତ୍ର ଦିବସର ଆୟୋଜନ ନିରାଡମ୍ବରରେ ପାଳନ କରାଯାଉଛି।

ଆମ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ୨୬ ଜାନୁୟାରୀ ୧୯୫୦ରେ ତୋପ ସଲାମ ସହ ତ୍ରିରଙ୍ଗା ପତାକା ଉତ୍ତୋଳନ କରି ଭାରତକୁ ଗଣତନ୍ତ୍ର ଦେଶ ରୂପେ ସାର୍ବଜନୀନ ଭାବେ ଘୋଷଣା କରିଥିଲେ। ଏହାପରେ ପ୍ରତିବର୍ଷ ଜାନୁୟାରୀ ୨୬ ତାରିଖ ଦିନ ଗଣତନ୍ତ୍ର ଦିବସ ପାଳନ କରାଯାଉଛି । ଏଇ ଶୁଭ ଦିବସରେ ସମ୍ବିଧାନ ଲାଗୁ ହୋଇଥିଲା ସ୍ୱାଧୀନ ଭାରତର ନୂତନ ସମ୍ବିଧାନ। ପବିତ୍ର ଗଣତନ୍ତ୍ର ଦିବସରେ ଭାରତୀୟ ସମ୍ବିଧାନକୁ ନେଇ ଆମେ ସାର୍ଥକ ଆଲୋଚନା, ପର୍ଯ୍ୟାଲୋଚନା ଓ ରୋମନ୍ଥନ କରିବା ନିହାତି ଜରୁରୀ । ଭାରତର ସମ୍ବିଧାନ ଏବେ ଅଗ୍ନି ପରୀକ୍ଷାର ସମ୍ମୁଖୀନ। ସମ୍ବିଧାନ ବିଶେଷଜ୍ଞ ସୁବାସ କାଶ୍ୟପଙ୍କ ମୁତାବକ ସମ୍ବିଧାନରେ ଗର୍ଭିତ ପ୍ରାବଧାନଗୁଡ଼ିକର ଅନୁପାଳନ ତଥା ଏହାଦ୍ୱାରା ସଂସ୍ଥାପିତ ଅନୁଷ୍ଠାନ ଓ ଆଦର୍ଶକୁ ଯଥାର୍ଥ ସମ୍ମାନ ଆଦର କରିବା ଦେଶର ପ୍ରତିଟି ନାଗରିକର ମୌଳିକ ତଥା ପ୍ରଧାନ କର୍ତ୍ତବ୍ୟ ବୋଲି ସମ୍ବିଧାନ ସ୍ପଷ୍ଟ ଭାବରେ ଦର୍ଶାଇଥାଏ। ଦେଶର ସାଂସଦ ମଧ୍ୟ ଆଇନ-କାନୁନ ପ୍ରଣୟନ କରେ, ପ୍ରଣିତ ଆଇନକୁ ସିଏ ସମଗ୍ର ଦେଶରେ ଲାଗୁ କରାଏ। ଏଥିପାଇଁ ରାଜ୍ୟ ସରକାରଙ୍କ ପାଖେ ଏଭଳି କୌଣସି ଅଧିକାର ନାହିଁ, ଯାହା କି ରାଜ୍ୟ ଲାଗୁ କରିବାକୁ ମନା କରିପାରିବ। ଏପରି ସ୍ଥଳେ ସମ୍ବିଧାନର ଉଲ୍ଲଂଘନ ହେବାର ଆଶଙ୍କା ଉପୁଜିବ ଏବଂ ଏହା ଏକବାରେ ଅସାମ୍ବିଧାନିକ ବୋଲି ବୁଝିବାକୁ ହେବ। ରାଜ୍ୟସୂଚୀ ଭାରତୀୟ ସମ୍ବିଧାନ ସପ୍ତମ ଅନୁସୂଚୀ ଅନୁସାରେ ନାଗରିକତା ସଂଘୀୟ ବ୍ୟବସ୍ଥାର କ୍ଷେତ୍ରାଧିକାର। ହେଲେ ବିଡ଼ମ୍ବନା, ରାଜ୍ୟସୂଚୀରେ



ନାଗରିକତାର କୌଣସି ଉଲ୍ଲେଖ ନାହିଁ। ଗଣତନ୍ତ୍ର ଦିବସ ଅବସରରେ ଏସବୁର ବିସ୍ତୃତ ଆଲୋଚନା, ପର୍ଯ୍ୟାଲୋଚନା ଆମେ ଖୋଲା ହୃଦୟରେ ଗଭୀର ବିଚାର ବିମର୍ଷପୂର୍ବକ ରୋମନ୍ଥନ କରିବା ବାଞ୍ଛନୀୟ। ଚଳିତବର୍ଷ ଆମେ ୭୩ତମ ଗଣତନ୍ତ୍ର ଦିବସ ପାଳନ କରୁଛେ । ଗଣତନ୍ତ୍ରର ଅର୍ଥ ଆମର ସମ୍ବିଧାନ, ଆମର ସରକାର, ଆମର କର୍ତ୍ତବ୍ୟ ଆଉ ଆମର ଅଧିକାର । ଏ ବ୍ୟବସ୍ଥାକୁ ଆମେ ସଭିଏଁ ଗଣତନ୍ତ୍ର ଦିବସ ରୂପେ ପାଳନ କରୁଛେ । ପରାଧୀନତାର ଶିକୁଳି ଛିନ୍ନକରି ଦେଶ ସ୍ୱାଧୀନ ହେଲା ୧୫ ଅଗଷ୍ଟ ୧୯୪୭ରେ । କିନ୍ତୁ ୨୬ ଜାନୁୟାରୀ ୧୯୫୦ରେ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ଗଣରାଜ୍ୟ ବୋଲି ଉଦ୍‌ଘୋଷିତ ହେଲା।

ଗଣତନ୍ତ୍ର ଦିବସ ଭାରତର ଜାତୀୟ ପର୍ବ। ଭାରତ ଭଳି ଗଣରାଜ୍ୟର ଏହାକୁ ବେଶ୍ ଆନନ୍ଦ-ଉଲ୍ଲାସରେ ପାଳନ କରାଯାଏ। ଆମ ଦେଶର ସମ୍ବିଧାନ ଜରିଆରେ ଭାରତୀୟ ନାଗରିକଙ୍କୁ ଗଣତାନ୍ତ୍ରିକ ଅଧିକାର ସମର୍ପି ଦିଆଯାଇଛି। ସମ୍ବିଧାନ ଦେଶରେ ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ବ୍ୟବସ୍ଥା ତଥା ସେମାନଙ୍କ ନିରୁପିତ ଅଧିକାର ଓ ଦାୟିତ୍ୱକୁ ସୁନିଶ୍ଚିତ କରିଥାଏ। ଖାଲି ସେତିକି ନୁହେଁ, ସମ୍ବିଧାନ ମାଧ୍ୟମରେ ନାଗରିକ ନିଜସ୍ୱ ଗଣତାନ୍ତ୍ରିକ ଅଧିକାର ହାସଲ କରିଛି। ସୁତରାଂ ସମସ୍ତ ଅଧିକାର ଠୁଳ ହୋଇଛି ଜନତାଙ୍କ ହସ୍ତରେ। ଏଇ ଦିବସରେ ଆମେ ନିଜର ମୌଳିକ ଅଧିକାର ପ୍ରାପ୍ତ କରିବା ସଙ୍ଗେ ସଙ୍ଗେ ଏକ ନୂତନ ଗଣତାନ୍ତ୍ରିକ ଦେଶକୁ ନିର୍ମାଣ କରିପାରିଛେ।

ଭାରତୀୟ ସମ୍ବିଧାନର ଗଠନ ପ୍ରସ୍ତାବ ଏକ ସମ୍ବିଧାନ ସଭା ଦ୍ୱାରା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ୨୯୬ ଜଣ ସଭ୍ୟ ବିଶିଷ୍ଟ ଏ ସମ୍ବିଧାନ ସଭାରେ ମାସେ ୧୮ ଦିନ କାର୍ଯ୍ୟକରି ସମ୍ବିଧାନକୁ ତିଆରି କରିଥିଲେ। ତେବେ ଆମ ଦେଶର ସମ୍ବିଧାନ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଯାଇଥିଲା ୨୬ ଜାନୁୟାରୀ ୧୯୫୦ରେ। ଆମ ଦେଶର ଗଣତନ୍ତ୍ର ଏବେ ଏକାଧିକ ବିକଟ ସମସ୍ୟାର ଚକ୍ରବ୍ୟୂହରେ କବଳିତ। ଗଣତନ୍ତ୍ରକୁ ଜନସଂଖ୍ୟା ବିସ୍ଫୋରଣ, ଗରିବୀ, ଭ୍ରଷ୍ଟାଚାର, ଅସହିଷ୍ଣୁତା ଅତ୍ୟାଚାର, ଅନାଚାର ଓ ଉତ୍କଟ ବେକାରି ଭଳି ସମସ୍ୟାର ଚକ୍ରବ୍ୟୂହରୁ ନିସ୍ତରିବା ଲାଗି ଆମକୁ ଅତୁଳ ପରାକ୍ରମ ଓ ସାହସର ସହିତ ସମ୍ମିଳିତ ପ୍ରୟାସ କରିବାକୁ ପଡ଼ିବ। ଆମେ ଏସବୁ ଆହ୍ୱାନକୁ ସଫଳତା ଓ ଧୈର୍ଯ୍ୟର ସହିତ ମୁକାବିଲା କରିବା ଏକାନ୍ତ ଜରୁରୀ। ଗଣତନ୍ତ୍ର ସେତେବେଳେ ଯାଇ ସାର୍ଥକ ହେବ ଯେତେବେଳେ ପ୍ରତ୍ୟେକ ବ୍ୟକ୍ତିର ହାତକୁ ପର୍ଯ୍ୟାପ୍ତ କାମଦାମ ଆସିବ, ଆଉ ସେ ପେଟଭରା ଦୁଇମୁଠା ଦାନା ଖାଇବାକୁ ପାଇବେ। ଗଣତନ୍ତ୍ରର ସଫଳତା ଆମର ଏକତା, ସମତା, ସାଂପ୍ରଦାୟିକ ସଦ୍‌ଭାବନା, ସଂହତି,ସ୍ୱତନ୍ତ୍ରତା ଉପରେ ନିର୍ଭରଶୀଳ ।

**-ନଗେନ୍ଦ୍ର ନାଥ ପଟ୍ଟନାୟକ**
ମୋ-୯୪୩୮୩୩୨୧୩୮

ଦେଶପ୍ରେମ ଧର୍ମ ବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ
(ପୈଗମ୍ବର ହଜରତ ମୁହମ୍ମଦଙ୍କ ମହତ ବାଣୀ)
26 January Happy Republic Day
ଅଖିଳ ଭାରତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ୭୩ତମ ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତ ଭାରତବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛୁ। ଅଲ୍ଲାଃ ଆମ ଦେଶ ଭାରତକୁ ବିକାଶ ଓ ଉନ୍ନତି ଦିଗରେ ଅଗ୍ରସର କରାନ୍ତୁ ଏବଂ ଶାନ୍ତି ଓ ସଦ୍‌ଭାବନା କାଏମ ରହୁ ।
।। ଆମିନ୍ ।।
ଇସଲାମର ଶାନ୍ତିପୂର୍ଣ୍ଣ ଏବଂ ଦେଶପ୍ରେମର ଶିକ୍ଷା ସମ୍ବନ୍ଧରେ ଅଧିକ ଜାଣିବାକୁ ହେଲେ ଯୋଗାଯୋଗ କରନ୍ତୁ। ଟୋଲ ଫ୍ରି ନଂ. ୧୮୦୦-୧୦୩-୨୧୩୧।
www.alislam.org / www.mta.tv / www.lightofislam.in

# ସମତା ହିଁ ବୀଜମନ୍ତ୍ର

ସାଧାରଣତନ୍ତ୍ର ଦିବସ ଭାରତର ଏକ ଜାତୀୟ ଦିବସ ରୂପେ ପରିପାଳିତ ହେଉଛି। ଏହା ଦେଶବାସୀଙ୍କର ଆତ୍ମସମୀକ୍ଷା ଓ ସଂକଳ୍ପ ଦିବସ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ପରିପ୍ରେକ୍ଷୀରେ ବ୍ୟକ୍ତିବିଶେଷ ଦେଶର ଜାତୀୟ ସଂହତି ଅକ୍ଷୁଣ୍ଣ ରଖିବାକୁ ସଦାଚେଷ୍ଟିତ ହୋଇଥାଆନ୍ତି। ବିଶ୍ୱର ସର୍ବବୃହତ୍ ଲୋକତନ୍ତ୍ରର ଦେଶ ହେଉଛି ଭାରତବର୍ଷ। ଏହି ଦେଶରେ ଜାନୁୟାରୀ ୨୬ ତାରିଖକୁ ପ୍ରତିବର୍ଷ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଏ। କାରଣ ଏହି ଦିନ ଆମର ସମ୍ବିଧାନ ପ୍ରଣୟନ ହୋଇଥିଲା। ଗଣତନ୍ତ୍ର ଦିବସ ଏକ ରାଷ୍ଟ୍ରୀୟ ପର୍ବ। ଗଣତନ୍ତ୍ର ଦିବସରେ ଭାରତବାସୀ ନିଜର ଅଦ୍ୱିତୀୟ ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଏବଂ ଆତ୍ମୋର୍ପିତ କରିଥିଲେ। ଏଥିପାଇଁ ଏହି ଦିନରେ ସମସ୍ତଙ୍କ ନିମନ୍ତେ ସମ୍ବିଧାନର ମୌଳିକ ମୂଲ୍ୟବୋଧ ସମ୍ପର୍କରେ ଗଭୀରଭାବେ ବିଚାର କରିବାର ଅବସର ଆସିଛି । ସମ୍ବିଧାନରେ ରେଖାଙ୍କିତ ନ୍ୟାୟ ସ୍ୱତନ୍ତ୍ରତା, ସମତା ଏବଂ ଭ୍ରାତୃତ୍ୱର ମୂଲ୍ୟବୋଧ ଆମ ସମସ୍ତଙ୍କ ପାଇଁ ଏକ ପୁଣ୍ୟ ଆଦର୍ଶ। କେଉଁ ଅନାଦି କାଳରୁ ଏ ଭାରତ ଭୂମି ଏବଂ ଏଠାକାର ସଭ୍ୟତା ଏକ ସ୍ୱତନ୍ତ୍ର ମୂଲ୍ୟବୋଧକୁ ଧରି ରଖିଛି । ଏଠାକାର ନ୍ୟାୟ, ସ୍ୱତନ୍ତ୍ରତା, ସମତା ଏବଂ ଭ୍ରାତୃଭାବ ଆମର ଜୀବନ ଦର୍ଶନର ଶାଶ୍ୱତ ସିଦ୍ଧାନ୍ତ। ଏହାର ଅନବରତ ପ୍ରବାହ ଆମ ସଭ୍ୟତାର ଆରମ୍ଭରୁ ମଧ୍ୟ ରହିଆସିଛି। ଆମ ସମସ୍ତଙ୍କ ଜୀବନକୁ ସମୃଦ୍ଧ କରିଆସୁଛି, ଯାହାର ପ୍ରମାଣ ଏହି ଜନରାଜ୍ୟ ଦିବସ।

ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ରାଷ୍ଟ୍ରନାୟକ ଡ. ଆମ୍ବେଡକର ସ୍ୱାଧୀନ ରାଷ୍ଟ୍ରକୁ କେତେକ ନୀତି ନିୟମରେ ଚଳାଇବା ନିମନ୍ତେ ସମ୍ବିଧାନ ପ୍ରଣୟନ କରିଥିଲେ । ସେହି ପ୍ରଣିତ ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଗୃହୀତ ହୋଇ କାର୍ଯ୍ୟକାରୀ କରାଯାଇଥିଲା। ଆମକୁ ଏକତା ସୂତ୍ରରେ ବାନ୍ଧି ରଖିଛି ଆମ ଗଣତନ୍ତ୍ର। ଆମ ମୈତ୍ରୀ ଓ ସାମୂହିକଭାବ ଆସିଛି ଆମ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ପ୍ରଭାବରୁ । ସମ୍ବିଧାନର ଆଦର୍ଶକୁ ବେଦବାକ୍ୟ ପରି ସର୍ବଦା ସମସ୍ତେ ମନେରଖିବା ଉଚିତ। ସମତା ଆମ ଗଣତନ୍ତ୍ରର ମହାନ୍ ଯଜ୍ଞର ବୀଜମନ୍ତ୍ର। ସାମାଜିକ ସମତାର ଆଦର୍ଶ ପ୍ରତ୍ୟେକ ବ୍ୟକ୍ତିର ଗରିମା ସୁନିଶ୍ଚିତ କରିଥାଏ। ଏଣୁ ସମସ୍ତେ ସାମ୍ବିଧାନିକ ନୈତିକତା ମାର୍ଗରେ ନିରନ୍ତର ଗତି କରିବା ଉଚିତ।

**-ଅମୂଲ୍ୟ କୁମାର ପଣ୍ଡା**
ଅରଙ୍ଗାବାଦ,
ବରୀ, ଯାଜପୁର, ମୋ:
୯୯୩୮୯୦୬୦୭୦

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅଞ୍ଚଳବାସୀ, ଅଗଣିତ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ଶୁଭେଚ୍ଛା ।
ଚିତ୍ତରଞ୍ଜନ ଦାଶ, ଅଧ୍ୟକ୍ଷ
ମଠକରଗୋଳା ମହାବିଦ୍ୟାଳୟ, ମଠକରଗୋଳା

ନିଶା ସମାଜ ପାଇଁ ଏକ କଳଙ୍କ । ଯୁବବର୍ଗଙ୍କୁ ଦିଶାହୀନ କରିଥାଏ । ଏହାକୁ ଲକ୍ଷ୍ୟକରି ଐରା ଅନୁଷ୍ଠାନ, ଜିରିଡ଼ାମାଳି, କାମାକ୍ଷାନଗରରେ ଏକ ନିଶାମୁକ୍ତ କେନ୍ଦ୍ର ଖୋଲିଅଛି । ନିଶା ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ଏହାର ଲକ୍ଷ୍ୟ। ବ୍ୟକ୍ତିବିଶେଷ ଏହାର ସୁଯୋଗ ନେଇ ବହୁତ ସୁସ୍ଥ ଅନୁଭବକରି ପରିବାର ସହ ଚଳୁଛନ୍ତି । ଏହାର ସୁଯୋଗ ଜନସାଧାରଣ ନେବା ପାଇଁ ଅନୁରୋଧ ।
ଅରୁଣ କୁମାର ପଣ୍ଡା
ନିର୍ଦ୍ଦେଶକ- ଆଶ୍ରା ନିଶାମୁକ୍ତି କେନ୍ଦ୍ର, ଜିରିଡ଼ାମାଳି, ଢେଙ୍କାନାଳ, ମୋ.-୯୪୩୮୧୮୬୮୪

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କାମାକ୍ଷାନଗର ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
କୈଳାସ ଚନ୍ଦ୍ର ବେହେରା
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କାମାକ୍ଷାନଗର

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅଞ୍ଚଳବାସୀ, ଅଗଣିତ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ଶୁଭେଚ୍ଛା ।
ଗୋକୁଳାନନ୍ଦ ସାହୁ, ପ୍ରଧାନ ଶିକ୍ଷକ
ଆଲୁଅଝରଣ ଉଚ୍ଚ ବିଦ୍ୟାଳୟ, ଆଲୁଅଝରଣ, କାମାକ୍ଷାନଗର

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅଞ୍ଚଳବାସୀ, ଅଗଣିତ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ଶୁଭେଚ୍ଛା ।
ମଙ୍ଗୁଲୁ ଚରଣ ନାୟକ, ଅଧ୍ୟକ୍ଷ
କାମାକ୍ଷାନଗର ମହାବିଦ୍ୟାଳୟ, କାମାକ୍ଷାନଗର

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଢେଙ୍କାନାଳ ଜିଲ୍ଲାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା । ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ମୋହରମାରି ଜୟଯୁକ୍ତ କରାଇବାକୁ ଅନୁରୋଧ ।
ଧର୍ମାନନ୍ଦ ପରିଡ଼ା, ଜିଲ୍ଲା ସଭାପତି
ଯୁବ ବିଜୁ ଜନତା ଦଳ, ଢେଙ୍କାନାଳ

73ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଖଇରା ବ୍ଲକ୍ ବର୍ତ୍ତନା ପଞ୍ଚାୟତର ସମସ୍ତ ଭାଇଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା । ଏଥି ସହ ମୋତେ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚଭାବେ ବାଛିଥିବାରୁ ମୁଁ ଚିର ଋଣୀ । ଆଗାମୀ ଦିନମାନଙ୍କରେ ମୁଁ ସମସ୍ତଙ୍କର ସେବାକରିବାକୁ ପ୍ରତିଶ୍ରୁତିବଦ୍ଧ ।
ବୀଣାପାଣି ପଣ୍ଡା
ବର୍ତ୍ତନା ପଞ୍ଚାୟତ

ଭାରତ ମାତା କି ଜୟ !
73ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲ୍ଲା ତଥା ସହରବାସୀଙ୍କୁ ମୋର ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥ କରୋନା ମହାମାରୀ ପରିସ୍ଥିତିରୁ ସମସ୍ତଙ୍କୁ ଉଦ୍ଧାର କରନ୍ତୁ, ଏତିକି ମୋ କାମନା ।
ବାସୁଦେବ ବରାଳ (ସମାଜସେବୀ)
ମା'ତାରିଣୀ ଶାନ୍ତି କମିଟି ସଭାପତି (ଡିଏଭି ବସ୍‌ଷ୍ଟାଣ୍ଡ)

ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲ୍ଲା ତଥା ସହରବାସୀଙ୍କୁ ମୋର ଶୁଭ କାମନା । କରୋନା ମହାମାରୀରୁ ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଉଦ୍ଧାର କରନ୍ତୁ, ଏତିକି ମୋ କାମନା ।
ରବି ରାୟ (ସାଧାରଣ ସମ୍ପାଦକ)
ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି, ପୂର୍ବତନ ଡିସିସି ସଭାପତି, ରାଉରକେଲା

73ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସୁନ୍ଦରଗଡ଼ ଜିଲ୍ଲା ତଥା ସହରବାସୀଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା । କରୋନା ମହାମାରୀରୁ ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଉଦ୍ଧାର କରନ୍ତୁ, ଏତିକି ମୋ କାମନା ।
ସରୋଜ କୁମାର ଜେନା
ସମାଜସେବୀ (ମଧୁସୂଦନପାଲ୍ଲୀ), ଟାଉନ ହାଇସ୍କୁଲ ପରିଚାଳନା ସମିତି ସଭାପତି, ଡେଲି ମାର୍କେଟ, ରାଉରକେଲା

With Best Compliments From:
OM SARALA SECURITY SERVICES PVT. LTD.
(ISO Certified Agency)
PROVIDING:
SECURITY GUARDS ◆ EX-SERVICEMAN
GUNMAN ◆ DEO ◆ CONSERVANCY STAFF
MANPOWER SERVICES, Etc.
Ganesh Market, STI, Rourkela - 769004
Ph.: 8763429752
E-mail: saralasecurity@gmail.com
ASSURED SAFETY
SECURITY
କରୋନା ମହାମାରୀରୁ ମା' ଶାରଳା ସମସ୍ତଙ୍କୁ ଉଦ୍ଧାର କରନ୍ତୁ, ଏତିକି ଆମ କାମନା ।

୭୩ ତମ ସାଧାରଣତନ୍ତ୍ର ଦିବସ ଅବସରରେ ଧର୍ମଶାଳା ଅଞ୍ଚଳର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ।
ପ୍ରୋ- ସୁଧାଂଶୁ ଜେନା
ବଜରଙ୍ଗବାଲୀ ଷ୍ଟୋନ୍ ପ୍ରଡକ୍ଟ
କାନପୁର, ଥାନୁଆଳ, ଧର୍ମଶାଳା, ଯାଜପୁର
ମୋବାଇଲ ନଂ.- 9437364655

**ଟୋଙ୍ଗାକୁ ୨ ଲକ୍ଷ ଡଲାର ଦେବ ଭାରତ**

ସୁନାମି ପ୍ରଭାବିତ ଟୋଙ୍ଗା ଦ୍ୱୀପକୁ ଭାରତ ୨ ଲକ୍ଷ ଆମେରିକୀୟ ଡଲାର (୧,୪୯,୫୮,୨୦୦ ଟଙ୍କା) ସହାୟତା ଦେବ। ଏ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମଙ୍ଗଳବାର ଘୋଷଣା କରିଛି। ଜଣେ ଭଲ ବନ୍ଧୁ ଭାବେ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ସମୂହ ସହଯୋଗ (ଏଫ୍ଆଇପିଆଇସି) ଫୋରମ୍ ଅଧୀନରେ ଟୋଙ୍ଗାର ଲୋକଙ୍କ ପାଇଁ ଏହି ପ୍ୟାକେଜ ପ୍ରଦାନ କରାଯିବ। ସେମାନଙ୍କ ବାସସ୍ଥାନ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ନିର୍ମାଣ ଦିଗରେ ଏହି ଅର୍ଥ ବିନିଯୋଗ ହୋଇପାରିବ ।

# କେନ୍ଦ୍ର, ଇସିଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୫।୧**



- ■ନିର୍ବାଚନ ବେଳେ ମାଗଣା ପ୍ରତିଶ୍ରୁତି
- ■ପକ୍ଷଭୁକ୍ତ ହେବେ ରାଜନୈତିକ ଦଳ
- ■ସପ୍ତାହରେ ଜବାବ ଦାଖଲ ନିର୍ଦ୍ଦେଶ

ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ ଅଯୌକ୍ତିକ ମାଗଣା ସେବା ବାଣ୍ଟୁଛନ୍ତି କିମ୍ବା ପ୍ରଦାନର ପ୍ରତିଶ୍ରୁତି ଦେଉଛନ୍ତି। ଏଭଳି କାର୍ଯ୍ୟରେ ଲିପ୍ତ ଥିବା ଦଳକୁ ଅଣପଞ୍ଜୀକୃତ କରି ତା'ର ନିର୍ବାଚନୀ ଚିହ୍ନକୁ ବାତିଲ କରିବା ନିମନ୍ତେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ୍) ଦାଖଲ ହୋଇଛି। ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମଙ୍ଗଳବାର ଉକ୍ତ ଆବେଦନର ଶୁଣାଣି କରି ଏହାକୁ ଏକ ଗମ୍ଭୀର ପ୍ରସଙ୍ଗ ଭାବେ ଅଭିହିତ କରିଛନ୍ତି। ଏଥିସହ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ(ଇସି)ଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନୋଟିସ କରିଛନ୍ତି।

୫ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ଏକ ପିଆଇଏଲ୍ ଦାଖଲ କରିଥିଲେ। ଭୋଟରଙ୍କଠାରୁ ଦଳଗୁଡ଼ିକ ଅହେତୁକ ଅନୁଗ୍ରହ ଲାଭ ଉଦ୍ଦେଶ୍ୟରେ ଦିଆଯାଉଥିବା ଲୋଭନୀୟ ପ୍ରତିଶ୍ରୁତି ସମ୍ବିଧାନ ଉଲ୍ଲଂଘନ କରୁଥିବା ଦର୍ଶାଇ ନିର୍ବାଚନ କମିଶନ ସମ୍ପୃକ୍ତ ଦଳ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଆବେଦନକାରୀ ଏଥିରେ ଦର୍ଶାଇଥିଲେ। ସିଜେଆଇ ରମନାଙ୍କ ସହ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ହିମା କୋହଲିଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଉକ୍ତ ପିଆଇଏଲ୍ ଉପରେ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କେନ୍ଦ୍ର ଏବଂ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପାଧ୍ୟାୟଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ବିକାଶ ସିଂ ଶୁଣାଣିବେଳେ ଯୁକ୍ତି ବାଢ଼ିଥିଲେ, ଏହି ପ୍ରସଙ୍ଗରେ ଏକ ଆଇନ ପ୍ରଣୟନ କରାଯାଉ। ଦଳର ନିର୍ବାଚନୀ ଚିହ୍ନ ବାଜ୍ୟାପ୍ତ କରିବା କିମ୍ବା ତା'ର ପଞ୍ଜୀକରଣ ରଦ୍ଦ କରିବା ଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉ। କାରଣ ଦଳଗୁଡ଼ିକ ଯାହା ମାଗଣାରେ ବଣ୍ଟନର ପ୍ରତିଶ୍ରୁତି ଦେଉଛନ୍ତି, ସେଥିପାଇଁ ନାଗରିକମାନଙ୍କୁ ମୂଲ୍ୟ ଦେବାକୁ ପଡୁଛି। ଏନେଇ ଖଣ୍ଡପୀଠ କହିଥିଲେ, ଦେଖାଯାଉ। ବର୍ତ୍ତମାନ ପାଇଁ ଆମେ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ନୋଟିସ ପଠାଉଛୁ। ପରବର୍ତ୍ତୀ ସମୟରେ ରାଜନୈତିକ ଦଳଗୁଡ଼ିକୁ ଏଥିରେ ପକ୍ଷଭୁକ୍ତ କରାଯାଇପାରେ। ଆଇନତଃ ଆମେ ବିତର୍କ ପାଇଁ କେତେକ ଆଇନଗତ ପ୍ରଶ୍ନ କରୁଛୁ। ଏହାକୁ କିପରି ଭାବେ ରୋକାଯାଇପାରିବ। ନିଃସନ୍ଦେହରେ ଏହା ଏକ ଗମ୍ଭୀର ପ୍ରସଙ୍ଗ। ମାଗଣା ପ୍ରତିଶ୍ରୁତିର ବଜେଟ ନିୟମିତ ବଜେଟ ଉପରକୁ ଚାଲିଯାଉଛି। ଯେଉଁ ଦଳଗୁଡ଼ିକ ଭୋଟରଙ୍କୁ ଅଧିକ ପ୍ରତିଶ୍ରୁତି ଦେଉଛନ୍ତି, ସେଗୁଡ଼ିକ ଏଥିରୁ ଫାଇଦା ପାଉଥିବାରୁ ବିଜୟ ସମ୍ଭାବନା ଅଧିକ ରହୁଛି, ଯଦିଓ ଆଇନ ଅନୁସାରେ ଏହାକୁ ଦୁର୍ନୀତିମୂଳକ କାର୍ଯ୍ୟ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ।


ପ୍ରକାଶ ଯେ, ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉପରେ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ପୂର୍ବରୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଦାଲତଙ୍କ ନିର୍ଦ୍ଦେଶ ପରେ କମିଶନ ମାତ୍ର ଥରେ ବୈଠକ କରିଥିବା ନେଇ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ ଆବେଦନକାରୀଙ୍କ ଓକିଲ କହିଥିଲେ, ସେମାନେ ଗାଇଡ୍‌ଲାଇନ୍ ତିଆରି କରିଛନ୍ତି, କିନ୍ତୁ ତାହା ଦନ୍ତହୀନ। ରାଜ୍ୟଗୁଡ଼ିକ ଉପରେ ବିପୁଳ ଋଣବୋଝ ଥିବାବେଳେ ଦଳଗୁଡ଼ିକ ମାଗଣା ପ୍ରତିଶ୍ରୁତି ଦେଇଚାଲିଛନ୍ତି। ମୋଟାମୋଟି ଭାବେ ଦେଖିଲେ ଲୋକଙ୍କ ଅର୍ଥ ହିଁ ଏଥିରେ ଖର୍ଚ୍ଚ କରାଯାଉଛି ବୋଲି ସେ ଅଭିଯୋଗ ଆଣିଥିଲେ। ଯଦି ସବୁ ଦଳ ଏପରି କରୁଛନ୍ତି ତେବେ ସତ୍ୟପାଠରେ ଆପଣ କେବଳ ଦୁଇଟି ଦଳର ନାମ କାହିଁକି ଉଲ୍ଲେଖ କରିଛନ୍ତି ବୋଲି ଖଣ୍ଡପୀଠ ଓକିଲ ବିକାଶ ସିଂଙ୍କୁ ପ୍ରଶ୍ନ କରିବା ସହ ଏହା ଉପରେ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟ ପଢ଼ିବାକୁ କହିଥିଲେ। ଏଥିସହ ସମ୍ବିଧାନର ଧାରା ୨୮୨କୁ ଅନୁଧ୍ୟାନ କରିବାକୁ କହିଥିଲେ।

# ୯୩୯ ପୋଲିସ ପଦକ ଘୋଷଣା

**ଜମ୍ମୁ-କଶ୍ମୀରକୁ ସର୍ବାଧିକ ମେଡାଲ**

**ନୂଆଦିଲ୍ଲୀ, ୨୫।୧(ଆଇଏଏନ୍ଏସ୍):** ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କେନ୍ଦ୍ର ସରକାର ୯୩୯ ପୋଲିସ ମେଡାଲ ପ୍ରଦାନ ନିମନ୍ତେ ମଙ୍ଗଳବାର ଘୋଷଣା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ଏହି ଘୋଷଣା ମୁତାବକ, ବୀରତ୍ୱ ପାଇଁ ୧୮୯ ପୋଲିସ ପଦକ(ପିଏମ୍‌ଜି), ୮୮ ମେଡାଲ ବିଶିଷ୍ଟ ସେବା (ପିପିଏମ୍) ପାଇଁ ଏବଂ ସମ୍ମାନଜନକ ସେବା (ପିଏମ୍) ପାଇଁ ୬୬୨ ମେଡାଲ ପ୍ରଦାନ କରାଯିବ। ଏଥିମଧ୍ୟରୁ ଜମ୍ମୁ-କଶ୍ମୀର ପୋଲିସ ସର୍ବାଧିକ ପଦକ ଜିତିଛି। ଅସୀମ ସାହସ ପାଇଁ ୧୧୫ ବୀରତ୍ୱ ପଦକ କେବଳ ଜମ୍ମୁ-କଶ୍ମୀର ପୋଲିସକୁ ଯାଇଛି।

ଅର୍ଦ୍ଧସାମରିକ ବଳ ମଧ୍ୟରେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ(ସିଆର୍‌ପିଏଫ୍) ସର୍ବାଧିକ ୩୦ ବୀରତ୍ୱ ମେଡାଲ ଜିତିଛି। ଏଥିସହିତ ବିଶିଷ୍ଟ ସେବା ପାଇଁ ସିଆର୍‌ପିଏଫ୍ ୫ ରାଷ୍ଟ୍ରପତି ପୋଲିସ ପଦକ ଏବଂ ସମ୍ମାନଜନକ ସେବା ପାଇଁ ୫୭ ମେଡାଲ ଜିତିଛି। ଇଣ୍ଡୋ-ତିବ୍ବତାନ ବର୍ଡର ପୋଲିସ (ଆଇଟିବିପି)କୁ ବୀରତ୍ୱ ପାଇଁ ୩, ବିଶିଷ୍ଟ ସେବା ପ୍ରଦାନ ପାଇଁ ୩ ରାଷ୍ଟ୍ରପତି ପୋଲିସ ପଦକ ଏବଂ ସମ୍ମାନଜନକ ସେବା ପାଇଁ ୧୨ ମେଡାଲ ଘୋଷଣା କରାଯାଇଛି। ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି)କୁ ୩ଟି ଲେଖାଏ ବୀରତ୍ୱ ମେଡାଲ ଯାଇଛି। ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍) ୨ ବୀରତ୍ୱ, ବିଶିଷ୍ଟ ସେବା ପାଇଁ ଉଦ୍ଦିଷ୍ଟ ୫ ରାଷ୍ଟ୍ରପତି ପଦକ ଏବଂ ସମ୍ମାନଜନକ ସେବା ପାଇଁ ୪୬ ମେଡାଲ ଜିତିଛି। ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍ଏସ୍‌ଜି)କୁ ଗୋଟିଏ ପିପିଏମ୍ ଏବଂ ୪ଟି ପିଏମ୍ ମେଡାଲ ଦିଆଯାଇଛି। ତେବେ ଚଳିତ ବର୍ଷ ବୀରତ୍ୱ ପାଇଁ ରାଷ୍ଟ୍ରପତି ପୋଲିସ ପଦକ (ପିପିଏମ୍‌ଜି) କାହାରିକୁ ଦିଆଯାଇନାହିଁ। ଗତବର୍ଷ ଝାଡ଼ଖଣ୍ଡର ଦୁଇ ପୋଲିସଙ୍କୁ ମରଣୋତ୍ତର ପିପିଏମ୍‌ଜି ମେଡାଲ ପ୍ରଦାନ କରାଯାଇଥିଲା। ମାଓବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣରେ ରଖିବାରେ ସଫଳ ହେବାକୁ ନେଇ ରାଜ୍ୟ ପୋଲିସ ବର୍ଗରେ ଛତିଶଗଡ଼ ପୋଲିସକୁ ୧୦ ବୀରତ୍ୱ ପଦକ ଘୋଷଣା କରାଯାଇଛି। ସେହିପରି ଝାଡ଼ଖଣ୍ଡ ପୋଲିସକୁ ୨, ଦିଲ୍ଲୀ ଓ ମଧ୍ୟପ୍ରଦେଶକୁ ୩ ଲେଖାଏ, ମହାରାଷ୍ଟ୍ରକୁ ଗୋଟିଏ ଏବଂ ମଣିପୁରକୁ ଗୋଟିଏ ମେଡାଲ ଯାଇଛି।




# ଖବରଦାତାଙ୍କୁ ଗାଳିକଲେ ବାଇଡେନ୍

**ୱାଶିଂଟନ୍, ୨୫।୧**



ଏକ ପ୍ରେସ୍ କନ୍‌ଫରେନ୍ସରେ ଦରଦାମ ବୃଦ୍ଧିକୁ ନେଇ ଜଣେ ଖବରଦାତା ପ୍ରଶ୍ନ କରିବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କୁ ଖରାପ ଭାଷାରେ ଗାଳି କରିଛନ୍ତି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି ହେତୁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ତାଙ୍କ ଦଳକୁ କେତେ କ୍ଷତି ହେବ ବୋଲି ଖବରଦାତା ଜଣକ ବାଇଡେନ୍‌ଙ୍କୁ ପ୍ରଶ୍ନ କରିଥିଲେ। ଏଥିରେ କୌଣସି କ୍ଷତି ହେବ ନାହିଁ ବୋଲି ବାଇଡେନ୍ ପ୍ରଥମେ କହିଥିଲେ ହେଁ ପରେ ତାଙ୍କୁ ଗାଳି କରିଥିଲେ। ମାଇକ୍ ଅନ୍ ଥିବାରୁ ତାହା ସମସ୍ତଙ୍କୁ ଶୁଣା ଯାଇଥିଲା।

## ନାବାଳକଙ୍କୁ ଟାର୍ଗେଟ କରୁଥିବା ବିଜ୍ଞାପନ ହଟାଇବ ଗୁଗଲ

**ନୂଆଦିଲ୍ଲୀ, ୨୫।୧:** ବୟସ, ଲିଙ୍ଗ କିମ୍ବା ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ଟାର୍ଗେଟ କରି ଆସୁଥିବା ବିଜ୍ଞାପନଗୁଡ଼ିକୁ ଗୁଗଲ ଖୁବଶୀଘ୍ର ବନ୍ଦ କରିବ ବୋଲି କହିଛି। ଏହି ଟେକ୍ ଜିଆଣ୍ଟ ପ୍ଲାଟଫର୍ମରେ ଟାର୍ଗେଟ ଆଧାରରେ ଆସୁଥିବା ବିଜ୍ଞାପନକୁ ନେଇ ଯାଞ୍ଚର ସମ୍ମୁଖୀନ ହେଉଥିବାରୁ ଗୁଗଲ ଏହ ନିଷ୍ପତ୍ତି ନେଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି, ୨୦୨୨ରେ ଅସୁରକ୍ଷିତ ଗୋଷ୍ଠୀଙ୍କୁ ସୁରକ୍ଷାକୁ ମଜଭୁତ କରିବା ଏବଂ ଉପଭୋକ୍ତାମାନଙ୍କ ବିଜ୍ଞାପନ ଅଭିଜ୍ଞତାକୁ ନିୟନ୍ତ୍ରଣ କରିବା ଦିଗରେ ଏହା ସହାୟକ ହେବ। ଶିଶୁ ଏବଂ କିଶୋରମାନଙ୍କ ପାଇଁ ଏକ ଅନ୍‌ଲାଇନରେ ନିରାପଦ ଅଭିଜ୍ଞତା ପ୍ରଦାନ ଦିଗରେ କାମ ଆଗେଇଛି। ଶୀଘ୍ର ବୟସ-ସମ୍ବେଦନଶୀଳ ବିଜ୍ଞାପନଗୁଡ଼ିକୁ ଏହାର ପ୍ଲାଟଫର୍ମରେ ବ୍ଲକ କରାଯିବ ବୋଲି ସୋମବାର ରାତିରେ କମ୍ପାନୀ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। କ୍ରୋମ ବ୍ରାଉଜର୍ ପ୍ରିଭେସି ସ୍ୟାଣ୍ଡବକ୍ସ ସହିତ ଡିଫଲ୍ଟ ଭାବରେ ୱେବ୍‌କୁ ବ୍ୟକ୍ତିଗତ କରିବା ପାଇଁ ପ୍ରୟାସ ଜାରି ରଖିଛି। ଏହା ୟୁଜର୍ସଙ୍କ ପ୍ରିଭେସିକୁ ପୂରଣ କରିବା ସହ ଡିଜିଟାଲ ମାର୍କେଟିଂକୁ ଆହୁରି ସୁରକ୍ଷିତ ଏବଂ ସହଜ କରିବ। ଗୁଗଲ 'ଏବାଉଟ ଦିସ୍ ଆଡ୍' ଫିଚରକୁ ଏହାର ମେନୁରେ ସଂଯୋଗ କରିବ। ଏହାଦ୍ୱାରା ଜଣେ କାହିଁକି ସେହି ବିଜ୍ଞାପନ ଦେଖୁଛନ୍ତି ଏବଂ ଏହି ବିଜ୍ଞାପନ କିଏ ଦେଇଛି ତାହା ଜଣାପଡ଼ିବ। କୌଣସି ବିଜ୍ଞାପନ ଗୁଗଲର ପଲିସିକୁ ଉଲ୍ଲଂଘନ କରୁଥିବା ଜାଣିଲେ ଉପଭୋକ୍ତା ଏ ବବାଦରେ ରିପୋର୍ଟ କରିପାରିବେ। ଏବେ ନିଶାଦ୍ରବ୍ୟ ବା ଜୁଆ ଖେଳ ଭଳି ସମ୍ବେଦନଶୀଳ ବିଜ୍ଞାପନ ନ ଦେଖିବା ପାଇଁ ୟୁଜର୍ସ ତାହାକୁ ଟର୍ନ ଅଫ୍ କରିପାରୁଛନ୍ତି।



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ 'ବିଟିଂ ଦ ରିଟ୍ରିଟ୍' ସମାରୋହ ପାଇଁ ମଙ୍ଗଳବାର ନୂଆଦିଲ୍ଲୀରେ ତିନି ରଙ୍ଗର ଲେଜର ଲାଇଟ୍ ଶୋ ରିହର୍ସାଲ କରାଯାଉଛି।

# ଆକ୍ରମଣ କରିପାରନ୍ତି ଖଲିସ୍ତାନୀ ଆତଙ୍କବାଦୀ

**ନୂଆଦିଲ୍ଲୀ, ୨୫।୧**



**ପୋଷ୍ଟର ଜାରି କଲା ଦିଲ୍ଲୀ ପୋଲିସ**

ସାଧାରଣତନ୍ତ୍ର ଦିବସରେ ଖଲିସ୍ତାନୀ ଆତଙ୍କବାଦୀମାନେ ଦିଲ୍ଲୀରେ ଆକ୍ରମଣ କରିପାରନ୍ତି ବୋଲି ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ପୋଲିସକୁ ସତର୍କ କରାଯାଇଛି। ପରେ ଦିଲ୍ଲୀ ପୋଲିସ ୮ ଖଲିସ୍ତାନୀ ଆତଙ୍କବାଦୀଙ୍କ ପୋଷ୍ଟର ଜାରି କରିଛି। ଏ ନେଇ ବାରମ୍ବାର ସଚେତନ ଓ ସତର୍କ କରାଯାଉଥିବାରୁ ସୂଚନାକୁ ପୋଲିସ ଗମ୍ଭୀରତାର ସହ ନେଇ ପ୍ରସ୍ତୁତି ଆରମ୍ଭ କରିଛି। ପୋଷ୍ଟର ଜାରି ହୋଇଥିବା ବିଭିନ୍ନ ସଙ୍ଗଠନ ସହ ଜଡ଼ିତ ଖଲିସ୍ତାନୀ ଆତଙ୍କବାଦୀଙ୍କ ସମ୍ପର୍କରେ କୌଣସି ସୂଚନା ପାଇଲେ ତୁରନ୍ତ ପୋଲିସକୁ ଜଣାଇବା ପାଇଁ ପୋଲିସ ଲୋକଙ୍କୁ ନିବେଦନ କରିଛି।

ନିକଟରେ ଶିଖ୍ ଫର୍ ଜଷ୍ଟିସ୍ (ଏସ୍ଏଫ୍‌ଆଇ)ର ସଦସ୍ୟ ଥିବା ଜଣେ ଜର୍ମାନ ଶିଖ୍ ଯଶବିନ୍ଦର ସିଂ ମୁଲତାନୀଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନରେ ଏକ ମାମଲା ରୁଜୁ କରିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି ପ୍ରସଙ୍ଗରେ କୌଣସି ପ୍ରକାର ସହାୟତା କଲେ ଏହାର ଫଳାଫଳ ଭୋଗିବାକୁ ପଡ଼ିବ କହି କେତେଜଣ ଖଲିସ୍ତାନୀ ଆତଙ୍କବାଦୀ ସୁପ୍ରିମକୋର୍ଟ ଓକିଲଙ୍କ ନିକଟକୁ ଫୋନ୍ କରୁଥିବା ନେଇ ପୂର୍ବରୁ ଅଭିଯୋଗ ଆସିଛି।

# କେନ୍ଦ୍ରୀୟ ଏସିଆରେ ବ୍ଲାକଆଉଟ୍

**ଅନ୍ଧାରରେ କାଜାଖସ୍ତାନ, ଉଜ୍‌ବେକିସ୍ତାନ, କିର୍ଗିଜସ୍ତାନ**

**ନୂଆଦିଲ୍ଲୀ, ୨୫।୧**




କେନ୍ଦ୍ରୀୟ ଏସିଆର ୩ ଦେଶରେ ମଙ୍ଗଳବାର ବଡ଼ ଧରଣର ବ୍ଲାକଆଉଟ୍ ହୋଇଛି। ଏକ ପ୍ରମୁଖ ପାୱାର ଲାଇନରେ ସମସ୍ୟା ଯୋଗୁ କାଜାଖସ୍ତାନ, ଉଜ୍‌ବେକିସ୍ତାନ ଏବଂ କିର୍ଗିଜସ୍ତାନର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିଦ୍ୟୁତ୍ ସଂଯୋଗ ପାଇବାରୁ ବଞ୍ଚିତ ହୋଇଥିଲେ। କିର୍ଗିଜସ୍ତାନ ଏବଂ ଉଜ୍‌ବେକିସ୍ତାନ ରାଜଧାନୀ ସମେତ କାଜାଖସ୍ତାନର ଅର୍ଥନୈତିକ ହବ୍ କୁହାଯାଉଥିବା ଆଲମାଟି ସହରରେ ମଧ୍ୟାହ୍ନ ସମୟରେ ବ୍ଲାକ୍‌ଆଉଟ୍ ହୋଇଥିଲା।

ପୂର୍ବରୁ ସୋଭିଏଟ୍ ସଂଘର ସଦସ୍ୟ ଥିବା ଏହି ୩ ଦେଶର ପାୱାରଗ୍ରୀଡ୍ କାଜାଖସ୍ତାନ ଦ୍ୱାରା ପରସ୍ପର ସହ ସଂଯୁକ୍ତ। କାଜାଖସ୍ତାନ ଦେଇ ରୁଷିଆର ପାୱାରଗ୍ରୀଡ୍‌କୁ ମଧ୍ୟ ଏହା ସଂଯୋଗ କରେ। ଫଳରେ ବିଦ୍ୟୁତ୍ ଅଭାବ ଦୂର କରିବାକୁ ଏହି ଦେଶଗୁଡ଼ିକୁ ସେଠାରୁ ବିଦ୍ୟୁତ୍ ଆଣିପାରିବେ। ବ୍ଲାକ୍‌ଆଉଟ ପରେ ଉଜବେକିସ୍ତାନର ଶକ୍ତି ମନ୍ତ୍ରୀ ଟେଲିଗ୍ରାମରେ ବିବୃତି ଜାରି କରି କହିଛନ୍ତି, କାଜାଖସ୍ତାନ ପାୱାର ଗ୍ରୀଡ୍‌ରେ ଏକ ଦୁର୍ଘଟଣା ଯୋଗୁ ଏହି ବିଦ୍ୟୁତ୍ ସଙ୍କଟ ସୃଷ୍ଟି ହୋଇଛି। ଫଳରେ ଜନବହୁଳ ଦକ୍ଷିଣ କାଜାଖସ୍ତାନର ଆଲ୍‌ମାଟି, ଶିମ୍‌କେଣ୍ଟ, ତାରସ୍, ତୁର୍କେସ୍ତାନ ଏବଂ ଏହାର ଆଖପାଖ ଅଞ୍ଚଳରେ ପାୱାର ଆଉଟେଜ୍ ହୋଇଛି। ୟୁନିଫାଏଡ୍ ପାୱାର ଗ୍ରୀଡ୍‌କୁ ସଂଯୋଗ କରୁଥିବା ଉଜବେକ୍ ପାୱାର ଗ୍ରୀଡ୍ କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁ କାଜାଖସ୍ତାନରୁ ୫୩୦ ଲାଇନ୍‌ରେ ଭୋଲ୍‌ଟେଜ ଏବଂ ଫ୍ରିକ୍ୱେନ୍ସିରେ ହଠାତ୍ ପରିବର୍ତ୍ତନ ଘଟିଛି। ରୁଷିଆ ନ୍ୟୁଜ୍ ଏଜେନ୍ସି ଆର୍‌ଆଇଏ ନୋଭୋସ୍ତି ରିପୋର୍ଟ ଅନୁସାରେ, ତାଶକେଣ୍ଟ ବିମାନବନ୍ଦରରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ତାସ୍‌କେଣ୍ଟ ମେଟ୍ରୋ ମଧ୍ୟ ଏଥିଯୋଗୁ ପ୍ରଭାବିତ ହୋଇଛି। ସେହିପରି ବିଶ୍‌କେକ୍‌ର ଏୟାରପୋର୍ଟ ଏହାର ଦକ୍ଷତା ଠାରୁ କମ୍ ପରିବହନ କରୁଛି।

**ବଢ଼ୁଛି କ୍ରିପ୍ଟୋ ମାଇନିଂ**

କେନ୍ଦ୍ରୀୟ ଏସିଆ ଦେଶଗୁଡ଼ିକରେ ଗରମ ଜଳବାୟୁ ତଥା ମରୁଡ଼ି ଯୋଗୁ କିର୍ଗିଜସ୍ତାନରେ ଥିବା ହାଇଡ୍ରୋପାୱାର କ୍ଷମତା ପ୍ରଭାବିତ ହୋଇଛି। କାଜାଖସ୍ତାନରେ କ୍ରିପ୍ଟୋ ମାଇନିଂ (ନୂଆ କ୍ରିପ୍ଟୋକରେନ୍ସି ତିଆରି ତଥା ଏହାର ଟ୍ରାଞ୍ଜାକସନ ନିମନ୍ତେ କରାଯାଉଥିବା ପ୍ରକ୍ରିୟା) ବୃଦ୍ଧି ପାଉଥିବାରୁ ଏଥିରେ ବହୁ ମାତ୍ରାରେ ବିଦ୍ୟୁତ୍ ଖର୍ଚ୍ଚ ହେଉଛି। ଏହି ଦୃଷ୍ଟିରୁ ସୁଇଡେନ୍, ଚାଇନା, ରୁଷିଆ, କୋସୋଭୋ, ଆଇସଲାଣ୍ଡ ସମେତ କାଜାଖସ୍ତାନ ମଧ୍ୟ କ୍ରିପ୍ଟୋ ମାଇନିଂ ଉପରେ କଟକଣା ଜାରି କରିଛନ୍ତି।



## ସଂକ୍ଷେପରେ

### ଦୁର୍ଘଟଣାରେ ଅର୍ଡିନାନ୍ସ ମେଦକଙ୍କ ମୃତ୍ୟୁ



ରୂପସା, ୨୫।୧ (ଡି.ଏନ.ଏ.): କେନ୍ଦ୍ର ସରକାରଙ୍କ ଡିଆରଡିଓ ଅଧୀନ ହାଇଦ୍ରାବାଦସ୍ଥିତ ଅର୍ଡିନାନ୍ସ ବିଭାଗରେ କାର୍ଯ୍ୟରତ ଅଡ଼ିନାନ୍ସ ମେଦକ ଡ଼ମ୍ବରୁ ବେହେରା (୩୨)ଙ୍କର ରବିବାର ଅପରାହ୍ନରେ ବାଇକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ରୂପସା ଥାନା ପୋଡ଼ାଡ଼ିହା ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ପୁଅ। ସେ ୬ ବର୍ଷ ଧରି ଏହି ବିଭାଗରେ ଚାକିରୀ କରିଥିଲେ। ହାଇଦ୍ରାବାଦଠାରେ ଏହି ଦୁର୍ଘଟଣା ଘଟିଥିଲା। ବିମାନ ଯୋଗେ ତାଙ୍କ ମରଶରୀରକୁ କଲିକତା ଅଣାଯାଇଥିଲା। ସେଠାରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ମୃତଦେହ ଘରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ମଙ୍ଗଳବାର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ମା', ବାପା, ସ୍ତ୍ରୀ, ସାନଭାଇ, ସ୍ତ୍ରୀ ଓ ୪ ମାସର ଶିଶୁପୁତ୍ର ଅଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଜିଲାରେ ଶୋକର ଛାୟ ଖେଳିଯାଇଛି।

### କରୋନାରେ ବ୍ୟବସାୟୀଙ୍କ ମୃତ୍ୟୁ

ରୂପସା, ୨୫।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ନୀଳବାଡ଼ି ଗ୍ରାମର ଧୂପ ବ୍ୟବସାୟୀ ଝାଡ଼େଶ୍ୱର ଦାସ (୬୫)ଙ୍କର ସୋମବାର ରାତିରେ ମୃତ୍ୟୁ ଘଟିଛି। ଗତ ଶନିବାର ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର କରୋନା ପଜିଟିଭ ବାହାରିବାରୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାଛଡ଼ା ଜଣେ ଯାତ୍ରା ଅଭିନେତା ଭାବେ ସେ ବିଭିନ୍ନ ଅଞ୍ଚଳରେ ଲୋକପ୍ରିୟ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ଓ ଗ୍ରାମବାସୀ ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିଥିଲେ।

### ୫୫୦ ୟୁନିଟ ରକ୍ତ ସଂଗ୍ରହ

ଭଦ୍ରକ ଅଫିସ, ୨୫।୧: ଭଦ୍ରକର ପ୍ରସିଦ୍ଧ ଧର୍ମଗୁରୁ ସୈୟଦ ଶାହା ୱସିମ ଅଖତର କାଦରୀ (ସାନ ସରକାର ବାବା) ଓରଫ ମାମାଜାନଙ୍କ ୬୭ତମ ଜନ୍ମତିଥି ଉପଲକ୍ଷେ ସୋମବାର ପ୍ରତ୍ୟେକ ଗାଁରେ ସଫେଇ କାର୍ଯ୍ୟ ହୋଇଥିଲା। ସଭାପତି ଇଂ. ମନାୱର ହୋସେନ, ସମ୍ପାଦକ ଇଂ. ରେଜା-ଏ-ରସୁଲ, ଇଂ. ହବିବୁଲ୍ଲା ଖାଁ, ଅବୁ ହୋସେନ ଖାଁ, ହାଜୀ ହୁମାୟୁନ, ଲିୱା ମାଷ୍ଟର, ସବୀର ଅଲୀ, ତବାରକ ଅଲୀ, ମତଲୁବ ଅଲୀ ଓ ଜମିଲ ଅଖତର ଖାନଙ୍କ ନେତୃତ୍ୱରେ ସୋମବାର ଖାନକାହ ସରିଫଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୫୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ଡ. ଆଶୁତୋଷ ମହାପାତ୍ର, ଡ. ଫରମାନ ନବି, ଡ. ସାହିନ ନଜର ଓ ଡା. ଏସ୍‌ଏମ୍ ସଲିମ, ବିଧାୟକ ସଞ୍ଜୀବ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଡିଏସପି ଅଭିଷେକ ପାଣିଗ୍ରାହୀ, ଆଲୋକ ଯେନା, ଇଂ. ପ୍ରୟାସକାନ୍ତି ସାମଲ, ହାଜୀ ଅବଦୁଲ ବାରୀ, ଅବଦୁଲ ମୁକିତ ଖାଁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ମେଗା ରକ୍ତଦାନରେ ଫ୍ରି ଟି ଷ୍ଟଲ ଖୋଲାଯାଇଥିଲା। ଅଖିଳ ଭାରତୀୟ ଦୁଃଖୀ ସମାଜର ସଭ୍ୟ ଶେଖ ଆସିଫ ଅଲି, ଝମଝମ୍ ଅଲୀ, ଇଂ.ମୁକ୍ତାର ଅହେମଦ ରସିଦ, ଡ. କମାଲ ଖାନ, ସକିଲୁଜ ଜମା ଖାଁ, ଗୋଲାମ ମୋହିଉଦ୍ଦିନ, ଶେଖ ଅନୱର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏନ୍‌ପିଜି ତରଫରୁ ସାନସରକାର ବାବା ଓ ବଡ଼ ସରକାର ବାବାଙ୍କ ସମାଧିରେ ଚାଦର ଚଢ଼ା ଯାଇଥିଲା।

# ପର୍ଯ୍ୟଟନ କ୍ଷେତ୍ର ଲାଗି ବିପଦ

## ବ୍ୟକ୍ତିଗତ କାମ ପାଇଁ ଖୋଳି ନେଉଛନ୍ତି ସୌନ୍ଦର୍ଯ୍ୟମୟ ପଥର

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୨୫।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଭରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ସବୁଜ ପାହାଡ, ଜଙ୍ଗଲ, ଜଳପ୍ରପାତ, ନଦୀଝରଣା ଆଦି ପ୍ରମୁଖ ଆକର୍ଷଣ ହୋଇଥିବା ବେଳେ ଏଠାକାର ସୌନ୍ଦର୍ଯ୍ୟମୟ ପଥର ପାହାଡ଼ ଉପଯୁକ୍ତ ପ୍ରଚାର ଓ ପ୍ରସାର ତଥା ବିକାଶର ଅଭାବ ଯୋଗୁ ଦୃଷ୍ଟି ଆଢୁଆଳରେ ରହିଯାଇଛି। ବିଭିନ୍ନ ଆକୃତିର ସ୍ୱତନ୍ତ୍ର ପଥରର ବିକାଶ କରାଗଲେ ଜିଲା ତଥା ରାଜ୍ୟ ପାଇଁ ପ୍ରକୃଷ୍ଟମୟ ନିଆରା ପର୍ଯ୍ୟଟନ ସୁଯୋଗ ସୃଷ୍ଟି ହୋଇ ପାରିବ ବୋଲି ମତ ପ୍ରକାଶ ପାଉଛି। ଏବେ ଏହି ପଥରକୁ ବିଭିନ୍ନ କାମରେ ବ୍ୟବହାର କରାଯାଉଥିବାରୁ ଖଣିଜପଥର ଲୋପ ପାଇବା ସହ ସୌନ୍ଦର୍ଯ୍ୟହାନୀ ଘଟିବା ଆଶଙ୍କା ପ୍ରକାଶ ପାଉଛି।

ଜିଲାର ଘଟଗାଁ, ସଦର, ପାଟଣା, ହରିଚନ୍ଦନପୁର ଆଦି ବ୍ଲକ ଅଞ୍ଚଳରେ ରହିଛି ଏହି ସୌନ୍ଦର୍ଯ୍ୟମୟ ପଥର । ଛୋଟ ଛୋଟ ପଥରଠାରୁ ଆରମ୍ଭ କରି ବୃହତ୍ତକାୟ ପର୍ବତ ସଦୃଶ ପଥର ଅନେକଙ୍କୁ ଆକୃଷ୍ଟ କରିଥାଏ। ଯାହାର ନିଦର୍ଶନ ଘଟଗାଁ ବ୍ଲକ ସୀତାବିଞ୍ଜିରେ ଦେଖିବାକୁ ମିଳେ। ଏଠାରେ ରହିଛି ପ୍ରାକୃତିକ ଗୋଲାକାର, ଅର୍ଦ୍ଧ ଗୋଲାକାର, ଅଣ୍ଡାକୃତି ଆଦି ବିଭିନ୍ନ ଆକୃତିର ପଥର। ସେହିପରି ବିଭିନ୍ନ ସ୍ଥାନରେ ରହିଛି ପଥରର ଚଟାଣ। କୁହାଯାଏ ଏହି ପଥର ଚଟାଣକୁ ଖନନ କଲେ ଏହା ମଧ୍ୟ ବିଶାଳକାୟ ଗୋଲାକାର ବା ଅନ୍ୟ ଆକୃତିର ପଥର ଭଳି ଦୃଶ୍ୟମାନ ହେବ। ଅନେକ ସ୍ଥାନରେ ଏହି ପଥର ପାହାଡ ପର୍ବତ ସଦୃଶ୍ୟ ବଡ଼ ବଡ଼ ପଥର ଦୂରରୁ ଦୁର୍ଗ ଭଳି ଠିଆ ହୋଇଥିବା ଦେଖିବାକୁ ମିଳେ। ଗୋଟିଏ ଗୋଟିଏ ପଥରରେ ବ୍ୟାସ ପ୍ରାୟ ଅଧ କି.ମି.ଏବଂ ସାଇଜ ଏକ ବର୍ଗ କି.ମି. ପର୍ଯ୍ୟନ୍ତ ରହିଛି, ଯାହାର ମାପଚୁପ କରିବା ଜରୁରୀ ବୋଲି ଅନେକ କୁହନ୍ତି । ସୀତାବିଞ୍ଜିଠାରେ ଥିବା ପଥର ଉପରେ ମାତା ସୀତାଦେବୀଙ୍କ ଏନ୍ତୁଡ଼ିଶାଳ ପ୍ରମୁଖ ଆକର୍ଷଣୀୟସ୍ଥଳୀ ପାଲଟିଛି। ସେହିପରି ଏଠାରେ ଥିବା ବିଶାଳକାୟ ପଥର ଯାହାକି ଦସ୍ୟୁ ରତ୍ନାକରଙ୍କ ଭଣ୍ଡାରଘର କୁହାଯାଏ। ସେହିପରି ଏକ ବିଶାଳ ପଥର ଉପରେ ଆଉ ପଥର ରହିଥିବା ବେଳେ ତାହର ତଳ ଭାଗରେ ଥିବା ବହୁ ପୁରୁଣା କଳାକୀର୍ତ୍ତି ରହିଛି ଯାହାକୁ ରାବଣ ଛାୟା କୁହାଯାଏ । ହରିଚନ୍ଦନପୁର ବ୍ଲକର ଧାନବେଣି ପଥର ଏବଂ ଏହା ଉପରେ ଥିବା ଶିବ ମନ୍ଦିର ଜିଲାରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଅପେକ୍ଷାରେ ରହିଛି। ସେହିପରି ସଦର ବ୍ଲକ ବେଲଦା ନିକଟରେ ଏନ୍‌ଏଚ ୪୯ କଡରେ ଥିବା ବିଶାଳକାୟ ପଥର ପାହାଡ ଉପରେ ଶୂନ୍ୟ ମନ୍ଦିରକୁ ଦେଖିଲେ ଅନେକ ବିସ୍ମିତ ହୋଇଥାନ୍ତି। ସେହିପରି ଏଭଳି ମସୃଣ ପଥର ଏହିସବୁ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ। ଅନେକ ସ୍ଥାନରେ ପଥର ଉପରେ ପୁରୁଣା ଲେଖା, ପାଦ ଚିହ୍ନ ମଧ୍ୟ ରହିଥିବା ଦେଖିବାକୁ ମିଳେ। ସେହିପରି କେନ୍ଦୁଝର-ହରିଚନ୍ଦନପୁର ରାସ୍ତାର ଦେଓବନ୍ଧ ଗ୍ରାମ ପୂର୍ବରୁ ଡାହାଣ ପାର୍ଶ୍ୱରେ ଥିବା ବିସ୍ତୃତକାୟ ପଥର ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥାଏ। ଏହାର ଚାରିପାଖରେ ବନୀକରଣ କରାଯାଇ ବିକାଶ କରାଗଲେ ଜିଲାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ବିକଶିତ କରିବ ବୋଲି ସଂଗ୍ରାହକ ତଥା ବରିଷ୍ଠ ଲେଖକ ପ୍ରଦୀପ ରାଉତ କୁହନ୍ତି।



ସୀତାବିଞ୍ଜି ନିକଟରେ ଥିବା ପଥର।

କେନ୍ଦୁଝର ଜିଲାରେ ବୌଦ୍ଧ ଓ ଜୈନ ତନ୍ତ୍ର ସମୟର ବହୁ ପ୍ରମାଣ ବିଭିନ୍ନ ପାହାଡ ଓ ଜଙ୍ଗଲାଞ୍ଚଳରେ ଦେଖିବାକୁ ମିଳେ। ସେହିପରି ଅନେକ ଗୁମ୍ଫା ରହିଛି ଯେଉଁଠି କି ମୁନି ଋଷି ମାନେ ବାସ କରନ୍ତି । ଅନେକ ସ୍ଥାନରେ ବହୁ ପୁରୁଣା ପ୍ରସ୍ତର ଲେଖା ମଧ୍ୟ ରହିଛି। ଏଣୁ ଏହି ସୌନ୍ଦର୍ଯ୍ୟମୟ ତଥା ବିଭିନ୍ନ ଆକୃତିର ସ୍ୱତନ୍ତ୍ର ପଥର ଓ ପଥର ପାହାଡ଼ର ବିକାଶ କରାଗଲେ ଅନ୍ୟ ରାଜ୍ୟ ଓ ଦେଶର ପର୍ଯ୍ୟଟକମାନେ ଅଧିକ ଆକୃଷ୍ଟ ହୋଇ ପାରିବେ ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା କହିଛନ୍ତି ।

## ଗୋରୁଗାଡ଼ି ଜବତ, ୩ ଗିରଫ

ଭଣ୍ଡାରିପୋଖରୀ, ୨୫।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧିନ ୧୬ନଂ ଜାତୀୟ ରାଜପଥର ତୋରଡ ପୋଲ ନିକଟ ନାକା ପୋଷ୍ଟ ଠାରୁ ଏକ ବେଆଇନ ଗୋରୁ ଗାଡିକୁ ପୋଲିସ ଜବତ କରିବାସହ ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମମିନ ଖାଁ, ଅବିନାଶ ବେହେରା ଓ ସେକ ଅକ୍ତରା। ଗତ ସୋମବାର ରାତିରେ ଟ୍ରକ୍‌ଟି ଯାଜପୁର ଆଡୁ ଗୋରୁ ନେଇ ଆସୁଥିବା ବେଳେ ନାକା ପୋଷ୍ଟ ନିକଟରେ ଧରାପଡ଼ିଥିଲା। ଗାଡ଼ିରେ ଥିବା ୪୬ ଗୋରୁଙ୍କୁ ଗୋଶାଳାକୁ ପଠାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୮/୨୨) ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ୪୧ ୟୁନିଟ୍ ରକ୍ତ ସଂଗ୍ରହ

ସୋର, ୨୫।୧(ଡି.ଏନ.ଏ.)

ସୋର ବ୍ଲକ ଅଧୀନ ଶିରାପୁର ଖେଳ ପଡିଆରେ ଉମାକାନ୍ତ ରାଧିକା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ୪୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଡି.କେ. ସ୍ପୋର୍ଟିଂ କ୍ଲବ ସହାୟତାରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅଜିତ୍ କୁମାର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ବ୍ଲଡ୍ ବ୍ୟାଙ୍କର ଡ. ପ୍ରଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନ୍ ଜଗନ୍ନାଥ ପଣ୍ଡା, ସହାୟକ ଦିଲଦାର, ବିନୋଦ ବିହାରୀ ଦାସ ଓ ରତ୍ନାକର ସେଠୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସ୍ପୋର୍ଟିଂ କ୍ଲବ ସଭାପତି ରୂପମ୍ ବେହେରା, ପାର୍ଥସାରଥୀ ପ୍ରମାଣିକ, ଗୌରାଙ୍ଗ ନାୟକ, ଜ୍ୟୋତିପ୍ରକାଶ ଦୀକ୍ଷିତ୍, କାରଣ ରାଉତ, ଅସିତ୍ ସେଠୀ, ରଞ୍ଜିତ୍ ବେହେରା, ପୂର୍ଣ୍ଣ ରାଉତ, ଅବିନାଶ ବେଜ୍, ଚିନ୍ମୟ ନାୟକ, ଦୀପକ ବେଜ୍ ଓ ମାନଓ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବିସ୍ଥାପିତଙ୍କୁ ଘରଡିହ ନ ମିଳିଲେ ଭୋଟ ବର୍ଜନ

ଯୋଡ଼ା,୨୫।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବିରିକଳା ପଞ୍ଚାୟତ ଅଧୀନ ୮ନଂ ୱାର୍ଡ ଇଙ୍ଗାଣିଝରଣ ଗ୍ରାମବାସୀଙ୍କୁ ଘର ଡିହ ମିଳି ନ ଥିବାରୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ନିଷ୍ପତ୍ତି ନେଇ ଯୋଡ଼ା ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କୁ ମଙ୍ଗଳବାର ଲିଖିତ ଭାବେ ଜଣାଇଛନ୍ତ। ଅଭିଯୋଗ ଅନୁଯାୟୀ, କାନପୁର ବୃହତ୍ତ ଜଳସେଚନ ପ୍ରକଳ୍ପରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ୱାର୍ଡବାସୀଙ୍କୁ ପ୍ରକଳ୍ପ ପକ୍ଷରୁ ସେମାନଙ୍କୁ ବିସ୍ଥାପିତ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଫଳରେ ସେମାନେ ଘରର କ୍ଷତିପୂରଣ ଟଙ୍କା ଓ ଘର ଡିହ ପାଇ ପାରି ନାହାନ୍ତି। ସରକାରଙ୍କ ନିୟମ ଅନୁଯାୟୀ ବିସ୍ଥାପିତଙ୍କୁ ୧୦ଡିସିମିଲ ଘର ଡିହ ଦେବାର ବ୍ୟବସ୍ଥା ରହିଛି। ମାତ୍ର ପ୍ରକଳ୍ପ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ପ୍ରକଳ୍ପ ପକ୍ଷରୁ ଘର ଭାଙ୍ଗିବା ପାଇଁ ବାରମ୍ବାର ନୋଟିସ ଜାରି କରାଯାଉଛି। ଘର ଡିହ ପ୍ରଦାନ କରିବା ପାଇଁ ସମ୍ପୂର୍ଣ୍ଣ ଭାବେ ମନା କରାଯାଉଛି। ଏଣୁ ଏହାର ପ୍ରତିବାଦରେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିବା ଗ୍ରାମର ଜୟକୃଷ୍ଣ ଲୋହାର, ଗଣେଶ୍ୱର ପାତ୍ର, ଦୁଃଖବନ୍ଧୁ ପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି।

## ଚିଠି ଲେଖି ଘର ଛାଡିଲେ ଯୁବକ

### ନିଖୋଜ ନେଇ ଥାନାରେ ଏତଲା ଦେଲେ ପରିବାର

ଜଳେଶ୍ୱର, ୨୫।୧(ଡି.ଏନ୍.ଏ)

ଦୀର୍ଘଦିନ ପରେ ପରିବାର ଲୋକଙ୍କୁ ଭେଟିବାକୁ ଆସି ହଠାତ୍ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ନିଜ ଇଛାରେ ବହୁଦୂରକୁ ଚାଲିଯାଇଥିବା ଏକ ହାତଲେଖା ଚିଠି ଛାଡିଥିବା ଚର୍ଚ୍ଚାର ବିଷୟ ହୋଇଛି। ଦୁରାରୋଗରେ ପୀଡିତ ଥିବାରୁ ସେ ପରିବାରଠାରୁ ଦୂରେଇ ଯାଉଛନ୍ତି ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ପରିବାର ଲୋକେ ଏହାକୁ ନେଇ ସନ୍ଦେହ ପ୍ରକଟ କରିବା ସହ ତାଙ୍କ ନିଖୋଜ ସମ୍ପର୍କରେ ଥାନାରେ ଏତଲା ଦେଇଛନ୍ତି। ଘଟଣା ଘଟିଛି ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ସରିଶା ଗାଁରେ।

ଉତ୍ତମ କୁମାର ପଣ୍ଡା (୩୫) ଉତ୍ତର ହରିଆନାର ଏକ ଔଷଧ କମ୍ପାନୀରେ ଲାବୋରେଟୋରୀ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ବିବାହିତ ଓ ତାଙ୍କର ବର୍ଷକର ଝିଅ ଅଛନ୍ତି। ଗତ କିଛିଦିନ ତଳେ ସେ ଛୁଟିରେ ଗାଁକୁ ଆସିଥିବା ବେଳେ ତାଙ୍କ ସ୍ତ୍ରୀ ଓ ଝିଅ ଶ୍ୱଶୁର ଘରେ ରହିଥିଲେ । ୨ଦିନ ତଳେ ସେ ନାମ୍ପୋ ଏଟିଏମ୍‌କୁ ଯାଉଛନ୍ତି ବୋଲି କହି ଘରୁ ବାହାରିଥିଲେ। ମଧରାତ୍ର ସୁଦ୍ଧା ନ ଫେରିବାରୁ ଘରଲୋକେ ଖୋଜାଖୋଜି କରିଥିଲେ। ଫୋନ୍ କରିବାରୁ ତାହା ଘରେ ଥିବା ଜଣାପଡିଥିଲା। ଘରଲୋକ ତାଙ୍କର ଫୋନ୍ ଓ ଅନ୍ୟ ଏକ ଚିଠି ଶୋଇବା ବିଛଣାରୁ ପାଇଥିଲେ। ଏହି ଚିଠିରେ ତାଙ୍କୁ ଭୁଲ୍ ନ ବୁଝିବା ପାଇଁ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି। ଏହାସହ ସେ ଅଜଣାରୋଗରେ ପୀଡିତ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା, ଝିଅର ପାଠପଢା, ପରିବାର ଲୋକଙ୍କ ସମ୍ପର୍କରେ ବୁଝାବୁଝି କରିବା ଓ ତାଙ୍କୁ ଖୋଜାଖୋଜି ନ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଏନେଇ ଉତ୍ତମଙ୍କ ବାପା ନାମ୍ପୋ ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଉତ୍ତମ ତାଙ୍କର ରୋଗ ସମ୍ପର୍କରେ ପୂର୍ବରୁ ଘରକୁ ସୂଚନା ନ ଦେବା, ସମସ୍ତଙ୍କ ଅଗୋଚରରେ ନିଖୋଜ ହେବା, ସେ ଘରେ ଥିବା ବେଳେ ସ୍ତ୍ରୀ ଓ ପିଲା ଶ୍ୱଶୁର ଘରେ ରହିବା ଏସବୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାଲିଆପାଳ, ୨୫।୧(ସ୍ୱ.ପ୍ର)

ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର କୁମ୍ଭାରୀ ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ମଙ୍ଗଳବାର ନବନିର୍ମିତ ଉଜ୍ଜ୍ୱଳେଶ୍ୱର ମହାଦେବ, ରାଧାକୃଷ୍ଣ ଓ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାରଠାରୁ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇ ୨୫ତାରିଖରେ ଶେଷ ହୋଇଥିଲା। ନାମଯଜ୍ଞ, ଅଙ୍କୁରରୋପଣ ପରେ ୨୩ତାରିଖରେ ପୂର୍ଣ୍ଣତୋୟା ସୁବର୍ଣ୍ଣରେଖା ନଦୀରୁ ଶ୍ରଦ୍ଧାଳୁଙ୍କ କଳସ ଯାତ୍ରା, ବିଗ୍ରହ ପ୍ରତିଷ୍ଠା, ବାସ୍ତୁ ଯଜ୍ଞ, ବିଷ୍ଣୁଯଜ୍ଞ, ସୋମବାର ଶିବଙ୍କର ୧୦୦୮ ଜଳଦାନ ଓ ମଙ୍ଗଳବାର ହନୁମାନଙ୍କର ଯଜ୍ଞ, ନବଗ୍ରହ ଯଜ୍ଞ ପରେ ପୂର୍ଣ୍ଣାହୂତି ସମାପନ ହୋଇଥିଲା। ମୁଖ୍ୟ ମନ୍ଦିର ମିସ୍ତ୍ରୀ ଗୟାରାମ ଦାସଙ୍କ ସହିତ ସଞ୍ଜୟ ଅଣ୍ଡିଆ, ମହେଶ୍ୱର ଜେନା, ଶିବଶଙ୍କର ଦାସ ପ୍ରମୁଖ ଉଜ୍ଜ୍ୱଳେଶ୍ୱର ମହାଦେବ, ରାଧାକୃଷ୍ଣ ଓ ମହାବୀର ମନ୍ଦିର ନିର୍ମାଣ କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ।

## ୨ କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଭଞ୍ଜସେନା ପକ୍ଷରୁ ୨ କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

### ରେଳ ବିକାଶ କ୍ଷେତ୍ରରେ ଅବହେଳା ପ୍ରତିବାଦ

ବାରିପଦା ଅଫିସ,୨୫।୧

ମୟୂରଭଞ୍ଜ ଜିଲାରେ ରେଳର ବିକାଶ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ପ୍ରତିବାଦ ସ୍ୱରୂପ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ମଙ୍ଗଳବାର ବାରିପଦା ରେଳ ଷ୍ଟେଶନ ନିକଟରେ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାର ଜିଲାରେ ରେଳର ବିକାଶ ଦିଗରେ ତତ୍ପରତା ପ୍ରକାଶ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବାନୀ ଦିଆଯାଇଛି। ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରେଳ ଷ୍ଟେଶନରେ ପହଞ୍ଚି ଜିଲାରେ ରେଳ ବିକାଶ ଦିଗରେ କୌଣସି ନୂତନ ଯୋଜାନା କାର୍ଯ୍ୟକାରୀ ହୋଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଦୀର୍ଘ ଦିନ ଧରି ବାଙ୍ଗରିପୋଷି-ଗୋରୁମହିଷାଣୀ, ବାଦାମପାହାଡ଼-କେନ୍ଦୁଝର, ଭଦ୍ରାଚଳମ୍-ଖଡ଼ଗପୁର(ଭାୟା-କପ୍ତିପଦା, ଉଦଳା, ଖୁଣ୍ଟା, ଶୁଳିଆପଦା), ବୁଢ଼ାମରା-ଚାକୁଳିଆ ଏବଂ ବାଦାମପାହାଡ଼-ରାଉରକେଲା ନୂତନ ଟ୍ରେନ ଚଳାଚଳ ସହିତ ଅନ୍ୟାନ୍ୟ ରେଳ ପ୍ରକଳ୍ପ ଲାଗି ଦାବି ହୋଇଆସୁଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ରାଜ୍ୟ ଓ ଜିଲାରୁ ଥିବା ଦୁଇ ମନ୍ତ୍ରୀ ଏହି ଜିଲା ପ୍ରତି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଫଳରେ ଭଞ୍ଜସେନା ପକ୍ଷରୁ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାକେଶ ସିଂ, ଚନ୍ଦନା ଦାସ, ସୌମ୍ୟ ରଞ୍ଜନ ମିଶ୍ର, ଏସ୍ .କେ. ରାଜାଖାନ୍ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

## ସବ୍ୟସାଚୀଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର

ସଜନାଗଡ଼, ୨୫।୧(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ନୀଳଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ଉପରୁ ନିଲମ୍ବନ ଆଦେଶକୁ ବିଜେଡି ପ୍ରତ୍ୟାହାର କରିଛି। ଦଳର ବୃହତ୍ତର ସ୍ୱାର୍ଥ ପାଇଁ ଏହି ପଦକ୍ଷେପ ନିଆଯାଇଥିବା ମଙ୍ଗଳବାର ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ବାଲେଶ୍ୱର ଜିଲା ବିଜେଡି ସଭାପତି ରବୀନ୍ଦ୍ର କୁମାର ଜେନା ଓ ନୀଳଗିରି ନିର୍ବାଚନମଣ୍ଡଳୀ ବିଜେଡି ନେତା ସନ୍ତୋଷ ଖଟୁଆଙ୍କ ନିର୍ଦ୍ଦେଶରେ ସବ୍ୟସାଚୀ ମହାପାତ୍ରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇ ପୁର୍ନବାର ଦଳରେ ସାମିଲ କରାଯାଇଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ବିଜେଡି ନେତା ସନ୍ତୋଷ ଖଟୁଆ, ବରିଷ୍ଠ ନେତା ଶିଶିର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଥାଉକି ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ସବ୍ୟସାଚୀଙ୍କୁ ଗତ ଜୁଲାଇ ୨୪ରେ ବିଜେଡିରୁ ନିଲମ୍ବନ କରାଯାଇଥିଲା ।

## ଯୌତୁକ ପାଇଁ ବଧୂହତ୍ୟା

### ଥାନାରେ ଅଭିଯୋଗ

ଜଳେଶ୍ୱର, ୨୫।୧(ଡି.ଏନ.ଏ.)

ବିବାହର ୨ ବର୍ଷ ନ ପୂରୁଣୁ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ସେକବାର୍ଡ଼ ଗାଁର ଏକ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳା ସମିନା ବିବିଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ବାପା ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ସିଂଲା ଥାନା ଗୋପୀନାଥ ପଞ୍ଚାୟତ କାଦରାୟାଁ ଗାଁର ସେକ୍ ତାହିର ହୋସେନ୍ ତାଙ୍କ ଭଉଣୀ ସମିନା ବିବି (୨୦)ଙ୍କୁ ସେକବାର୍ଡ଼ ଗାଁର ସୈଫୁଲ ଖାଁଙ୍କ ପୁଅ ସବିର ଖାଁକୁ ବିବାହ ଦେଇଥିଲେ। କିନ୍ତୁ ଶାଶୁଘର ଲୋକେ ଯୌତୁକ ଲାଗି ବାରମ୍ବାର ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏ ସମ୍ପର୍କରେ ସାବିନା ତାଙ୍କ ମା' ବାପାଙ୍କୁ ଜଣାଇବାରୁ ଦୁଇପକ୍ଷରୁ ପ୍ରାୟ ୮/୧୦ଥର ବୈଠକ ବସି ସମାଧାନ ହୋଇଥିଲା। ବିବାହର ବର୍ଷକ ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । ଯୌତୁକ ବାବଦ ମୋଟରସାଇକେଲ ସହିତ ୨ଲକ୍ଷ ଟଙ୍କା ଦେବା ଲାଗି ବାରମ୍ବାର ନିର୍ଯାତନା ଦିଆଯାଇ ଆସୁଥିବା ସେକ୍ ତାହିର ହୋସେନ୍ ଅଭିଯୋଗ କରିଛନ୍ତି। ଗତ ୨୩ତାରିଖରେ ତାଙ୍କୁ ପରିବାର ପକ୍ଷରୁ ଶାରୀରିକ ନିର୍ଯାତନା ଦିଆଯାଇ ସୁଚିନ୍ତିତି ଉପାୟରେ ବିଷ ପିଆଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



ସମିନା ବିବି(ଫାଇଲ ଫଟୋ)।

## ମହିଳାଙ୍କ ଆତ୍ମହତ୍ୟା

ସାରସକଣା,୨୫।୧(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଦାନାଦର ଗ୍ରାମର ଜଣେ ମହିଳା ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ନରସାଦ ଦେହୁରୀଙ୍କ ସ୍ତ୍ରୀ ଦ୍ରୌପଦୀ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପିଆର୍‌ଏମ୍ ମେଡିକାଲ କଲେଜକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୨୨)ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

## ମତଦାତା ଦିବସରେ ଶପଥ ନେଲେ ଅଧିକାରୀ

ବାରିପଦା ଅଫିସ, ୨୫।୧

ମୟୂରଭଞ୍ଜ ଜିଲାପାଳଙ୍କ ଫେସିଲି ଟେସନ ସମ୍ମିଳନୀ କକ୍ଷରେ ୧୨ତମ ଜାତୀୟ ମତଦାତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରା (ରାଜସ୍ୱ), ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ହେମନ୍ତ ସିଂ, ପିଡି ଡିଆରଡିଏ ପି. ଅନ୍ୱେଷା ରେଡ୍ଡୀ ଓ ସଦର ଉପଜିଲାପାଳ ଅନ୍ୟା ଦାସ ଯୋଗ ଦେଇଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ସନ୍ଧ୍ୟାଞ୍ଜଳି ମାଝୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଦେଶର ଗଣତାନ୍ତ୍ରିକ ପଦ ମର୍ଯ୍ୟାଦା ବଜାୟ ରଖିବା, ମୁକ୍ତ ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି ନିର୍ଭିକ ଭାବେ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜର ମତାଧିକାର ପ୍ରୟୋଗ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ଇ-ଭୋଟର ପରିଚୟପତ୍ର ବଣ୍ଟନ କରାଯାଇଥିଲା। ନିର୍ବାଚନ ପରିଚାଳନାରେ ଉତ୍ତମ ପ୍ରଦର୍ଶନ କରିଥିବା ବିଏଲଓଙ୍କୁ ସଫଳତାର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ ଜଣାଇଛନ୍ତି ।

## କଲେଜ ପଡ଼ିଆରେ ନିର୍ମାଣ ହେବ ବାସ୍କେଟ୍ ବଲ୍ କୋର୍ଟ

ବାରିପଦା ଅଫିସ,୨୫।୧

ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ନବ ନିର୍ବାଚିତ କାଉନସିଲ ସଦସ୍ୟମାନଙ୍କୁ ନେଇ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନର ସଭାପତି ତଥା ଜିଲାପାଳ ବିନୀତ ଭରଦ୍ୱାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବାରିପଦା, କରଞ୍ଜିଆ, ଉଦଳା ଓ ରାଇରଙ୍ଗପୁରଠାରେ ଭିତ୍ତିଭୂମିର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ନେଇ ଆଲୋଚନା ହୋଇଥିଲା। ସେହିପରି ବାରିପଦା କଲେଜ ପଡ଼ିଆରେ ଏକ ବାସ୍କେଟ ବଲ୍ କୋର୍ଟ ନିର୍ମାଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସୋସିଏସନର ଆର୍ଥିକ ସ୍ଥିତିକୁ ନେଇ ଆଗକୁ ହେବାକୁ ଥିବା ଓସିଏ ଭିଜନ-୨୦୨୪ କ୍ରିକେଟ ଟୁର୍ନାମେଣ୍ଟ ତଥା ଅନ୍ୟାନ୍ୟ ଖେଳକୁଦ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଷ୍ଟାଡିୟମର ଉନ୍ନତି ପାଇଁ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯିବା ଓ ପ୍ରତ୍ୟେକ କ୍ରୀଡ଼ା ବିଭାଗକୁ ସାହାଯ୍ୟ କରିବା ପାଇଁ ପୂର୍ବତନ କ୍ରୀଡ଼ାବିତମାନଙ୍କୁ ନେଇ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଅମୀୟ କୁମାର ବଳ ଓ ପାର୍ଥ ସାରଥି ସ୍ୱାଇଁଙ୍କୁ ଆସୋସିଏସନର ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଉପସଭାପତି ଭାବେ ବିବେକାନନ୍ଦ ପଟ୍ଟନାୟକ, ସୁବ୍ରମଣ୍ୟମ ମହାନ୍ତି ଓ ମନୋଜ କୁମାର ସାଓଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବା ବେଳେ ସୋମନାଥ ସିଂଙ୍କୁ ମିଡିଆ ସଂଯୋଜକ ଭାବେ ମନୋନୀତ କରାଯାଇଛି। ବିପଦ ସଙ୍କୁଳ ପୁରୁଣା ଷ୍ଟାଡିୟମର ପୁନରୁଦ୍ଧାର ସହିତ ନୂତନ କୋଠା ନିର୍ମାଣ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା।

## ସଂକ୍ଷେପରେ

### ଜିଲାପରିଷଦ ପ୍ରାର୍ଥିନୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଜଳେଶ୍ୱର, ୨୫।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ବାଇଗଣବାଡିଆ ପଞ୍ଚାୟତ କଣ୍ଟାପାଳ ଗାଁରେ ସୋମବାର ରାତିରେ ୧୦ନଂ. ଜୋନରୁ ଜିଲା ପରିଷଦ ପ୍ରାର୍ଥୀ ହୋଇଥିବା ମୀନତି ଜେନାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସେଠାରେ ପହଞ୍ଚି ପଇଁତରା ମାରୁଥିବାରୁ ଏନେଇ ଛକାପଞ୍ଝା ଲାଗି ରହିଛି । ସନ୍ଧ୍ୟାରେ ପ୍ରାର୍ଥିନୀ ମୀନତି ଜେନା ଓ ତାଙ୍କ ସ୍ୱାମୀ ସୁଧୀର କୁମାର ଜେନା କଣ୍ଟାପାଳ ଗାଁକୁ ଆସିଥିଲେ। ବିଜେଡିରୁ ପ୍ରାର୍ଥୀ ହୋଇଥିବା ମୀନତି ଗାଁର କେତେକ ବ୍ୟକ୍ତିଙ୍କ ସହିତ ଆଲୋଚନା କରୁଥିବ ବେଳେ ଗାଁର ଅନ୍ୟ କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି ଯୁକ୍ତିତର୍କ, ଅଶାଳୀନ ମନ୍ତବ୍ୟ ଦେବା ସହିତ କେତେକଙ୍କୁ ଠେଲାପେଲା କରିଥିଲେ । ସୁଧୀର କୁମାର ଜେନା ଜଳେଶ୍ୱର ଥାନାକୁ ଫୋନ ଯୋଗେ ଜଣାଇବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦେଖି ଗଣ୍ଡଗୋଳ କରୁଥିବା ଶହ ଶହ ଲୋକ ସେଠାରୁ ଖସି ପଳାଇଥିଲେ। ବିଜେଡିର କେତେକ ନେତୃବୃନ୍ଦ ପହଞ୍ଚି ସମସ୍ୟା ସମାଧାନ କରିବାକୁ ଚେଷ୍ଟା ଚଳାଇଛନ୍ତି।

### ଭାଜପା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

**ଚାନ୍ଦବାଲି, ୨୫।୧(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଭୁଇଁବୃତି ପଞ୍ଚାୟତ ବହଡ଼ିଆ ଗାଁରେ ପଞ୍ଚାୟତ ନିର୍ବାଚନକୁ ନେଇ ଗୋଷ୍ଠୀ ସଂଘର୍ଷ ଦେଖାଦେଇଛି। ଶାସକଦଳ କର୍ମୀ ଗୁଣ୍ଡାରାଜ ଚଳାଇବା ସହ ସୋମବାର ରାତିରେ ୨ ଭାଜପା କର୍ମୀଙ୍କୁ ଆକ୍ରମଣ କରିଛନ୍ତି। ଏନେଇ ସେମାନଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବହଡିଆ ଗାଁରେ ଭାଜପା କର୍ମୀ ଗଣେଷ ଦାସ ଚାନ୍ଦବାଲିରୁ ନିଜ ଗାଁକୁ ଫେରୁଥିବା ସମୟରେ ଶାସକ ଦଳର ୭ ଜଣ କର୍ମୀ ଗଣେଷଙ୍କ ସହ ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଦୁଇ ଜଣ ଆହତ ହୋଇଥିଲେ। ଗଣେଷଙ୍କ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ୬ ଜିଲା ପରିଷଦ ସଭ୍ୟଙ୍କ ନାମାଙ୍କନ ପ୍ରତ୍ୟାହୃତ

**କେନ୍ଦୁଝର, ୨୫।୧ (ସ୍ୱ.ପ୍ର.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଆଜି ଥିଲା ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ। କେନ୍ଦୁଝର ଉପଜିଲାପାଳଙ୍କ ନିକଟରେ ମଙ୍ଗଳବାର ୬ଜଣ ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଛନ୍ତି। ସେମାନେ ହେଲେ ୫ ନଂ. ଜୋନର ରସାନନ୍ଦ ମୁଣ୍ଡା, ୬ ନଂରୁ ଦୋଳ ଗୋବିନ୍ଦ ପଣ୍ଡା, ୯ ନଂ.ରୁ ସେକ ଅବଦୁଲ ମୋବିନ, ୨୪ ନଂ. ଜୋନର ବୀଣାପାଣି ମୁଣ୍ଡା, ୨୫ ନମ୍ବର ଜୋନର ନିରଞ୍ଜନ ପ୍ରଧାନ, ୩୨ ନଂରୁ ପ୍ରତାପ ନାୟକ।

### ଉଭୟ ଦଳର ମହିଳାଙ୍କ ଦ୍ୱାରା ଥାନା ଘେରାଉ

**ଚାନ୍ଦବାଲି, ୨୫।୧(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଥାନା ଭୁଇଁବୃତି ପଞ୍ଚାୟତ ନୂଆଗାଁରେ ସୋମବାର ରାତିରେ ହୋଇଥିବା ନିର୍ବାଚନୀ ହିଂସାକୁ ନେଇ ଗୋଷ୍ଠୀ ସଂଘର୍ଷ ଦେଖାଦେଇଛି। ଉଭୟ ପକ୍ଷରୁ ଦୁଇ ମହିଳା ଆହତ ହୋଇଥିବାରୁ ମହିଳାମାନେ ଥାନା ଘେରାଉ କରିଥିଲେ। ଭାଜପା ମହିଳାମାନେ ବିଜେଡି ଛାତ୍ର ନେତା ପ୍ରିନ୍ସ ରାକେଶ ନାୟକଙ୍କୁ ଗିରଫ ଦାବି କରିଥିବା ବେଳେ ବିଜେଡି ସମର୍ଥକ ମହିଳା ଗୋଷ୍ଠୀମାନେ ସେହି ଗାଁରେ ହାବ ଦାସ ଓ ତାଙ୍କର ୩ ସହଯୋଗୀଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ପୋଲିସ ଉଭୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଜଣେ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ

**ଯୋଡା,୨୫।୧ (ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ସେରେଣ୍ଡା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୁସ୍ମିତା ସିଦ୍ଧୁ ଓ ଜଲହରୀ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ଲକ୍ଷ୍ମୀ ଚାମ୍ପିଆ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଛନ୍ତି। ଏନେଇ ସରକାରୀ ଭାବେ ଘୋଷଣା କରାଯାଇ ନ ଥିଲେ ହେଁ ଦୁଇପ୍ରାର୍ଥୀଙ୍କ ପ୍ରତିପକ୍ଷ ପ୍ରାର୍ଥୀ ମାନେ ମଙ୍ଗଳବାର ସେମାନଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିବାରୁ ଏହା ସ୍ପଷ୍ଟ ହୋଇଛି।

# ବିନା ଅନୁମତିରେ ଗଛକଟା ନେଇ ଅସନ୍ତୋଷ

**କେନ୍ଦୁଝର, ୨୫।୧ (ସ୍ୱ.ପ୍ର.)**



କେନ୍ଦୁଝର ଲାବଣ୍ୟଛକ ନିକଟରେ ଥିବା ପରିବେଶର ସୁରକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିବା ପରିବେଶ ଉଦ୍ୟାନର ଉନ୍ନତି କରଣ ନାମରେ ସବୁଜ ଗଛ କଟାଯାଇ କଂକ୍ରିଟ ଜଙ୍ଗଲ ସୃଷ୍ଟି କରିବା ପାଇଁ କରାଯାଇଥିବା ଉଦ୍ୟମକୁ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ଏହାର ଉନ୍ନତିକରଣ ପାଇଁ ବହୁ ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ଏହା ମଧ୍ୟରେ ଥିବା ପୁରୁଣା ଗଛକୁ କାଟି ଦିଆଯାଉଛି। କିନ୍ତୁ ଏନେଇ ବନ ବିଭାଗ ପାଖରେ କୌଣସି ସୂଚନା ନାହିଁ।

ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ କଡରେ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏହି ପୁରୁଣା ଉଦ୍ୟାନର ଉନ୍ନତି କରଣ ପୌରପାଳିକା ପକ୍ଷରୁ କାମ ଆରମ୍ଭ ହୋଇଛି। ତେବେ ଗଛର ସୁରକ୍ଷା ନ କରି ଏଭଳି ଗଛ କଟାଯାଇ ପାର୍କ ନିର୍ମାଣ କରାଯାଉଥିବାରୁ ପରିବେଶପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ଏଠାରେ କିଛି ବର୍ଷ ପୂର୍ବରୁ ଏହାର ଏକ ଘରୋଇ କମ୍ପାନୀ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଉନ୍ନତି କରଣ କାମ କରାଯାଇଥିଲା । ଏହି ସ୍ଥାନରେ ପ୍ରଥମେ ଏକ ପାନୀୟ ଜଳ ପ୍ରକଳ୍ପ ଟାଙ୍କି ନିର୍ମାଣ ଓ ପରେ ଶୌଚାଳୟ ନିର୍ମାଣ କରିବା ଫଳରେ ଏହି ଉଦ୍ୟାନ କ୍ଷତିଗ୍ରସ୍ତ ହୋଇଥିଲା । ଏବେ ଏହି ଶୌଚାଳୟର ମଇଳା ପାଣି ଏହି ଉଦ୍ୟାନ ମଧ୍ୟରେ ପଡୁଥିଲେ ହେଁ ଏଥିପ୍ରତି କାହାରି ନଜର ନାହିଁ। ଫଳରେ ଚାରିଆଡେ ଦୁର୍ଗନ୍ଧମୟ ପ୍ରବେଶ ସୃଷ୍ଟି କରିଛି। ଏହି ଉଦ୍ୟାନ ବ୍ୟବହାର ହେବା ପୂର୍ବରୁ ପୁରୁଣା କାମକୁ ଭାଙ୍ଗି ପୁଣି ଥରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଖର୍ଚ୍ଚ କରାଯାଉଥିବାରୁ ଏହାର ତଦନ୍ତ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏସମ୍ପର୍କରେ ସଦର ବନାଞ୍ଚଳ ଅଧିକାରୀ ବିଦ୍ୟାଧର ସାହୁ କହିଛନ୍ତି, ଉକ୍ତ ସ୍ଥାନରେ ଗଛ କଟାନେଇ ତାଙ୍କ ପାଖରେ ଖବର ନାହିଁ । ସେ ଏହାର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

# ରାଜନୈତିକ ଦଳ-ଜିଲା ପ୍ରଶାସନ ବୈଠକ




ବୈଠକରେ ଉପସ୍ଥିତ ଜିଲାପାଳ ତ୍ରିଲୋଚନ ମାଝୀ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୨୫।୧**

ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରାର୍ଥୀ ଓ ଦଳମାନଙ୍କ ଦ୍ୱାରା ପ୍ରଚାର ବ୍ୟବସ୍ଥା, ଭୋଟ ଗଣତି, ଭୋଟଦାନ ପାଇଁ ବୁଥ ସଂଖ୍ୟା, ଆଦର୍ଶ ଆଚରଣ ବିଧି, ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ଖର୍ଚ୍ଚ ସୀମା ସମ୍ପର୍କରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଅବଗତି ପାଇଁ ଜିଲା ପ୍ରଶାସନ ତରଫରୁ ସଦ୍‌ଭାବନା ସଭାଗୃହରେ ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ସତ୍ୟନାରାୟଣ ଦାସ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରମେଶ କୁମାର ପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଏସ୍‌ପି ଯତୀନ୍ କୁମାର ପଣ୍ଡା, ଜିଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂ ପ୍ରମୁଖ ଯୋଗ ଦେଇ ଆନୁଷଙ୍ଗିକ ପ୍ରସଙ୍ଗରେ ଆଲୋଚନା ରଖିଥିଲେ।

ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ମୁତାବକ, ଜିଲାର ସମୁଦାୟ ୭ଟି ବ୍ଲକ୍‌ର ୨୮ଟି ଜୋନ୍‌ର ୨୧୮ ପଞ୍ଚାୟତର ୩୦୫୬ଟି ବୁଥରେ ଭୋଟ ଗ୍ରହଣ ପାଇଁ ବ୍ୟବସ୍ଥା କରାଯାଇଛି । ଫେବୃୟାରୀ ୨୬,୨୭ ଓ ୨୮ ତିନିଦିନ ଧରି ବ୍ଲକ ସଦର ମହକୁମାରେ ଭୋଟ ଗଣତି କାର୍ଯ୍ୟ କରାଯିବ। ୩ଟି ଜୋନ୍ ପାଇଁ ଗୋଟିଏ ଗଣତି କେନ୍ଦ୍ର ଓ ଯେଉଁ ବ୍ଲକ୍‌ରେ ୩ଟିରୁ ଅଧିକ ଥିବା ଜୋନ୍ ପାଇଁ ୨ଟି ଗଣତି କେନ୍ଦ୍ର କରାଯିବ । ଜୋନ୍ ଅନୁଯାୟୀ ଗଣତି ହେବ। ପୂର୍ବାହ୍ନ ୮ଟାରୁ ଗଣତି ଆରମ୍ଭ ହେବ। ପୋଲିସ ବିଭାଗ ସଂକ୍ରାନ୍ତୀୟ ଯାବତୀୟ ଅଭିଯୋଗ ପାଇଁ ଟୋଲ ଫ୍ରି ନଂ.୧୧୨କୁ ଯୋଗାଯୋଗ କରିବା ନେଇ ଅତିରିକ୍ତ ଏସ୍‌ପି ସୂଚନା ଦେଇଥିଲେ। ପ୍ରାର୍ଥୀମାନଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚ ହିସାବ ପରିଚାଳନା, ପ୍ରଚାର ପାଇଁ ଯାନବାହନ ବ୍ୟବହାର ନେଇ ବିଧି ବିଧାନ ସମ୍ବନ୍ଧରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୂଚନା ଦେବା ସହ ୩ଟି ପର୍ଯ୍ୟାୟରେ ସେ ସମସ୍ତ ବ୍ଲକ୍‌କୁ ଗସ୍ତ କରି ଏ ବାବଦରେ ତଦନ୍ତ କରିବେ ବୋଲି ଜଣାଇଥିଲେ। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ଜିଲାସ୍ତରୀୟ ସଭାପତି, ଉପସଭାପତି, ସମ୍ପାଦକ ପ୍ରମୁଖ ଯୋଗ ଦେଇଥିଲେ ।

# ଅସନ୍ତୁଷ୍ଟଙ୍କୁ ମନାଇବାକୁ ଉଦ୍ୟମ

**ଜଳେଶ୍ୱର, ୨୫।୧(ଡି.ଏନ.ଏ.)**

### ଜଳେଶ୍ୱର ବିଜେଡିରେ ଗୋଷ୍ଠୀ ବିବାଦ

ବାଲେଶ୍ୱର ଜିଲା ଜଳେଶ୍ୱର ବିଜେଡିରେ ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳିଛି। କେତେକ ଅସନ୍ତୁଷ୍ଟ ନେତା ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରଣାଙ୍ଗନରେ ପ୍ରାର୍ଥୀ ହୋଇଥିବାରୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଖୋଦ୍ ବ୍ଲକ ବିଜେଡି ସଭାପତି ଅସନ୍ତୁଷ୍ଟ ଭାବେ ନାମାଙ୍କନ ଦାଖଲ କରିଥିବାରୁ ତାଙ୍କୁ ମନାଇବା ପାଇଁ ଦଳର ବରିଷ୍ଠ ନେତୃମଣ୍ଡଳୀ ପ୍ରୟାସ ଜାରି ରଖିଛନ୍ତି । ଜଳେଶ୍ୱରର ୩୫ଟି ପଞ୍ଚାୟତ ମଧ୍ୟରେ ଖୁଲୁଡା, ନଛିମପୁର, କୋଟସାହି, ଶ୍ୟାମନଗର, ରାଇବଣିଆ ଆଦି ପଞ୍ଚାୟତରେ ଶାସକ ବିଜେଡି ଦଳର କର୍ମୀଙ୍କ ମଧ୍ୟରେ ବିବାଦ ପରିଲକ୍ଷିତ ହୋଇଛି। ଖୁଲୁଡା ପଞ୍ଚାୟତରେ ଜ୍ୟୋତିମୟ ଆଚାର୍ଯ୍ୟ ସରପଞ୍ଚ ପ୍ରାର୍ଥୀ ହୋଇଥିବା ବେଳେ ସେହି ଦଳର ବ୍ଲକ ସଭାପତି ଭୂପତି ମିର୍ଦ୍ଧା ମଧ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନଛିମପୁର ପଞ୍ଚାୟତରେ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଓ ସୁଗୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିନେଶ କୁମାର ଜେନା ସମିତି ସଦସ୍ୟ ପଦବୀଲାଗି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କୋଟସାହି ପଞ୍ଚାୟତର ବ୍ରଜମୋହନ ପ୍ରଧାନ ଓ ରାଧାଶ୍ୟାମ ନାଥ ପ୍ରତିଦ୍ୱନ୍ଦ୍ୱିତା ଲାଗି ରଣାଙ୍ଗନକୁ ଓହ୍ଲାଇଛନ୍ତି। ଶ୍ୟାମନଗରରେ ଗିରିଜା ସାସମଲ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ବିରୋଧ କରି ଅନ୍ୟ ଜଣେ ପ୍ରାର୍ଥୀ ହୋଇଛନ୍ତି। ରାଇବଣିଆରୁ ସନ୍ଦୀପ କୁମାର ଘୋଷ ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟଜଣେ ପ୍ରାର୍ଥୀ ହେବା ଦଳୀୟ କର୍ମକର୍ତ୍ତାଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହା ବ୍ୟତିତ ବରିଷ୍ଠ ନେତା ମାନସ କୁମାର ଜେନା, ମଧୁସୂଦନ ସେନାପତି, ମମତା ହୁଇ, ବ୍ରିଜେଶ କୁମାର ରଣା ମଧ ନିଜ ପଞ୍ଚାୟତରେ ସଂରକ୍ଷଣ ଯୋଗୁ ପ୍ରାର୍ଥୀ ହୋଇପାରି ନାହାନ୍ତି। ମାନସ କୁମାର ଜେନା ଝାଡପିମ୍ପଲରେ ସମିତି ସଦସ୍ୟ ପ୍ରାର୍ଥୀ ହୋଇଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ଲାଗି ଚେଷ୍ଟା କରାଯାଉଛି ଓ ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

# ୬ ପଞ୍ଚାୟତରେ ବିଜେଡି ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ

### ସାହାରପଡ଼ାରେ ଲଢ଼େଇ ଜୋରଦାର

**ପାଟଣା,୨୫।୧(ସ୍ୱ ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୨୦ ଟି ପଞ୍ଚାୟତ ସକାଶେ ୯୧ସରପଞ୍ଚ, ୬୪ଜଣ ସମିତି ସଭ୍ୟ ଓ ୪୫୧ ୱାର୍ଡ ମେମ୍ବର ସଦସ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ମଙ୍ଗଳବାର ଥିଲା। ସଂଖ୍ୟାଧିକ ସମିତିସଭ୍ୟ ପାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ଫଳରେ ୬ଟିପଞ୍ଚାୟତରେ ବିଜେଡି ସମିତି ସଭ୍ୟ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବିଡିଓ ଈଶ୍ୱର ଚନ୍ଦ୍ର ନାଏକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସାହାରପଡ଼ା ବ୍ଲକରେ ୮୫ ସମିତି ସଭ୍ୟ, ୯୨ ସରପଞ୍ଚ ଓ ୯୫ ୱାର୍ଡ ମେମ୍ବରଙ୍କ ପ୍ରାର୍ଥିପତ୍ର କାଏମ ଥିବାରୁ ଏମାନଙ୍କ ମଧ୍ୟରେ ନିର୍ବାଚନ ହେବ।

# ବିଜେଡିର ମିଶ୍ରଣପର୍ବ

**ଭଣ୍ଡାରିପୋଖରୀ ,୨୫।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ନିକଟରେ ସମିତି ସଭ୍ୟ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିବା ଅନ୍ୟଦଳର ପ୍ରାର୍ଥୀ ବିଜେଡି ଦଳରେ ମଙ୍ଗଳାବର ସାମିଲ ହୋଇଛନ୍ତି। ଦକ୍ଷିଣବାଡ଼ ପଞ୍ଚାୟତ କହରାପୋଖରୀ ସାଶନ ଗ୍ରାମର ପଦ୍ମନାଭ ବାରିକ ଭାଜପା ଦଳରେ ଥାଇ ସମିତି ସଭ୍ୟ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଆଜି ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ଦିବସରେ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସହ ବିଜେଡି ରେ ନିଜ ସମର୍ଥକ ମାନଙ୍କ ସହ ସାମିଲ ହୋଇଛନ୍ତି। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟ ଠାରେ ଜିଲ୍ଲା ବିଜେଡି ଉପସଭାପତି ପ୍ରଣୀତକାନ୍ତି ସାମଲ ପଦ୍ମନାଭଙ୍କ ସମେତ ନୂତନ କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

# ବିଜେଡିରେ ମିଶିଲେ ଭାଜପା ନେତା



**ପାଟଣା,୨୫।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକର ଦୁଇ ନେତା ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଆନୁଷ୍ଠାନିକ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ଭାଜପାର ପୂର୍ବତନ ପାଟଣା ବ୍ଲକ ସଭାପତି ଦିଲୀପ କୁମାର ଦାଶ ଓ ପୂର୍ବରୁ ବିଜେଡି ଛାଡିଥିବା ପୂର୍ବତନ ଜିଲା ବିଜେଡି ଉପସଭାପତି ଦେବାନନ୍ଦ ପୃଷ୍ଟି ବିଧିବଦ୍ଧ ଭାବେ ବିଜେଡିରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ସଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜ ଓ ବିଜେଡି ନେତା ମିତ୍ରଭାନୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଆଚରଣ ବିଧି ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ’



ବୈଠକରେ ଉପସ୍ଥିତ ଥିବା ଅଧିକାରୀ ।

**ବାରିପଦା ଅଫିସ,୨୫।୧**

### ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ

ମୟୂରଭଞ୍ଜ ଜିଲାରେ ମୁକ୍ତ, ଅବାଧ ଓ ନିରପେକ୍ଷ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ପର୍ଯ୍ୟବେକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର କରଞ୍ଜିଆ ସବ୍‌ଡିଭିଜନ ପାଇଁ ଥିବା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ରଥ ଓ ବାରିପଦା ପର୍ଯ୍ୟବେକ୍ଷକ ଏସ. କେ. ପଟେଲ ଉପସ୍ଥିତ ରହି ଆଦର୍ଶ ଆଚରଣ ବିଧି, କୋଭିଡ୍‌ଗାଇଡ ଲାଇନର ଅନୁପାଳନ ତଥା ନିର୍ବାଚନ ପରିଚାଳନା ସମ୍ପର୍କରେ ଅବଗତ କରିଥିଲେ। ଜିଲାରେ ସ୍ୱଚ୍ଛ ନିର୍ବାଚନ ପରିଚାଳନା ପାଇଁ ରାଜନୈତିକ ଦଳ, ପ୍ରାର୍ଥୀ ଓ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି । ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

ମତଦାନ କେନ୍ଦ୍ରରେ ଏଜେଣ୍ଟ ନିଯୁକ୍ତି, ବ୍ଲକ ସ୍ତରରେ ଭୋଟ ଗଣତି ଏବଂ ଏଜେଣ୍ଟ ନିଯୁକ୍ତ ପ୍ରସଙ୍ଗରେ ଭାଜପା ଜିଲା ସଭାପତି(ପୂର୍ବ) କାନ୍ଦରା ସୋରେନ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଥିଲେ। ଦୁଇଟି ଟିକା ନେଇଥିବା ବ୍ୟକ୍ତି ମତଦାନ ଓ ଭୋଟ ଗଣତି କେନ୍ଦ୍ରରେ ଏଜେଣ୍ଟ ଭାବେ ପ୍ରବେଶ କରିବାକୁ ଅନୁମତି ପ୍ରଦାନ କରାଯିବ। ସେଥିନିମନ୍ତେ ଆବଶ୍ୟକ କାଗଜପତ୍ର ଦର୍ଶାଇବା ସହ କୋଭିଡ୍ ନିୟମକୁ ଅନୁପାଳନ କରିବାକୁ କୁହାଯାଇଛି। ଜିଲା ଓ ବ୍ଲକସ୍ତରରେ ଷ୍ଟ୍ରଙ୍ଗ ରୁମ ଓ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା, କଣ୍ଟ୍ରୋଲ ରୁମ ଓ ଆଦର୍ଶ ଆଚରଣ ବିଧି ଅନୁପାଳନ ଦିଗରେ ତଦାରଖ କରିବା ପାଇଁ ସ୍କ୍ୱାଡ୍ ଗଠନ କରିବା ଦିଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ସାଧାରଣ) ରୁଦ୍ର ନାରାୟଣ ମହାନ୍ତି, ପିଡି ଡିଆରଡିଏ ପି.ଅନ୍ୱେଷା ରେଡ୍ଡି ଓ ଅତିରିକ୍ତ ଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଭଗବାନ ଗୌଡ଼ା ଓ ସୂଚନା ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ଭୋଟର ଦିବସ

**କେନ୍ଦୁଝର, ୨୫।୧ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ମହକୁମାରେ ମଙ୍ଗଳବାର ଜିଲା ନିର୍ବାଚନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେ ନୂଆ ଭୋଟରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜିବ ବାରିକ ସ୍ୱାଗତଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ଆସିଷ୍ଟାଣ୍ଟ କଲେକ୍ଟର ରଶ୍ମିତା ସ୍ୱାଇଁଙ୍କ ସମେତ ନୂଆ ଭୋଟର, ବୁଥ୍‌ସ୍ତରୀୟ ଅଧିକାରୀ ଏହି ସମାରୋହରେ ଉପସ୍ଥିତ ଥିଲେ।

# ନୂଆ ଭୋଟରଙ୍କୁ ପରିଚୟପତ୍ର

**ବାଲେଶ୍ୱର ଅଫିସ, ୨୫।୧**



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନୂତନ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରୁଛନ୍ତି।

### ଜାତୀୟ ମତଦାତା ଦିବସ

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଦ୍ୱାଦଶ ଜାତୀୟ ମତଦାତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ଥାନୀୟ ସଦ୍‌ଭାବନା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ତଙ୍କୁ ମତଦାତାଙ୍କ କର୍ତ୍ତବ୍ୟ ସମ୍ପର୍କରେ ସଙ୍କଳ୍ପପାଠ କରାଇଥିଲେ। ଜାତୀୟ ଭୋଟର ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଜିଲାପାଳ ଆଲୋଚନା କରି ଗଣତାନ୍ତ୍ରିକ ଶାସନରେ ଭୋଟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ନିର୍ବାଚନ ମାଧ୍ୟମରେ ଭୋଟରମାନେ ନିଜ ପସନ୍ଦ ମୁତାବକ ପ୍ରତିନିଧି ବାଛି ଆଦର୍ଶ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବାର କ୍ଷମତା ରହିଛି । ତେଣୁ ଏହି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମିଲ ହୋଇ ନିର୍ବାଚନରେ ନିଜ ମତାଧିକାରକୁ ସାବ୍ୟସ୍ତ କରିବା ଏବଂ ଭୋଟ ହାର ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଶେଷ କରି ଯୁବଭୋଟରଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଜିଲାପାଳ କହିଥିଲେ । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଯୋଗଦେଇ ଜାତୀୟ ମତଦାତା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଭୋଟରମାନଙ୍କୁ କାର୍ଯ୍ୟକ୍ରମରେ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସେମାନେ ନିଜର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଜିଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନରେ ଉତ୍ତମ ପ୍ରଦର୍ଶନ କରିଥିବା ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆସିଷ୍ଟାଣ୍ଟ କଲେକ୍ଟର (ନିର୍ବାଚନ) ମନୋଜ କାର୍ଜି, ଆସିଷ୍ଟାଣ୍ଟ କଲେକ୍ଟର ସ୍ୱାଗତିକା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Ghatikia, Khandagiri, Bhubaneswar-30

**QUOTATION CALL NOTICE**

Sealed quotations are invited from Buyers & Sellers / Reputed Firms dealing in old / used official furniture & fixtures and electrical itmes etc. Interested parties may apply by **01.02.2022 (7)** days along with their supporting documents like PAN No & GST registration etc. with their highest rates for purchase of the above materials on inspection of the same lying at our Branch Office located **Utkalika, Sector-5, Rourkela**. The selected Buyers/Sellers wil lift the materials on **"as is where is basis"**. The quotation should be submitted complete in all respect to the **Branch-In-Charge, Utkalika, Sector-5, Rourkela** on or before **01.02.2022 by2.00 P.M.** and will be opened on the same day at **3.00 P.M.** in the presence of the bidders or their authorized representative. The undersigned reserves the right to accept or reject any or all the quotations without assigning any reason thereof.

Sd/- Managing Director

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 743/P.S.C.** **Dt.25.01.2022**
**1E-07-2021/22 (DR-III)**

No. D-291: It is for information of all concerned that **Computer Based Recruitment Examination (CBRE)** for recruitment to the post of **Assistant Soil Conservation Officer in Class-II (Group-B)**, pursuant to Advertisement No. **13 of 2020-21** will be held on **06.03.2022 (Sunday)**.
The detailed programme of examination will be notified shortly.
The candidates are advised to visit **(www.opsc.gov.in)** the wesbite of the Commission regularly for further information on examination related Notice(s).

**OIPR-12002/11/0226/2122** **Sd./- Secretary**

**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
**E-mail: ceworldbankprojects@gmail.com**
**1st Corrigendum to Bid Identification No. CE-W.B.P. (O) - 27/2021-22**
**File No. P-IM-Misc. 10/2008 (Pt.)**

No. B-1010: Following changes are made for the work at Sl. No. 01 to Sl. No. 20 of IFB vide Bid Identification No. CE-W.B.P. (O) - 27/2021-22.

| Reference Sl. No. of IFB | Items | Original | Revised as |
|---|---|---|---|
| 1 | 2 | 3 | 4 |
| Para - 04 | The Bid documents will be available in the website: **https://tendersodisha.gov.in** from | 12.01.2022 at 10.00 hours | 28.01.2022 at 10.00 hours |
| Para - 06 | Bids shall be received only "Online" on or before | 31.01.2022 upto 17.00 hours | 14.02.2022 upto 17.00 hours |
| Para - 07 | Bids received online shall be opened at | 11.30 hours on 01.02.2022 | 11.30 hours on 15.02.2022 |

All other terms and conditions remain unchanged.

**Sd./- Chief Engineer**
**OIPR-34003/11/0045/2122** **World Bank Project, Odisha**






ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଖାରବେଳ ଭବନ (ବାମ) ଓ ରେଳ ସଦନକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

# ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

**ନୟାଗଡ଼ ଅଫିସ/ ଭୁବନେଶ୍ୱର,୨୫।୧(ବ୍ୟୁରୋ)**

## ନୟାଗଡ଼ରେ ଏସ୍‌ଟିଏଫ ଚଢ଼ଉ

■ ଜଣେ ଗିରଫ, ୬୫.୩୨ ଲକ୍ଷ ଟଙ୍କା, ୩ ବନ୍ଧୁକ, ୪୩ ରାଉଣ୍ଡ ଗୁଳି ଜବତ

■ ମାଛ ବ୍ୟବସାୟ କହି ଭଡ଼ାଘରେ ଚାଲିଥିଲା ବେପାର

ନୟାଗଡ଼ ଟାଉନ ଥାନାଠାରୁ ୫୦୦ ମିଟର ଦୂର ଉଦୟପଥ ଲେନ୍‌ର ଏକ ଭଡ଼ା ଘରେ ଚାଲିଥିଲା ବ୍ରାଉନସୁଗାରର ହୋଲସେଲ ବ୍ୟବସାୟ। ସୋମବାର ରାତିରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏହି ଭଡ଼ାଘରେ ଚଢ଼ାଉ କରି ୩ କେଜି ୧୦୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏଥିସହ ନଗଦ ୬୫ ଲକ୍ଷ ୩୨ ହଜାର ଟଙ୍କା, ୩ଟି ପିସ୍ତଲ, ୪୩ ରାଉଣ୍ଡ ଅଫୁଟା ଗୁଳି, ୭ଟି ମାଗାଜିନ୍, ଗୋଟିଏ ଟଙ୍କା ଗଣା ମେଶିନ୍, ୪ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଓ ଗୋଟିଏ ଟାବ୍‌ଲେଟ୍ ଜବତ କରାଯାଇଛି। ଏହି ଘଟଣାରେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳର ଭିକି ରାଓଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଖୋର୍ଦ୍ଧା ଜେମାଦେଈପୁର ଅଞ୍ଚଳର ଶିବୁ ଦାସ ଫେରାର ହୋଇଯାଇଛନ୍ତି। ଭିକିଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ଭିକି ରାଓ

ଏସ୍‌ଟିଏଫ୍ ଏନେଇ ଏନ୍‌ଡିପିଏସ୍ ଓ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ.୧/୨୦୨୨) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ବଡ ର୍‍ୟାକେଟ ସମ୍ପୃକ୍ତ ରହିଛି ବୋଲି ମଙ୍ଗଳବାର କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ରହୁଥିବା ମାଲିକ ଉକ୍ତ ଘରକୁ ଭଡ଼ାରେ ଦେବା ପାଇଁ ବିଜ୍ଞାପନ ଦେଇଥିଲେ। ଶିବୁଙ୍କ ସ୍ତ୍ରୀ ମାନ୍ୟତା ମହାପାତ୍ର ମାଲିକଙ୍କ ସହ ଯୋଗାଯୋଗ କରି ଉକ୍ତ ଘରକୁ ୩ ମାସ ତଳେ ଭଡ଼ାରେ ନେଇଥିଲେ। ସେମାନଙ୍କର ଏକ ୩ ବର୍ଷର ପୁଅ ଅଛି। ସେମାନେ ମାଛ ବ୍ୟବସାୟ କରୁଥିବା ଘର ମାଲିକ ଏବଂ ଅନ୍ୟମାନଙ୍କୁ କହିଥିଲେ। ହେଲେ କେତେଜଣ ଲୋକଙ୍କୁ ରଖି ହୋଲସେଲରେ ବ୍ରାଉନସୁଗାର ବେପାର କରୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଚଢ଼ାଉ କରିବାକୁ ଯୋଜନା କରିଥିଲା। ସୋମବାର ରାତି ପ୍ରାୟ ୧୦ଟା ବେଳେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରିଥିଲା। ତେବେ ଶିବୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଭିକିଙ୍କୁ ଏସ୍‌ଟିଏଫ୍ କାବୁ କରିଥିଲା। ଏସ୍‌ଟିଏଫ୍ ଟିମ୍ ଶିବୁଙ୍କ ସ୍ତ୍ରୀ ମାନ୍ୟତାଙ୍କୁ ପଚରାଉଚରା କରି ସେଠାରୁ ଫେରି ଆସିଥିଲା।



ଜବତ ଟଙ୍କା, ପିସ୍ତଲ ଓ ଗୁଳି।

## ପରିବା ଦୋକାନରେ ବ୍ରାଉନ୍‌ସୁଗାର ବେପାର

**ଖୋର୍ଦ୍ଧା ଅଫିସ,୨୫।୧**

■ ୨୭୦ ଗ୍ରାମ୍ ବ୍ରାଉନ୍‌ସୁଗାର, ୧.୧୩ ଲକ୍ଷ ଟଙ୍କା ଜବତ

■ ବ୍ୟବସାୟୀ ଗିରଫ

ଖୋର୍ଦ୍ଧାରେ ଦିନକୁ ଦିନ ନିଶା କାରବାର ବଢ଼ିଚାଲିଛି। ବାରମ୍ବାର କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ୍), ପୋଲିସ ଏବଂ ଅବକାରୀ ବିଭାଗର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମିବାର ନାଁ ଧରୁନି। ବ୍ରାଉନ୍‌ସୁଗାର ବେପାର ଲାଗି ବେପାରୀମାନେ ନୂତନ ପନ୍ଥା ଆପଣାଉଛନ୍ତି। ପରିବା ଓ ପାନ ଦୋକାନ, ମୋବାଇଲ ଦୋକାନ ଆଳରେ ଏହି କାରବାର ଚଳାଇ ଆସୁଛନ୍ତି। ମଙ୍ଗଳବାର ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଖୋର୍ଦ୍ଧା ପ୍ରାଣୀଧନ ଚିକିତ୍ସାଳୟ ନିକଟ ଏକ ପରିବା ଦୋକାନରେ ଚଢ଼ାଉ କରି ୨୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ସହ ୧ଲକ୍ଷ ୧୩ ହଜାର ଟଙ୍କା ଜବତ କରିଛି। ଏଥିସହ କାରବାରରେ ସମ୍ପୃକ୍ତ ସାମନ୍ତରାପୁରର ରାଜେନ୍ଦ୍ର ପୃଷ୍ଟି(୪୨)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୨୭ଲକ୍ଷ ଟଙ୍କା ହେବ। ଏନେଇ ଏନ୍‌ଡିପିଏସ୍ ଆକ୍ଟ-୨୧ ଅନୁଯାୟୀ ଏକ ମାମଲା (ନଂ.୨୩୭/୨୨) ରୁଜୁ ହୋଇଛି।



### ସ୍ଥାନୀୟ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ

ଟାଉନ ଥାନାଠାରୁ ମାତ୍ର ୫୦୦ ମିଟର ଦୂରରେ ବ୍ରାଉନସୁଗାର ବ୍ୟବସାୟ ଚାଲିଥିଲା। ବିଭିନ୍ନ ବେପାରୀ ଉକ୍ତ ଘରକୁ ଆସି ବ୍ରାଉନସୁଗାର ପୁଡ଼ିଆ ନେଉଥିଲେ। ହେଲେ ଏସବୁ କଥା ସ୍ଥାନୀୟ ପୋଲିସ କିପରି ଜାଣିପାରୁ ନ ଥିଲା ତାହା ପ୍ରଶ୍ନବାଚୀ ହୋଇଛି। ସେହିପରି ପୋଲିସର ଜାଣତରେ ଏହି କାରବାର ଚାଲୁଥିବା ନେଇ ଚର୍ଚ୍ଚା ହେଉଛି। ଏସ୍‌ଟିଏଫ୍ ଚଢ଼ାଉ କରିଥିବାବେଳେ ସ୍ଥାନୀୟ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ସାଧାରଣରେ ଅଙ୍ଗୁଳି ଉଠିଛି।

### ମାନ୍ୟତାଙ୍କୁ ଏସ୍‌ଟିଏଫ୍ ହେପାଜତରେ ନେଲାନି କାହିଁକି

ଭଡ଼ାଘରେ ଟଙ୍କା ଗଣିବା ମେଶିନ ଥିଲା। ଉକ୍ତ ଘରୁ ହିଁ ପୂରା ନେଟୱର୍କ ଚାଲିଥିଲା। ବ୍ୟବସାୟରେ ଶିବୁଙ୍କୁ ମାନ୍ୟତା ସହଯୋଗ କରୁଥିଲେ। ୬ରୁ ୭ଜଣ କର୍ମଚାରୀ ମଧ୍ୟ ନିୟୋଜିତ ହୋଇଥିଲେ। ତେବେ ଏସ୍‌ଟିଏଫ୍ ଚଢ଼ଉ ବେଳେ ଶିବୁ ଖସି ପଳାଇଥିଲେ। ଏସ୍‌ଟିଏଫ୍ କେବଳ ମାନତ୍ୟଙ୍କୁ ପଚରାଉଚରା କରି ଚାଲିଆସିଥିଲା। ତାଙ୍କୁ ହେପାଜତକୁ ନେଇ ପଚରାଉଚରା କରିଥିଲେ ଆଉ କିଛି ତଥ୍ୟ ମିଳିବା ସହ ଶିବୁଙ୍କୁ ଧରିବାରେ ସହାୟକ ହୋଇଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏସ୍‌ଟିଏଫ୍ କ'ଣ ପାଇଁ ମାନ୍ୟତାଙ୍କୁ ହେପାଜତରେ ନେଲାନି ତାକୁ ନେଇ ପ୍ରଶ୍ନ ଉଠିଛି।

# ସର୍ବସାଧାରଣ ସ୍ଥାନରେ ୧୦ଜଣଙ୍କୁ ଅନୁମତି

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

## ସାଧାରଣତନ୍ତ୍ର ଦିବସ ଗାଇଡ୍‌ଲାଇନ

ବୁଧବାର ସାଧାରଣତନ୍ତ୍ର ଦିବସ। ରାଜ୍ୟ, ଜିଲା, ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସାଧାରଣତନ୍ତ୍ର ଦିବସରେ ବ୍ୟକ୍ତିଗତ ଭାବେ ନିଜ ଘରେ ପତାକା ଉତ୍ତୋଳନ ପାଇଁ ସର୍ବାଧିକ ୫ ଜଣଙ୍କୁ ଅନୁମତି ଦିଆଯାଇଛି। ସେହିପରି ସରକାରୀ ଏବଂ ଘରୋଇ ଅନୁଷ୍ଠାନ, କ୍ଲବ ଇତ୍ୟାଦି ସର୍ବସାଧାରଣ ସ୍ଥାନରେ ସର୍ବାଧିକ ୧୦ ଜଣଙ୍କୁ ନେଇ ପତାକା ଉତ୍ତୋଳନ ପାଇଁ ଅନୁମତି ମିଳିଛି। ଏ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ ପକ୍ଷରୁ ମଙ୍ଗଳବାର ଗାଇଡ୍‌ଲାଇନ ଜାରି କରାଯାଇଛି। ପତାକା ଉତ୍ତୋଳନ ବେଳେ କୋଭିଡ୍ କଟକଣା ମାନିବାକୁ ପରାମର୍ଶ ଦିଆଯାଇଛି। ସାମାଜିକ ଦୂରତା, ମାସ୍କ ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। କୋଭିଡ୍ ମହାମାରୀ ଚାଲିଥିବାରୁ ସମଗ୍ର ଦେଶରେ ସାଧାରଣତନ୍ତ୍ର ଦିବସ କିପରି ପାଳନ କରାଯିବ ସେ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାନୁୟାରୀ ୧୦ ତାରିଖରେ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ସାଧାରଣତନ୍ତ୍ର ଦିବସରେ ନିଜ ଜିଲାରେ କୌଣସି ନେତା ଓ ମନ୍ତ୍ରୀ ଅତିଥି ଭାବେ ଯୋଗ ଦେଇପାରିବେ ନାହିଁ। ଏପରିକି ସରକାରୀ ଯୋଜନା ପ୍ରଚାର ସମ୍ପର୍କିତ ପ୍ରଜ୍ଞାପନ ମେଢ଼ ସାମିଲ ହେବ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର ଗାଇଡ୍‌ଲାଇନ ଜାରି କରିଛନ୍ତି। ସାଧାରଣତନ୍ତ୍ର ଦିବସରେ ଅତିଥି ଭାବେ ଯୋଗ ଦେଉଥିବା ନେତା ଓ ମନ୍ତ୍ରୀ ନିଜ ଭାଷଣକୁ କେବଳ ରାଷ୍ଟ୍ର, ସ୍ୱାଧୀନତା ସଂଗ୍ରାମୀ, ଶହୀଦ ଓ ରାଷ୍ଟ୍ରର ଜୟଗାନ ମଧ୍ୟରେ ସୀମିତ ରଖିବେ। ଏଥିରେ କୌଣସି ପ୍ରକାର ସରକାରୀ ସଫଳତାର କାହାଣୀ କିମ୍ବା ଯୋଜନାର ସଫଳତା ସମ୍ପର୍କରେ ଉଲ୍ଲେଖ କରିପାରିବେ ନାହିଁ। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଆରଡିସି ଓ ଜିଲାପାଳଙ୍କୁ ଏହି ଗାଇଡ୍‌ଲାଇନ ଅନୁସାରେ ସାଧାରଣତନ୍ତ୍ର ଦିବସ ସମାରୋହ ପାଳନ ପାଇଁ ପରାମର୍ଶ ଦିଆଯାଇଛି।

# ମହାନଦୀ ଶଯ୍ୟାରେ ହାଇଡ୍ରୋଗ୍ରାଫିକ୍ ସର୍ଭେ

**ସମ୍ବଲପୁର,୨୫।୧(ବ୍ୟୁରୋ)**

■ ସ୍ଥିତି ନେଇ ଟ୍ରିବ୍ୟୁନାଲକୁ ରିପୋର୍ଟ ଦେବ

■ ୨ ଟିମ୍ ଦେଢ଼ମାସ ଭିତରେ ସାରିବେ

ଓଡ଼ିଶା ଓ ଛତିଶଗଡ ସରକାର ମଧ୍ୟରେ ମହାନଦୀକୁ ନେଇ ବିବାଦ ଲାଗି ରହିଛି। ଏପରିସ୍ଥଳେ ଟ୍ରିବ୍ୟୁନାଲ ନିର୍ଦ୍ଦେଶକ୍ରମେ ମହାନଦୀ ଶଯ୍ୟାର ସ୍ଥିତି (ହାଇଡ୍ରୋଗ୍ରାଫିକ) ନେଇ ସର୍ଭେ ଆରମ୍ଭ ହୋଇଛି। ମୁମ୍ବାଇସ୍ଥିତ ଏକ ଘରୋଇ କମ୍ପାନୀ ପକ୍ଷରୁ ସର୍ଭେ କରାଯାଉଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ସର୍ଭେ ଶେଷହେବା ପରେ ଟ୍ରିବ୍ୟୁନାଲ ପାଖରେ ରିପୋର୍ଟ ଦାଖଲ କରାଯିବ। ମହାନଦୀର ଗଭୀରତା, ଦୂରତା, ଦୈର୍ଘ୍ୟ, ପ୍ରସ୍ଥ, ଜଳଧାରଣ କ୍ଷମତା ଆଦି ଦିଗରେ ଏହି ଟିମ୍ ରିପୋର୍ଟ ସଂଗ୍ରହ କରୁଛି।

ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ ସାହୁ କହିଛନ୍ତି, ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ କ୍ରମେ ଶଯ୍ୟାର ବାସ୍ତବତା ଓ ପରିବର୍ତ୍ତନକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଉଛି। ଏକ ଘରୋଇ କମ୍ପାନୀର ୨ ଟିମ୍ ଏଥିରେ ନିୟୋଜିତ ଅଛନ୍ତି। ମହାନଦୀ ଉପରମୁଣ୍ଡ ୧ଶହ କି.ମି. ଓ ତଳମୁଣ୍ଡରେ ପ୍ରାୟ ୫୦ କି.ମି. ପରିଧି ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରାଯାଉଛି। ଯାହାଦ୍ୱାରା ଜଳଭଣ୍ଡାର ସ୍ଥିତିକୁ ନେଇ ବିଭାଗ ଓ ସରକାରଙ୍କ ପାଖରେ ସବିଶେଷ ରିପୋର୍ଟ ପହଞ୍ଚିପାରିବ। ଆଗକୁ ପରିଚାଳନାରେ ସୁବିଧା ହେବ। ସୂଚନାଯୋଗ୍ୟ ମହାନଦୀ ଉପରମୁଣ୍ଡରେ ଛତିଶଗଡ ବ୍ୟାରେଜ ନିର୍ମାଣ କରିବା ପରେ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ହ୍ରାସ ପାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉଭୟ ସରକାର ମଧ୍ୟରେ ବିବାଦ ଦେଖାଦେଇ ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ମହାନଦୀର ବର୍ତ୍ତମାନ ସ୍ଥିତି ଜଣାଇବା ପାଇଁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ମଧ୍ୟ ଅନେକଥର ମହାନଦୀ ଓ ହୀରାକୁଦ ଜଳଭଣ୍ଡାର ସ୍ଥିତିକୁ ନେଇ ସର୍ଭେ କରାଯାଇଛି। ଶେଷଥର ଲାଗି ୨୦୧୫ରେ ହାଇଦ୍ରାବାଦର ଏକ କମ୍ପାନୀ ସର୍ଭେ କରିଥିଲା। ଏହି ରିପୋର୍ଟରେ ଡେଡ୍ ଷ୍ଟୋରେଜରେ ୫୩ ପ୍ରତିଶତ ଓ ଲାଇଭ୍ ଷ୍ଟୋରେଜରେ ୧୭ ପ୍ରତିଶତ ସମୁଦାୟ ହାରାହାରି ୨୭ ପ୍ରତିଶତ ପଟୁମାଟି ପୋତି ହୋଇଥିବା ରିପୋର୍ଟ ଦେଇଥିଲେ। ଅନ୍ୟପଟେ ୧୯୯୭ରେ କେନ୍ଦ୍ର ଜଳ ଆୟୋଗ ଓ ରାଜ୍ୟ ସରକାର ମିଳିତ ଭାବେ ସମ୍ଭାବ୍ୟ ସର୍ବାଧିକ ବନ୍ୟା (ପିଏମ୍‌ଏଫ୍) ଅକଳନ କରିଥିଲେ। ଏଥିରେ ୨୪.୫୦ ଲକ୍ଷ କ୍ୟୁସେକ ବନ୍ୟାଜଳ ଆସିବାର ଆକଳନ ହୋଇଥିଲା। ତେଣୁ ବିଶ୍ୱବ୍ୟାଙ୍କ ସହାୟତାରେ ହୀରାକୁଦ ଜଳଭଣ୍ଡାରରେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ କାମ ହାତକୁ ନିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ବଢୁଛି ଦୁର୍ଘଟଣାଜନିତ ...

ହୋଇଥିଲେ। ଏହି ସମୟରେ ଦୁର୍ଘଟଣାଜନିତ ମୃତ୍ୟୁହାରକୁ ଅବଲୋକନ କଲେ ପୁରୀ, ନୟାଗଡ଼, କୋରାପୁଟ, ଦେବଗଡ଼, କେନ୍ଦ୍ରାପଡ଼ା ଓ ସୋନପୁର ଜିଲାରେ ମୃତ୍ୟୁହାରକୁ ସାମାନ୍ୟ ହ୍ରାସ କରାଯାଇ ପାରିଛି। ଅନ୍ୟପକ୍ଷେ ନୂଆପଡ଼ା, ଗଜପତି, ରାୟଗଡ଼ା, ଜଗତ୍‌ସିଂହପୁର (୩୩.୮୭%), ବୌଦ୍ଧ(୩୨.୦୮%), ମାଲକାନଗିରି (୨୮.୮୯%), ଝାରସୁଗୁଡ଼ା(୨୮.୫୭%), ମୟୂରଭଞ୍ଜ (୨୬.୬୦%), ଭଦ୍ରକ (୨୬.୫୮%), ଯାଜପୁର(୨୫.୬୪%), କନ୍ଧମାଳ (୨୩.୦୮%), ବରଗଡ଼ରେ (୨୧.୮୮%) ବୃଦ୍ଧି ପାଇଛି। ସେହିପରି କଟକରେ(୧୬.୭୪%), ବାଲେଶ୍ୱର (୧୫.୦୯%), ଖୋର୍ଦ୍ଧା (୧୩.୬୧%), ବଲାଙ୍ଗୀର(୧୧.୧୧%), ସୁନ୍ଦରଗଡ଼ (୯.୮୬%), ଢେଙ୍କାନାଳ (୬.୫୬%), ସମ୍ବଲପୁର(୬.୨୯%), କଳାହାଣ୍ଡି (୫.୯୮%), ଅନୁଗୋଳ(୪.୮୬%), ନବରଙ୍ଗପୁର(୪.୭୧%), ଗଞ୍ଜାମରେ (୩.୩୮%), କେନ୍ଦୁଝରରେ (୨.୫୯%) ବଢ଼ିଛି। ଅପରପକ୍ଷରେ ପୁରୀରେ (୧.୦୨%), ନୟାଗଡ଼ (୧.୪୧%), କୋରାପୁଟ (୩.୧୩%), ଦେବଗଡ଼ (୪.୭୬%), କେନ୍ଦ୍ରାପଡ଼ା(୬.୮୨%), ସୋନପୁର(୨୧.୪୩%) ମୃତ୍ୟୁହାର ହ୍ରାସ ପାଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ତତ୍ପରତା ପ୍ରକାଶ କରି ଜିଲା ସଡ଼କ ସୁରକ୍ଷା କମିଟି(ଡିଆର୍‌ଏସ୍‌ସି)ର ନିୟମିତ ବୈଠକ କରି ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଖଣି ଓ ଶିଳ୍ପ ସମୃଦ୍ଧ ଜିଲାଗୁଡ଼ିକରେ ଓଭରଲୋଡିଂ ଗାଡ଼ି ଚଳାଚଳ ବୃଦ୍ଧି ପାଇବାରେ ଲାଗିଛି। କେତେକ ଜିଲାରେ ନକଲି ଟ୍ରାନ୍‌ଜିଟ୍ ପାସ୍‌ରେ କ୍ଷମତାଠାରୁ ଅଧିକ ପଥର ଓ ବାଲି ଚାଲାଣ ହେଉଛି। ଭିଡ଼ ସମୟରେ ଖଣି ପରିବହନ ହେଉଥିବାରୁ ଲୋକଙ୍କ ଜୀବନ ପ୍ରତି ବିପଦ ହେଉଛି। ଏହି କାରବାରରେ ପୋଲିସ ଓ ପରିବହନ ବିଭାଗର କେତେଜଣ ଅଧିକାରୀଙ୍କ ପକେଟ୍ ଗରମ ହେଉଥିବାବେଳେ ସାଧାରଣ ଲୋକଙ୍କ ଜୀବନ ଯାଉଥିବା ମତ ପ୍ରକାଶ ପାଇଛି।

### ତୃତୀୟ ଲହରରେ...

ପ୍ରଭୃତି ଏହାର ଲକ୍ଷଣ। ସଂକ୍ରମିତ ବ୍ୟକ୍ତି ଲକ୍ଷଣର ୨ ଦିନ ପୂର୍ବରୁ ଓ ଆକ୍ରାନ୍ତର ୩ ଦିନ ପର୍ଯ୍ୟନ୍ତ ଅନ୍ୟମାନଙ୍କୁ ସଂକ୍ରମିତ କରିପାରନ୍ତି। ତେବେ ଓମିକ୍ରନରେ କୋଭିଡ୍ ଶେଷ ହୋଇଯିବ ନାହିଁ, ଚତୁର୍ଥ ଲହର ବି ଆସିପାରେ ବୋଲି ଡା. ଦାଶ କହିଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ଅଧିକାରୀ ଡା. ଅମରେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।

### ଭବିଷ୍ୟତ ଆହ୍ୱାନ ...

ସ୍ତରରେ ଆମ ନୀତି ପ୍ରଣେତା, ପ୍ରଶାସକ ଓ ଅନ୍ୟମାନଙ୍କ ନେତୃତ୍ୱରେ ମହାମାରୀ ମୁକାବିଲାରେ ମିଳିଥିବା ସଫଳତା ଭାରତର ଦୃଢ଼ ମନୋବଳକୁ ପ୍ରମାଣିତ କରୁଛି। ଗତବର୍ଷ ପ୍ରତିକୂଳ ସ୍ଥିତି ଦେଇ ଗତିକରିଥିବା ଅର୍ଥନୀତି ଏବେ ଆଖିଦୃଶିଆ ଅଭିବୃଦ୍ଧି ଆଡ଼କୁ ଅଗ୍ରସର ହେଉଛି।

# ଘର ଭାଙ୍ଗିଲା ଗୋଠଛଡ଼ା ହାତୀ

**ଲହୁଣୀପଡ଼ା, ୨୫।୧(ଡି.ଏନ.ଏ)**

**ବାରସୁଆଁ ରେଞ୍ଜ ଭୁତୁଡା ପଞ୍ଚାୟତ**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ବାରସୁଆଁ ରେଞ୍ଜ ଭୁତୁଡା ପଞ୍ଚାୟତର ହୁରୁମକୁଦର ଗ୍ରାମରେ ହାତୀ ଉପଦ୍ରବ ଥମୁନାହିଁ। ସୋମବାର ବିଳମ୍ବିତ ରାତିରେ ଗୋଟିଏ ଗୋଠଛଡା ହାତୀ ଗାଁକ ଭିତରକୁ ପଶିଆସି ୩ଟି ପରିବାରର ଘର ଭାଙ୍ଗି ଦେଇଛି। ଏହି ସମୟରେ ଘରେ ଥିବା ଲୋକମାନେ ନିଜ ପିଲାଛୁଆଙ୍କୁ ଧରି ବାହାରକୁ ଦୌଡ଼ି ପଳାଇବାରୁ ହାତୀ ଆକ୍ରମଣରୁ ବର୍ତ୍ତିଯାଇଛନ୍ତି। ତିନିଦିନ ତଳେ ଉକ୍ତ ଗୋଠଛଡ଼ା ଦନ୍ତା ହାତୀ ସିଙ୍ଗାରଦେଇ ପାହାଡ଼ରେ ଲୁଚି ରହିଥିଲା। ସନ୍ଧ୍ୟାରେ ପଦାକୁ ବାହାରି ଚଳପ୍ରଚଳ କରିବା ସହିତ ଉକ୍ତ ଅଞ୍ଚଳକୁ ପଶିଆସିଥିବାରୁ ସ୍ଥାନୀୟ ଲୋକମାନେ ଆତଙ୍କିତ ହୋଇପଡିଥିଲେ। ଉକ୍ତ ହାତୀଟି ପୁନର୍ବାର ଆସି ସିଙ୍ଗାରଦେଇ ପାହାଡ଼ ଜଙ୍ଗଲରେ ଲୁଚି ରହିଥିବା ଜାଣି କୁଲିପୋଷ ରେଞ୍ଜ ବନ କର୍ମଚାରୀମାନେ ଘଉଡାଉଥିବା ଜଣାପଡିଛି। ହାତୀଙ୍କୁ ଘଉଡାଇବା ପାଇଁ ବନ ବିଭାଗ ଉଦ୍ୟମ ଚଳାଇଛି।



ହାତୀ ଉପଦ୍ରବରେ ଭାଙ୍ଗିଯାଇଥିବା ଘର।

# କିଆବଣରୁ ମୁମୂର୍ଷୁ ଅବସ୍ଥାରେ ଯୁବକ ଉଦ୍ଧାର

କୁଜଙ୍ଗ,୨୫।୧(ଡି.ଏନ୍.ଏ.) : କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ପଞ୍ଚାୟତ ଅଧୀନ ଦୁଆଡିଆ ବାଲିସାହି ନିକଟସ୍ଥ କିଆବଣରୁ ମୁମୂର୍ଷୁ ଅବସ୍ଥାରେ ଜଣେ ଯୁବକଙ୍କୁ ମଙ୍ଗଳବାର ଗ୍ରାମବାସୀ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ସନ୍ଧ୍ୟା ସମୟରେ ବାଲିସାହି ଅଞ୍ଚଳର ଜଣେ ମହିଳା କିଆବଣ ବାଟ ଦେଇ ଆସୁଥିବା ବେଳେ ମଣିଷର ଚିତ୍କାର ଶୁଣି ବାଲିସାହି ପୋଲ ନିକଟରେ ଥିବା ଲୋକମାନଙ୍କୁ କହିଥିଲେ। ଏହାପରେ ସ୍ଥାନୀୟ ଲୋକେ ବଣ ଭିତରକୁ ଯାଇ ସମ୍ପୃକ୍ତ ଯୁବକଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରିଥିଲେ। ଉକ୍ତ ଯୁବକଙ୍କ ପାଟିରୁ ଫେଣ ବାହାରୁଥିବା ବେଳେ ସେ କଥା କହିପାରୁ ନ ଥିଲେ। ଖବରପାଇ ଅଗ୍ନିଶମ ଓ କୁଜଙ୍ଗ ଥାନା ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ଯୁବକଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଯୁବକଙ୍କ ସମ୍ପର୍କୀୟ କିଏ ଜଣାପଡ଼ି ନ ଥିବାରୁ କଟକ ନେବା ପାଇଁ ଡାକ୍ତର ଓ ପୋଲିସ ମଧ୍ୟରେ ବିଚାରବିମର୍ଶ ଚାଲିଛି ବୋଲି ଡାକ୍ତର ସତ୍ୟ ପ୍ରଧାନ କହିଛନ୍ତି।

# ଫୁଲଚାଷରେ ଖତ ପ୍ରୟୋଗ



ଫୁଲ ଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପରଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି। ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡ଼ୋପେଷ୍ଟ ପ୍ରୟୋଗ କରନ୍ତୁ।


# ଖରିଫ ଧାନ ଅମଳ ପରେ..

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ।



# ଚିନାବାଦାମରେ ଘାସ ବଛା

ଚିନାବାଦାମ ବୁଣିବାର ଦୁଇ ତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶମ୍ବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ ହେକ୍ସାକୋନାଜୋଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।



# ଡାଲିଜାତୀୟ ଫସଲ ବୁଣିବା ବେଳେ...



ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକ ମାସର ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ । ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ। ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ। ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ ।

# ଚାଷୀଙ୍କ ପାଇଁ..

➤ଲିଚୁ ଓ ସପେଟା ଗଛରେ ଫଳ ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

**ଫୁଲ**

➤ଖରାଟିଆ ଫୁଲ ଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

➤ଗାଈଙ୍କଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

➤ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ ।

➤ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା. ୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆକୁ ମିଶାଇ ଖାଇବାକୁ ଦିଅନ୍ତୁ ।

# ଜୈବିକ ପଦ୍ଧତିରେ ବିନ୍ ଚାଷ



ମାନସ ରଞ୍ଜନ ପଞ୍ଜନାୟକ



ଆମ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ ଲୋକ ଏପରିକି ୭୦-୭୧ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି। ଧାନ ଫସଲ, ମୁଗ, ବିରି, ହରଡ଼, ତୈଳବୀଜ ଫସଲ ବ୍ୟତୀତ ପନିପରିବା ଫସଲକୁ ଆମ ଚାଷୀ ଭାଇମାନେ ବିଶେଷ ଧ୍ୟାନ ଦେଇ ତାକୁ ଜୈବିକ ଖତ ସାହାଯ୍ୟରେ ଆଜିର ଦିନରେ ପରିଚାଳନା କରୁଛନ୍ତି। ସେଥିରୁ ବିନ୍ ଗୋଟିଏ ପରିବା ଫସଲ ଏବଂ ଏହାର ଆନ୍ତର୍ଜାତିକ ବଜାରରେ ଚାହିଦା ରହିଛି।

**ଜଳବାୟୁ :** ଏହା ଏକ ଶୀତ ଦିନିଆ ଫସଲ ମାତ୍ର। ଫୁଲବାଣୀ ଏରିଆରେ ବର୍ଷାଋତୁରେ ଚାଷ କରାଯାଇ ପାରିବ।

> "ଏକର ପ୍ରତି ୨୦-୩୦କି.ଗ୍ରା (ବୁଦାଜାତୀୟ), ୧୦-୧୨ କି.ଗ୍ରା (ଲଟାଜାତୀୟ) ବିନ୍ ବିହନ ଆବଶ୍ୟକ ହୋଇଥାଏ। ବିହନ ବୁଣିବାରେ ଏକ ଘଣ୍ଟା ପୂର୍ବରୁ ୨୦ ଗ୍ରାମ ରାଇଜୋ କଲ୍‌ଚର୍ ୪୦ ମି.ଲି. ପାଣିରେ ମିଶାଇ ଏକ କି.ଗ୍ରା ବିହନକୁ ସେଥିରେ ଗୋଳାଇ ଛାଇରେ ଶୁଖାଇଦିଅନ୍ତୁ।"

**ମୃତ୍ତିକା :** ନିଗିଡ଼ା, ଉର୍ବର, ଦୋରସା ଏବଂ ପି.ଏଚ୍-୫.୫ ରୁ ୬.୮ ଥିବା ମାଟିରେ ବିନ୍ ଚାଷ ଭଲ ହୋଇଥାଏ।

**କିସମ :** ଉନ୍ନତ ଏବଂ ଅଧିକ ଅମଳକ୍ଷମ ବିନ୍ ପାଇଁ ରୋଗପୋକ ନିରୋଧକ କିସମ ତଥା ଦେଶୀ କିସମ ବ୍ୟବହାର କରନ୍ତୁ। ମନେରଖନ୍ତୁ ବିହନ ଜୈବିକ କ୍ଷେତରୁ ସଂଗ୍ରହ କରିବା ଉଚିତ।

**ବଂଶବିସ୍ତାର :** ଏକର ପ୍ରତି ୨୦-୩୦କି.ଗ୍ରା (ବୁଦାଜାତୀୟ), ୧୦-୧୨ କି.ଗ୍ରା (ଲଟାଜାତୀୟ) ବିନ୍ ବିହନ ଆବଶ୍ୟକ ହୋଇଥାଏ। ବିହନ ବୁଣିବାରେ ଏକ ଘଣ୍ଟା ପୂର୍ବରୁ ୨୦ ଗ୍ରାମ ରାଇଜୋ କଲ୍‌ଚର୍ ୪୦ ମି.ଲି. ପାଣିରେ ମିଶାଇ ଏକ କି.ଗ୍ରା ବିହନକୁ ସେଥିରେ ଗୋଳାଇ ଛାଇରେ ଶୁଖାଇଦିଅନ୍ତୁ।



**ଲଗାଇବା ପ୍ରଣାଳୀ :** ଶୀତ ଋତୁ ପାଇଁ ପୂର୍ବରୁ ସେପ୍ଟେମ୍ବର-ନଭେମ୍ବର ଥିଲା, ମାତ୍ର ଜଳବାୟୁର ପରିବର୍ତ୍ତନ ତଥା ଡେରିରେ ଶୀତ ଆସୁଥିବାରୁ ନଭେମ୍ବର ଶେଷଭାଗରୁ ଜାନୁୟାରୀ ଶେଷ ଭାଗ ପର୍ଯ୍ୟନ୍ତ ଲଗାଯାଇପାରିବ। କିନ୍ତୁ ବର୍ଷା ଋତୁ ପାଇଁ ସେହିପରି ଜୁନ୍‌ରୁ ଜୁଲାଇ ଥିଲା। ମାତ୍ର ବର୍ତ୍ତମାନର ପାଣିପାଗ ପାଇଁ ଜୁଲାଇରୁ ଅଗଷ୍ଟ ଉପଯୁକ୍ତ ସମୟ। ଜମିକୁ ୨ରୁ ୩ ଓଡ଼ ଚାଷ କରି ମୂଳ ଖତ ସାର ପ୍ରୟୋଗ କରିବା ଦରକାର। ଏହି ଦିନ ଚାରା/ମଞ୍ଜିକୁ ବୁଦାଜାତୀୟ ଓ ଲଟାଜାତୀୟରେ ଲଗାଯାଇପାରିବ। ବୁଦା କିସମଗୁଡ଼ିକର ଗଛକୁ ଗଛ ଦୂରତା ଓ ଧାଡ଼ିକି ଧାଡ଼ି ୩୦X୫ ସେ.ମି. ଓ ଲଟାକିସମଗୁଡ଼ିକର ଗଛକୁ ଗଛ ଓ ଧାଡ଼ିକି ଧାଡ଼ି ଦୂରତା ୯୦X୭୫ ସେ.ମି. ବ୍ୟବଧାନରେ ବିଶୋଧନ କରି ବିହନକୁ ବୁଣି ମାଟିରେ ପୋତାଯାଏ।

**ସାର ପରିଚାଳନା :** ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ୬ ଟନ୍ ଶଢ଼ା କମ୍ପୋଷ୍ଟ ଏବଂ ୧୨୦ କି.ଗ୍ରା ରକ୍ ଫସ୍‌ଫେଟ୍ ମାଟିରେ ମିଶିଯାଏ। ୫୦ କି.ଗ୍ରା କମ୍ପୋଷ୍ଟ ସହ ୨ କି.ଗ୍ରା ଫସଫୋ କଲ୍‌ଚର୍ ମାଟିରେ ମିଶାଯାଏ। ୪୮ ଘଣ୍ଟା ପରେ ବୁଣିବା ପର୍ବରୁ ସିଆରରେ ଦିଆଯାଏ। କୋଡ଼ାଖୁସା ସମୟରେ ଏକର ପ୍ରତି ୧ଟନ୍ ଜିଆଖତ ଓ ୬୦ କି.ଗ୍ରା କ୍ଷେରାମିଲ୍ ନିମ୍ ପ୍ରୟୋଗ କରିବା ଉଚିତ।

**ପରବର୍ତ୍ତୀ ଯତ୍ନ :** ୩୦ ଦିନ ମଧ୍ୟରେ ୨ ଥର କୋଡ଼ାଖୁସା କରି ଗଛମୂଳକୁ ମାଟି ଟେକି ଦିଅନ୍ତୁ। ଅନାବନା ଗଛକୁ ଗଛମୂଳରେ ପକାଇ ମାଟିରେ ମିଶାନ୍ତୁ କିମ୍ବା ଛାଦୀକରଣ କରନ୍ତୁ। ମାଟିର ବତର ଦେଖି ଜଳସେଚନ କରିବା ଉଚିତ।

**ରୋଗପୋକ ଓ ପରିଚାଳନା**

**ପତ୍ର ରୋଗ ଦାଗ :** ଗୋଟିଏ ଫସଲ ବାରମ୍ବାର ଏକ ଜମିରେ କରନ୍ତୁ ନାହିଁ। ତେଣୁ କରି ସହଳ କିସମ ବାହାର କରନ୍ତୁ (ଯଥା:- ପନ୍ଥ ଅନୁପମ, ଲକ୍ଷ୍ମୀ)।

**ଜଉପୋକ :** ଫସଲରେ ନିମତେଲ ୩% ସ୍ପ୍ରେ କରିବା ଉଚିତ। ଏହା ସହିତ ଗେଣ୍ଡୁ କିମ୍ବା ଧନିଆ ବୁଣିଲେ ଅଧିକ ସିରିପିଡ୍ ମାଛି ଦେଖାଯାନ୍ତି, ଯେଉଁମାନେ ଜଉ ପୋକ ଖାଆନ୍ତି।

**ପତ୍ର ଡିଆଁ ପୋକ :** ଏକ ଲିଟର ପାଣିରେ ୧୦ ଗ୍ରାମ ସୀତା ଫଳ (ଆତପତ୍ର) ବାଟି ମିଶାଇ ଛାଣି ସ୍ପ୍ରେ କରନ୍ତୁ।

**ପତ୍ର ବିନ୍ଧାପୋକ :** ନିମ୍ବଜନିତ କୀଟନାଶକ ୩-୫ମିଲି ଏକ ଲିଟର ପାଣିରେ ସ୍ପ୍ରେ କରନ୍ତୁ।

***ଅମଳ***

ମଞ୍ଜି ଲଗାଇବାର ୪୦ ରୁ ୫୦ ଦିନରେ ବୁଦାଜାତୀୟ ବିନ୍ ଅମଳ ହୋଇପାରିବ। ଅନ୍ୟପକ୍ଷରେ ୬୦-୭୦ ଦିନରେ ଲତାଜାତୀୟ ବିନ୍ ଉତ୍ପାଦନ ହୋଇପାରିବ। ଏକର ପ୍ରତି ୩୦ ରୁ ୪୦ କୁଇଣ୍ଟାଲ୍ ବିନ୍ ଅମଳ ହୋଇପାରିବ। ଆଜିକାର ବଜାର ଦରରେ ଯଦି କିଗ୍ରା ପ୍ରତି ୫୦ କେଜି ହୁଏ ତେବେ, ୫୦X୪୦୦=୨,୦୦,୦୦୦ । ଯଦି ୩୫,୦୦୦ ରୁ ୪୦,୦୦୦ ଖର୍ଚ୍ଚ କରିବା ତେବେ ପ୍ରାୟ ୧,୬୦,୦୦୦ ଟଙ୍କା ଲାଭ ପାଇପାରିବା।

-ପ୍ରିନ୍ସିପାଲ୍, ଆଗ୍ରୋ ପଲିଟେକନିକ୍ ସେଣ୍ଟର, ଓ.ୟୁ.ଏ.ଟି, ବୌଦ୍ଧ
ମୋ-୯୪୩୯୬୩୮୦୦୪

# ଛେଳିମେଣ୍ଢାଙ୍କ ରୋଗ ଓ ପ୍ରତିକାର



ସାଧାରଣତଃ ଶୀତଦିନେ ଛେଳିମେଣ୍ଢା ବିଭିନ୍ନ ରୋଗରେ ପଡିଥାଆନ୍ତି। ସେପରି ରୋଗଗୁଡିକର କାରଣ ଏବଂ ପ୍ରତିକାର ସମ୍ପର୍କରେ ସୂଚନା..

**ପି.ପି.ଆର. ରୋଗ :** ଏହା ଛେଳିମେଣ୍ଢାଙ୍କ ଏକ ମାରାତ୍ମକ ଭୂତାଣୁଜନିତ ରୋଗ । ଏହା ଶୀତଦିନେ ଦେଖା ଦେଇଥାଏ । ରୋଗର ଲକ୍ଷଣ ହେଲା- ପ୍ରଥମେ ଛେଳିମେଣ୍ଢାଙ୍କ ଶାରୀରିକ ଉତ୍ତାପ ୧୦୪ଡିଗ୍ରୀକୁ ବୃଦ୍ଧି ଘଟେ । ତା' ପରଦିନ କାଶ ହୁଏ । ତୃତୀୟ ଦିନଠାରୁ ପତଳା ପିଚ୍‌କାରୀ ମାରିଲା ପରି ଝାଡା ହୁଏ । ଆଖିରେ ଛେନା ଛିଡ଼ିଲା ପରି ପଦାର୍ଥ ଲାଗିବା ସହିତ ପାଟିର ଉଭୟ କଡ଼ ଓ ଉପର ତାଳୁରେ କଳା ରକ୍ତ ଚିହ୍ନ ଦେଖିବାକୁ ମିଳେ । ଗର୍ଭପାତ ହୁଏ । ତା'ପରେ ଛେଳି ମେଣ୍ଢା ଦୁର୍ବଳ ହୋଇପଡନ୍ତି ଓ ରୋଗ ଆରମ୍ଭର ୭ ରୁ ୮ ଦିନ ମଧ୍ୟରେ ମୃତ୍ୟୁବରଣ କରନ୍ତି । ଏହି ରୋଗରେ ଛେଳିଙ୍କ ମୃତ୍ୟୁହାର ହେଉଛି ୪୫%-୯୦% । ମେଣ୍ଢାମାନଙ୍କ ଅପେକ୍ଷା ଛେଳିମାନେ ବିଶେଷ ଆକ୍ରାନ୍ତ ହୋଇଥାନ୍ତି । ସମସ୍ତ ଛେଳିମେଣ୍ଢାଙ୍କୁ ପି.ପି.ଆର. ଟିକା ବର୍ଷକୁ ଥରେ ଦେଇଦେବା ଉଚିତ। ଛେଳିମେଣ୍ଢାଙ୍କୁ ଲକ୍ଷଣ ଅନୁସାରେ ଚିକିତ୍ସା କରିବା ଉଚିତ । ଆଣ୍ଟିବାଓଟିକ୍-ଜେଣ୍ଟାମାଇସିନ୍ ଇଞ୍ଜେକ୍‌ସନ୍ ସହିତ ଝାଡା ହେଉଥିଲେ ଫିଟିକିରି ୫ ଗ୍ରାମ ସହିତ ଝାଡା ପାଉଡର ୧୦ ଗ୍ରାମ ଦିନକୁ ଦୁଇଥର ଦେବା ଉଚିତ ।

**ମିଇଁମିଇଁଆ ରୋଗ :** ଏହା ହେଉଛି ଛେଳିମେଣ୍ଢାଙ୍କ ଭୂତାଣୁଜନିତ ଛେଳିମୁହାଁ ରୋଗ । ଏହି ରୋଗ ହେଲେ ଛେଳିମେଣ୍ଢାଙ୍କ ମୁହଁର ତଳ ଓ ଉପର ଓଠ ଅଂଶରେ ଫୋଟକା ସୃଷ୍ଟି ହେବା ସହିତ ଫାଟିଯାଇ ଘା'ରେ ପରିଣତ ହୁଏ । ଘା'ର ଯତ୍ନ ନ ନେଲେ ଏହା ପୋକରା ହେବା ସହିତ ଜୀବାଣୁ ସଂକ୍ରମଣ ଯୋଗୁ ମୁହଁ ଫୁଲିଯା । ଯତ୍ନ ବା ଚିକିତ୍ସା ନ କଲେ ଛେଳିମେଣ୍ଢା ନ ଖାଇ ପାରିବା ଯୋଗୁ ମୃତ୍ୟୁବରଣ କରନ୍ତି। ଥରେ ଗୋଟିଏ ଛେଳିମେଣ୍ଢାକୁ ହେଲେ ଏହା ଅନ୍ୟ ସୁସ୍ଥ ଛେଳିମେଣ୍ଢାଙ୍କୁ ମାଡିଯାଏ । ଏହି ରୋଗର ଚିକିତ୍ସା ସ୍ୱରୂପ ଖାଇବା ସୋଡା କିମ୍ବା ପୋଟାସିଅମ୍ ପରମାଙ୍ଗାନେଟ୍ ମିଶ୍ରିତ ନଖ ଉଷୁମ ପାଣିରେ ଭଲଭାବେ ଧୋଇ ବୋରୋଗ୍ଲିସେରିନ୍‌କିମ୍ବା ଆଣ୍ଟିବାଓଟିକ୍‌ମଲମ ଲଗାଇଲେ ଛେଳିମେଣ୍ଢା ଶୀଘ୍ର ଆରୋଗ୍ୟ ଲାଭ କରନ୍ତି। ଏହି ରୋଗ ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଛେଳିମେଣ୍ଢାଙ୍କୁ ସୁସ୍ଥ ଛେଳିମେଣ୍ଢାଙ୍କ ଠାରୁ ଦୂରେଇ ରଖିବା ଆବଶ୍ୟକ।



**ଛେଳି ବସନ୍ତ ରୋଗ :** ଛେଳି ବସନ୍ତ ହେଉଛି ଛେଳିଙ୍କର ଏକ ମାରାତ୍ମକ ଭୂତାଣୁ ଜନିତ ରୋଗ ଏବଂ ଏହା କାପ୍ରିପକ୍ସ ଭୂତାଣୁ ଯୋଗୁ ହୋଇଥାଏ । ଏହି ଭୂତାଣୁ ମେଣ୍ଢାଙ୍କଠାରେ ମଧ ମେଣ୍ଢା ବସନ୍ତ ଅପେକ୍ଷା ମାରାତ୍ମକ ରୋଗ ସୃଷ୍ଟି କରିଥା । ଏହି ରୋଗରେ ସଂକ୍ରମିତ ଛେଳିମାନଙ୍କର ସଂଖ୍ୟା ଅଧିକ ହେବା ସଙ୍ଗେ ସଙ୍ଗେ ମୃତ୍ୟୁହାର ମଧ ଅଧିକ ହୋଇଥାଏ । ଏହି ରୋଗର ସଂକ୍ରମଣ ଅବଧି ହେଉଛି ୨ ରୁ ୧୪ ଦିନ । ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁରେ ଏହି ରୋଗର ପ୍ରାଦୁର୍ଭାବ ଅଧିକ । ଏହି ରୋଗରେ ଆକ୍ରାନ୍ତ ଛେଳିଙ୍କ ଶାରୀରିକ ଉତ୍ତାପ ବୃଦ୍ଧିପାଏ । ସଂକ୍ରମିତ ଛେଳି ବା ମେଣ୍ଢା ଦୁର୍ବଳ ଦେଖାଯାନ୍ତି, କିଛି ଖାଆନ୍ତି ନାହିଁ । ନାକରୁ ଓ ଆଖିରୁ ପାଣି ଝରେ ବା ଲେରୋ ବାହାରେ । ଉକ୍ତ ରୋଗର ଉଚ୍ଚସଂକ୍ରମିତ ଅବସ୍ଥାରେ ବସନ୍ତ ରୋଗର ଫୋଟକା ସୃଷ୍ଟି ପୂର୍ବରୁ ଛେଳିଛୁଆ ମୃତ୍ୟୁମୁଖରେ ପଡନ୍ତି । ରୋଗ ଆରମ୍ଭର ୩ ଦିନ ପରେ, ଛେଳିଙ୍କ ସର୍ବାଙ୍ଗ ଶରୀରରେ ଲାଲ ପାପୁଲସ୍ ବା ଚିହ୍ନ ଦେଖାଦିଏ । ତା'ପରେ ଏହି ଲାଲ ଚିହ୍ନ ଗୁଡିକ ଫୁଲି ଫୋଟକା ବା ଭେସିକିଲ୍‌ରେ ପରିଣତ ହୁଏ ଏବଂ ଶେଷରେ ଫାଟିଯାଇ ଘା' ସୃଷ୍ଟି ହୁଏ । ଯାହା ଫଳରେ ଛେଳିର ଶରୀରରେ ବିଶେଷକରି ପିଠି ଉପରେ ଅଲ୍‌ସର ଭଳି ଘା'ମାନ ଦେଖାଯାଏ । ଏସବୁ ଲକ୍ଷଣ ପରିପ୍ରକାଶ ହେବାପାଇଁ ପ୍ରାୟ ୫ ରୁ ୬ ସପ୍ତାହ ଲାଗିଥାଏ । ଏହି ରୋଗରୁ ଛେଳିମେଣ୍ଢାଙ୍କୁ ଶୀଘ୍ର ଆରୋଗ୍ୟଲାଭ କରିବାକୁ ହେଲେ ଲକ୍ଷଣ ଅନୁଯାୟୀ ଚିକିତ୍ସା କରିବାକୁ ହେବ ।

**ନିମୋନିଆ :** ଶୀତଦିନେ କୁହୁଡି ଓ କାକରରେ ଛେଳିମେଣ୍ଢା ଓ ଗୋରୁ ଚରି ବୁଲିଲେ ଥଣ୍ଡାର ଷ୍ଟ୍ରେସ୍ ବା ଚାପ ଯୋଗୁ ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇବା ସହିତ ଫୁସ୍‌ଫୁସ୍ ବା ଶ୍ୱାସନଳୀରେ ବିଭିନ୍ନ ଜୀବାଣୁ ସକ୍ରିୟ ହୋଇ ନିମୋନିଆ କରିଥାନ୍ତି, ଯାହାଫଳରେ ଫୁସ୍‌ଫୁସ୍ ରକ୍ତ ପୂଯପାଣିରେ ଶଢ଼ିଯାଏ ଯାହାଫଳରେ ପ୍ରାଣୀମାନେ ମୃତ୍ୟୁବରଣ କରନ୍ତି। ଶୀତଦିନେ ସାଧାରଣତଃ ପାରା ଇନ୍‌ଫ୍ଲୁଏଞ୍ଜା ଟାଇପ୍-୩ ଭୂତାଣୁ ଯୋଗୁ ଛେଳିମେଣ୍ଢାଙ୍କ ଶ୍ୱାସନଳୀ ବା ଫୁସ୍‌ଫୁସ୍ ସଂକ୍ରମିତ ହେବା ସହିତ ବିଭିନ୍ନ ଜୀବାଣୁ ସଂକ୍ରମଣ ଯୋଗୁ ନିମୋନିଆରେ ପୀଡିତ ହୋଇଥାନ୍ତି । ଭୂତାଣୁର ସଂକ୍ରମଣ ଅବଧି ହେଉଛି ପ୍ରାୟ ଏକ ସପ୍ତାହ । ଏହାପରେ ଛେଳିମେଣ୍ଢାଙ୍କ ଶାରୀରିକ ଉତ୍ତାପ ବୃଦ୍ଧିପାଏ। ନାକରୁ ପତଳା ଓ ତା'ପରେ ବହଳ ସିଙ୍ଘାଣି ବାହାରେ । ଆଖିରୁ ପ୍ରଥମେ ପାଣି ପରି ଓ ତା'ପରେ ବହଳ ଧଳା ପାଣି ଧାର ଲାଗି ରୁହେ । କାଶ ହୁଏ । ବାହ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାଓଟିକ୍ ଇଞ୍ଜେକ୍‌ସନ୍ ଡାକ୍ତରଙ୍କ ପରାମର୍ଶକ୍ରମେ ଦେବାକୁ ହେବ।

-ଡା. ବୀରକିଶୋର ପରିଡା,
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

# ମାଛ ଯାଆଁଳ ପ୍ରସ୍ତୁତି ସମୟରେ..



ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପୋଖରୀରେ ପଟୁମାଟି ମାଡିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ। ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଜଣେ ପ୍ରତିଯୋଗୀ ଶଟ୍ ଖେଳୁଛନ୍ତି।

# ଓଡ଼ିଶା ଓପନ୍ ବ୍ୟାଡ୍‌ମିଣ୍ଟନ ଆରମ୍ଭ

**ଭୁବନେଶ୍ୱର, ୨୫।୧ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକର ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ପ୍ରଥମ ଓଡ଼ିଶା ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ କ୍ୱାଲିଫିକେଶନ ଇଭେଣ୍ଟ ସହ ପୁରୁଷ, ମହିଳା ସିଙ୍ଗଲ୍ସର କେତୋଟି ମ୍ୟାଚ୍ ଆୟୋଜିତ ହୋଇଛି। ତେବେ କୋଭିଡ୍-୧୯ କାରଣରୁ ପ୍ରଥମ ଦିନରେ ଟୁର୍ନାମେଣ୍ଟ ପ୍ରଭାବିତ ହୋଇଛି। ଫଳରେ ୩୪ଟି ମ୍ୟାଚ୍‌ରୁ କେବଳ ୧୬ ମ୍ୟାଚ୍ ସମ୍ଭବ ହୋଇପାରିଛି। କୋଭିଡ୍ ପଜିଟିଭ୍ କାରଣରୁ କେତେଜଣ ଖେଳାଳି ମ୍ୟାଚ୍ ଖେଳିପାରି ନ ଥିଲେ। ତାରକା ଖେଳାଳିଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିବାବେଳେ ଓଡ଼ିଶା ଖେଳାଳି ଭାଗ ନେଇ ନ ଥିବା ଜଣାଯାଇଛି। ପୁରୁଷ ସିଙ୍ଗଲ୍ସରେ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଭାରତର ଚିରାଗ ସେନ ୨୧-୧୮, ୨୧-୧୫ରେ ନିଜ ଦେଶର ବରୁଣ କପୁରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ

## ପ୍ରଥମ ଦିନରେ କୋଭିଡ ପ୍ରଭାବ

ପ୍ରବେଶ କରିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ୧୯ ବର୍ଷରୁ କମ୍ ବର୍ଗରେ ବିଶ୍ୱର ୧ ନମ୍ବର ଖେଳାଳି ମାଇସ୍‌ନାମ ମେଇରାବା ସିଧାସଳଖ ଗେମ୍‌ରେ ନିଜ ଦେଶର ମୋହନ ସହର୍ଷଙ୍କୁ ୨୧-୧୪, ୨୧-୬ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ଭାରତର ତଲାର ଲା ୨୧-୧୯, ୨୧-୧୯ରେ ନିଜ ଦେଶର ଏସ୍. ଭାର୍ଗଭଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ପୁରୁଷ ଡବଲ୍ସ ଇଭେଣ୍ଟର ପ୍ରଥମ ରାଉଣ୍ଡ ମୁକାବିଲାରେ ଭାରତୀୟ ଯୋଡି ଅର୍ଜୁନ ବର୍ମନ ଓ ନିକୁଞ୍ଜ ପାଣ୍ଡେ ୱାକ୍ ଓଭର ପାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଭାରତର ତସନିମ ମୀର (ବିଶ୍ୱର ୧୯ ବର୍ଷରୁ କମ୍ ୧ ନମ୍ବର ମହିଳା ଖେଳାଳି) ୱାକ୍ ଓଭର ପାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ତାଙ୍କ ପ୍ରତିପକ୍ଷ ଖେଳାଳି କୋଭିଡ୍-୧୯ ପଜିଟିଭ ବୋଲି ଟେଷ୍ଟରେ ଜଣାପଡିବା ପରେ ମ୍ୟାଚ୍ ଖେଳି ନ ଥିଲେ।

# ଶୀର୍ଷ ସ୍ଥାନକୁ ଫେରିଲେ ଶେଫାଳୀ

**ଦୁବାଇ, ୨୫।୧ (ପି.ଟି.):** ସଦ୍ୟ ପ୍ରକାଶିତ ଆଇସିସି ମହିଳା ଟି୨୦ ର୍ୟାଙ୍କିଙ୍ଗ ବ୍ୟାଟର ତାଲିକାରେ ଭାରତର ସ୍ୱଳ୍ପ ବୟସ୍କା ପ୍ରତିଭା ଶେଫାଳୀ ବର୍ମା ଗୋଟିଏ ସ୍ଥାନ ପଦୋନ୍ନତି ସହ ନମ୍ବର ୱାନକୁ ଫେରିଛନ୍ତି। ଓପନିଂ ପାର୍ଟନର ସ୍ମୃତି ମନ୍ଧାନା ଗୋଟିଏ ସ୍ଥାନ ତଳକୁ ଖସି ଚତୁର୍ଥରେ ରହିଛନ୍ତି। ଅଷ୍ଟ୍ରେଲିଆର ଦୁଇ ଖେଳାଳି ବେଥ୍ ମୁନି ଓ ମେଗ୍ ଲାନିଂ ର୍ୟାଙ୍କିଙ୍ଗ ତାଲିକାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଅନ୍ୟ ଜଣେ ଆଲିସା ହିଲିଙ୍କୁ ୬ଷ୍ଠ ସ୍ଥାନ ମିଳିଛି। ଟପ୍ ୧୦ରେ ନ୍ୟୁଜିଲାଣ୍ଡର ଦୁଇ ଖେଳାଳି ରହିଛନ୍ତି। ସୋଫି ଡିଭାଇନ୍ ଓ ସୁଜି ବେଟ୍ସ ଯଥାକ୍ରମେ ୫ମ ଓ

**ଆଇସିସି ମହିଳା ଟି୨୦ ର୍ୟାଙ୍କିଙ୍ଗ**



ଶେଫାଳୀ ବର୍ମା

୭ମ ସ୍ଥାନରେ ଅଛନ୍ତି। ଶ୍ରୀଲଙ୍କାର ଚାମରି ଆଟାପାଟୁ ୬ ସ୍ଥାନ ପଦୋନ୍ନତି ପାଇ ଟପ୍ ୧୦ରେ ପ୍ରବେଶ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା କ୍ୱାଲିଫାୟର୍ସରେ ସେ ୨୨୧ ରନ ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରାଇକ୍‌ରେଟ ଓ ଆଭରେଜ ଯଥାକ୍ରମେ ୫୫.୨୫ ଓ ୧୮୫.୭୧ ରହିଥିଲା। ର୍ୟାଙ୍କିଙ୍ଗ ତାଲିକାରେ ଆଟାପାଟୁ ୮ମ ସ୍ଥାନରେ ଅଛନ୍ତି। ବୋଲର ର୍ୟାଙ୍କିଙ୍ଗର ଶ୍ରେଷ୍ଠ ୩ ସ୍ଥାନରେ କୌଣସି ପରିବର୍ତ୍ତନ ଘଟିନାହିଁ। ଇଂଲଣ୍ଡର ସୋଫି ଏକ୍ଲେଷ୍ଟୋନ୍ ଓ ସାରା ଗ୍ଲେନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକାର ଶବନିମ ଇସ୍‌ମାଇଲଙ୍କୁ ୩ୟ ସ୍ଥାନ ମିଳିଛି। ଭାରତର ଦୀପ୍ତି ଶର୍ମାଙ୍କୁ ଗୋଟିଏ ସ୍ଥାନ ପଦୋନ୍ନତି ମିଳିଛି। ସେ ଅଷ୍ଟ୍ରେଲିଆର ମେଗାନ ସ୍କଟଙ୍କୁ ହଟାଇ ୪ର୍ଥ ସ୍ଥାନ ଅଧିକାର କରିନେଇଛନ୍ତି। ଅଲରାଉଣ୍ଡର ତାଲିକାରେ ବିଶେଷ ପରିବର୍ତ୍ତନ ଦେଖିବାକୁ ମିଳିନାହିଁ।

## ପାକିସ୍ତାନ ଟୁର୍‌ରେ ଯିବ ଅଷ୍ଟ୍ରେଲିଆ

**ମେଲବୋର୍ନ, ୨୫।୧ (ପି.ଟି.):** ଅଷ୍ଟ୍ରେଲିଆ ଏହାର ସମ୍ପୂର୍ଣ୍ଣ ଦଳ ସହ ପାକିସ୍ତାନ ଟୁର୍‌ରେ ଯିବ। ସୁରକ୍ଷାଜନିତ କାରଣ ଦର୍ଶାଇ ଦଶନ୍ଧି ହେଲା ଏହି ଦେଶକୁ କୌଣସି ଆଗାଧାଡ଼ି କ୍ରିକେଟ ଦଳ ଏହି ଦେଶକୁ ଖେଳିବା ଲାଗି ଯାଇନାହାନ୍ତି। ଅଷ୍ଟ୍ରେଲିଆର ଜଣେ ହେଲେ ଖେଳାଳି ପାକିସ୍ତାନ ଟୁର୍‌ରେ ଯିବା ଲାଗି ଅସହମତି ପ୍ରକାଶ କରିନାହାନ୍ତି। ପାକିସ୍ତାନ ଶେଷ ଥର ପାଇଁ ଆଇସିସି ଇଭେଣ୍ଟ ୧୯୯୬ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କା ସହ ମିଳିତ ଭାବେ ଆୟୋଜନ କରିଥିଲା। ୨୦୦୯ରେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ଦେଶରେ ଟେଷ୍ଟ କ୍ରିକେଟ ଖେଳାଯାଇ ନ ଥିଲା। ଗତବର୍ଷ ଟି୨୦ ବିଶ୍ୱକପ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ସୁରକ୍ଷା କାରଣ ଦର୍ଶାଇ ସେମାନଙ୍କ ଟୁର୍‌ରୁ ଓହରିଯାଇଥିଲେ।

# ‘ଦେଶ ପାଇଁ ଅଧିକ ଗୌରବ ଆଣିବାକୁ ଉତ୍ସାହ ମିଳିଛି’

**ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)**



ପ୍ରମୋଦ ଭଗତ

ଦେଶର ପ୍ରଥମ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଭାବେ ଓଡ଼ିଶାର ପ୍ରମୋଦ ଭଗତ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଗତବର୍ଷ ଟୋକିଓ ପାରାଲିମ୍ପିକ୍ସର ଏସଏଲ୍-୩ ବର୍ଗ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ପାଇବା ପରେ ପ୍ରମୋଦ ବର୍ଷଶେଷ ପର୍ଯ୍ୟନ୍ତ ଚର୍ଚ୍ଚାରେ ରହିଥିଲେ। ଓଡ଼ିଶାର ପ୍ରଥମ ଆଥ୍‌ଲେଟ୍ ଭାବେ ସେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ମଧ୍ୟ ପାଇଥିଲେ। ‘‘ସତ କହିବାକୁ ଗଲେ ମୋ ପାଇଁ ଏହା ଏକ ବଡ଼ ସମ୍ମାନ। ଦେଶପାଇଁ ଅଧିକ ଗୌରବ ଆଣିବାପାଇଁ ଏହା ମୋତେ ଉତ୍ସାହିତ କରିବ ବୋଲି ସମ୍ପ୍ରତି ସ୍ପେନ୍‌ରେ ଟ୍ରେନିଂ ନେଉଥିବା ପ୍ରମୋଦ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଏସିଆନ ଗେମ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍ ଅଛି। ଏଥିପାଇଁ ମୁଁ କଠିନ ପରିଶ୍ରମ କରୁଛି ବୋଲି ପ୍ରମୋଦ କହିଛନ୍ତି। ପ୍ରମୋଦ ଚଳିତ ବର୍ଷ ଅତିକମ୍‌ରେ ୧୪ଟି ଟୁର୍ନାମେଣ୍ଟରେ ଭାଗ ନେବାକୁ ଲକ୍ଷ୍ୟ ରଖିଛନ୍ତି। ତେଣୁ ତାଙ୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବର୍ଷ। ୨୦୨୪ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବଜାୟ ରଖିବା ମଧ୍ୟ ମନରେ ରହିଛି। ତେଣୁ ଏଥିପାଇଁ ସେ ବିଦେଶରେ ଅଭ୍ୟାସ ଜାରି ରଖିଛନ୍ତି।

# ସେମିରେ ପାରାମାଉଣ୍ଟ, ପ୍ରଗତି

**ଭୁବନେଶ୍ୱର, ୨୫।୧ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଗାଡ଼କଣ ସ୍ଥିତ ଗଡ଼େଶ୍ୱର ଖେଳପଡିଆରେ ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ଓ ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ସ ସିଲ୍ଡ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଲିଗ ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୬୨ ରନରେ ସହିଦ ସ୍ପୋର୍ଟିଂକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଏହା ବ୍ୟତୀତ ପ୍ରଗତି ସ୍ପୋର୍ଟିଂ ମଧ୍ୟ ସେମିରେ ପ୍ରବେଶ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ପାରାମାଉଣ୍ଟ। ନିର୍ଦ୍ଧାରିତ

## ଗ୍ରୀନ୍ସ ସିଲ୍ଡ ଜୁନିୟର କ୍ରିକେଟ

୪୦ ଓଭରରେ ଦଳ ୪ ଉଇକେଟ ହରାଇ ୨୪୦ ରନ କରିଥିଲା। ଦଳ ପକ୍ଷରୁ ଶାଶ୍ୱତ ରାଉତ ୧୦୮(୭୩), ମୁଦିଆ କୌଶିକ ୪୦(୩୪) ରନ କରିଥିଲେ। ୨୪୧ ରନର ପିଛା କରି ସହିଦ ସ୍ପୋର୍ଟିଂ ୩୭ ଓଭରରେ ସମସ୍ତ ଉଇକେଟ ହରାଇ ୭୮ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଦେବଜ୍ୟୋତି ଦାସ ପଟ୍ଟନାୟକ ୩୯(୭୫) ରନ କରିଥିଲେ। ପାରାମାଉଣ୍ଟ ପକ୍ଷରୁ ସୟଦ ତୁଫେଲ ଅହମଦ ୪ଟି ଏବଂ ଦୁର୍ଗା ଓ ପ୍ରଜ୍ଞା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦିବାକର ମହାନ୍ତି, ପାରାମାଉଣ୍ଟର ଶାଶ୍ୱତଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟର ପ୍ରଦୀପ ଜେନା ଓ ସୁଶୀଲ ପରିଡା ପରିଚାଳନା କରିଥିବା ବେଳେ ଅନ ଲାଇନ ସ୍କୋରିଙ୍ଗରେ ଅଭିଷେକ ମହାନ୍ତି ସହାୟତା କରିଥିଲେ। ବୁଧବାର ଆୟୋଜକ ଗ୍ରୀନ୍ସ ଓ ମୁକ୍ତେଶ୍ୱର ମଧ୍ୟରେ ସେମି ପାଇଁ ମୁକାବିଲା ହେବ।

# ଇଲେଭେନ ଷ୍ଟାର୍-ୟୁନିକ ଏକାଡେମୀ ଫାଇନାଲ

**ଭଣ୍ଡାରିପୋଖରୀ, ୨୫।୧ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳ ପଡ଼ିଆରେ ଚାଲିଥିବା ୧୬ତମ ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ଫାଇନାଲ ବୁଧବାର ଇଲେଭେନ ଷ୍ଟାର

## ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

ଓ ୟୁନିକ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ। ଦୁଇଟି ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ଭଦ୍ରକର ରେଲୱେ ସହିତ ୟୁନିକ ଏକାଡେମୀ ମଧ୍ୟରେ ହୋଇଥିଲା। ଏଥିରେ ୟୁନିକ ଏକାଡେମୀ ବିଜୟୀ ହୋଇଥିଲା। ଟସ ଜିତି ବ୍ୟାଟିଂ କରିଥିବା ରେଲୱେ ୧୮ ଓଭରରେ ୮ ଉଇକେଟ ହରାଇ ୧୫୬ରନ କରିଥିଲା।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲେଲିନ ବଳଙ୍କୁ ପୁରସ୍କୃତ କରାଯାଉଛି।

ଜବାବରେ ୟୁନିକ ଏକାଡେମୀ ୧୬.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ସତ୍ୟକାମ ଭରଦ୍ୱାଜଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ସେମିଫାଇନାଲ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ସହିତ ଇଲେଭେନ ଷ୍ଟାର ଯାଜପୁର ମଧ୍ୟରେ ହୋଇଥିଲା। ଏଥିରେ ଇଲେଭେନ ଷ୍ଟାର ବିଜୟୀ ହୋଇଥିଲା। ଇଲେଭେନ ଷ୍ଟାର ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୯ ଉଇକେଟ ହରାଇ ୧୧୦ ରନ କରିଥିଲା। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୨୦ ଓଭରରେ ୯୬ ରନ କରି ଅଲଆଉଟ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଲେଲିନ ବଳଙ୍କୁ ପୁରସ୍କୃତ କରାଯାଇଥିଲା।

# ଲିପନ୍ ଆଭେଞ୍ଜର ଜିତିଲା ପିପିଏଲ୍

**ଭୁବନେଶ୍ୱର, ୨୫।୧ (କ୍ରୀଡ଼ା ପ୍ରତିନିଧି)**

ଦି କ୍ଲବ ପକ୍ଷରୁ ଆୟୋଜିତ ପ୍ରଶାନ୍ତିବିହାର ପ୍ରିମିୟର ଲିଗ୍ (ପିପିଏଲ୍ - ୫) ସଟ୍ ବାଉଣ୍ଡାରୀ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏଚ୍‌ଆରଏ ଷ୍ଟ୍ରିକର୍ସଙ୍କୁ ହରାଇ ଲିପନ୍ ଆଭେଞ୍ଜର ଚାମ୍ପିୟନ ହୋଇଛି। ତିନି ଦିନ ଧରି ୬ଟି ଦଳ ମଧ୍ୟରେ ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଲିପନ୍ ଆଭେଞ୍ଜର ଓ ଏଚ୍‌ଆରଏ ଷ୍ଟ୍ରିକର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଭେଞ୍ଜର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ ଉଇକେଟ ହରାଇ ୫୦ ରନ କରିଥିଲା। ଜବାବରେ ଷ୍ଟ୍ରିକର୍ସ ୮ ଓଭରରେ ୪୦ ରନ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି, ସାମାଜିକ କର୍ମୀ ମିହିର କୁମାର ରାଉତ ଓ ସୌରଭ ସେହେଗାଲ (ପୂର୍ବତନ



ଚାମ୍ପିୟନ ଲିପନ୍ ଆଭେଞ୍ଜର ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ରଣଜୀ ଖେଳାଳି) ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅମିତ ସିଙ୍ଘାନିଆ, ଚକ୍ରଧର ମାଝି, ହରିଶ ମୁର୍ମୁ, ଅରୁଣ ବେହେରା, ଅନୁକୂଳ ପ୍ରହରାଜ, ନିରଞ୍ଜନ ବାରିକ, ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

## ଷ୍ଟାଡିୟମ ବାହାରେ ଦଳାଚକଟାରେ ୮ ମୃତ, ୩୮ ଆହତ

**ୟାଓଣ୍ଡୋ, ୨୫।୧ (ଏପି):** କାମେରୁନ୍‌ରେ ଚାଲିଥିବା ଆଫ୍ରିକାନ୍ କପ୍ ଅଫ୍ ନେଶନ୍ସ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ମ୍ୟାଚ ବେଳେ ଷ୍ଟାଡିୟମ ବାହାରେ ଦଳଚକାଟା ଘଟି ୮ଜଣ ଲୋକ ପ୍ରାଣ ହରାଇଥିବାବେଳେ ଅନ୍ୟ ୩୮ଜଣ ଆହତ ହୋଇଛନ୍ତି। ୭ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି। ସୋମବାର ରାତିରେ କାମେରୁନ୍ ରାଜଧାନୀ ୟାଓଣ୍ଡୋସ୍ଥିତ ଓଲେମ୍ବେ ଷ୍ଟାଡିୟମ ବାହାରେ ଏହି ଘଟଣା ଘଟିଛି। ଆହତମାନେ ୪ଟି ଭିନ୍ନ ଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଦେଶର ଯୋଗାଯୋଗ ବିଭାଗ ମନ୍ତ୍ରୀ ରେନି ସ୍ୟାଡି କହିଛନ୍ତି। ଆଫ୍ରିକାର ଟପ୍ ଫୁଟବଲ ଟୁର୍ନାମେଣ୍ଟର କାମେରୁନ୍ ବନାମ କୋମୋର୍ସ ନକ୍‌ଆଉଟ ମ୍ୟାଚରେ ପ୍ରବଳ ଜନଗହଳି ହେବ ବୋଲି ପୂର୍ବରୁ ଆଶା କରାଯାଉଥିଲା। ବହୁସଂଖ୍ୟକ ଫୁଟ୍‌ବଲପ୍ରେମୀ ଏକ ସଙ୍ଗରେ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବା ଲାଗି ଉଦ୍ୟମ କରୁଥିବା ବେଳ ଏହି ଦଳାଚକଟା ହୋଇଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ସମର୍ଥକଙ୍କ ଭିଡ ରହିଥିବା ବେଳେ ସୁରକ୍ଷା କର୍ମୀ ଷ୍ଟାଡିୟମର ଦକ୍ଷିଣ ପାର୍ଶ୍ୱ ଗେଟ୍ ଖୋଲି ଦେବାରୁ ଦଳାଚକଟା ହୋଇଥିଲା।

## ମୁମ୍ବାଇ-ନର୍ଥଇଷ୍ଟ ମ୍ୟାଚ ଡ୍ର

**ଫତୋର୍ଦ୍ଦା, ୨୫।୧:** ଇଣ୍ଡିଆନ ସୁପରଲିଗ୍‌ରେ ମଙ୍ଗଳବାର ମୁମ୍ବାଇ ସିଟି ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ମୁମ୍ବାଇ ପକ୍ଷରୁ ଅହମଦ ଜୋଗ୍ଣୁଆ ୩୦ ଓ ନର୍ଥଇଷ୍ଟର ମହମ୍ମଦ ଇର୍ସାଦ ଥାଇଭାଲ୍ଲାପି ୭୯ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମୁମ୍ବାଇର ଆମି ରାନାୱାଡେ ୯୦+୩ ମିନିଟରେ ରେଡ୍‌କାର୍ଡ ପାଇଥିଲେ। ମୁମ୍ବାଇ ୧୨ ମ୍ୟାଚରୁ ୧୮ ପଏଣ୍ଟ ସହିତ ୪ର୍ଥ ସ୍ଥାକୁ ଉନ୍ନୀତ ହୋଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ